୬ ବୈଭବ ସୂର୍ଯ୍ୟବଂଶୀଙ୍କୁ ମିଳିଲା ଅଧିନାୟକ ପଦ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ଫ୍ରଦମ୍ଭୁ ବାଧ୍ୟ ଏଣ୍ଡ୍ରୁ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୩୬ ● ୩ ଜାନୁଆରୀ ୨୦୨୬, ଶନିବାର ● ଭୁବନେଶ୍ୱର ● Vol -32 ● Issue-336 ● 3rd January 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୨୦ ବର୍ଷର ଇତିହାସରେ ଭିଜିଲାନ୍ସ ବିଭାଗର ସର୍ବାଧିକ ସଫଳତା

# ୧୦୮ ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡ ବିଧାନ

**ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**



ଗତ ୨୦ ବର୍ଷର ଇତିହାସକୁ ପଛରେ ପକାଇ ଓଡ଼ିଶା ଭିଜିଲାନ୍ସ ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛି। ସରକାରଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଯୋଗୁ ରାଜ୍ୟରେ ଭିଜିଲାନ୍ସ ବିଭାଗ ସକ୍ରିୟ ଭାବରେ କାର୍ଯ୍ୟକରି ଦୁର୍ନୀତିଖୋର୍ ମାନଙ୍କୁ ଧରିବାରେ ସଫଳ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଭିଜିଲାନ୍ସ ବିଭାଗର ଏକ ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି।

ବୈଠକର ଆଲୋଚନାରୁ ଜଣାପଡିଛି, ୨୦୨୫ ଏପ୍ରିଲ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ୧୨୫ ଟି କେସ୍‌ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଏକ ରେକର୍ଡ । ପୂର୍ବରୁ ଏହି ୯ ମାସର ସମୟ ଅବଧି ମଧ୍ୟରେ ରାଜ୍ୟ ସରକାର କେବେ ବି ଏତେ ସଂଖ୍ୟକ କେସ୍ ତଦନ୍ତ କରିବା ପାଇଁ ଦେଇ ନାହାନ୍ତି ।

ଏଥିସହିତ ୨୦୨୫ ମସିହାରେ ସମୁଦାୟ ୪୮୮ଟି କେସ୍‌ର ଫଏସଲା ହୋଇଛି । ସର୍ବାଧିକ ୧୭୩ଟି ଆୟବହିର୍ଭୁତ ସମ୍ପତି ଜନିତ କେସ୍‌ର ଫଏସଲା ହୋଇଛି। ଏହା ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ।

ସୂଚନାଯୋଗ୍ୟ ଯେ, ଦୁର୍ନୀତି ବିରୋଧରେ ଆକ୍ରମ ମୋଡ୍‌ରେ ସରକାର କାର୍ଯ୍ୟ କରୁଥିବାରୁ ଓଡିଶା ସାରା ଭାରତରେ ପ୍ରଶଂସିତ ହେଉଛି ଏବଂ ମୁଖ୍ୟମନ୍ତ୍ରୀଙ୍କର ଶୂନ୍ୟ ସହନଶୀଳତା ନୀତିକୁ ପାଥେୟ କରି ରାଜ୍ୟ ଭିଜିଲାନ୍ସ ଏକାଡେମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିଛି । ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍ସ ଏକାଡେମୀକୁ ଆଇଏସଓ ୯୦୦୧:୨୦୧୫ ସାର୍ଟିଫିକେଟ୍ ମିଳିଛି । ଏହି ସାର୍ଟିଫିକେଟ ଏକାଡେମୀକୁ ଆସନ୍ତା ତିନି ବର୍ଷ ପାଇଁ ମିଳିଛି । ଏହି ସାର୍ଟିଫିକେଟ ପାଇଁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ଏକାଡେମୀ ଓ *(ପୃଷ୍ଠା ୭ରେ)*

# ଆତଙ୍କବାଦରୁ ଆମ ଲୋକଙ୍କୁ ସୁରକ୍ଷା ଦେବା ଆମ ଅଧିକାର

**ଚେନ୍ନାଇ, ୨।୧**



ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର କହିଛନ୍ତି ଯେ ପଡ଼ୋଶୀମାନେ ଖରାପ ହୋଇପାରନ୍ତି, କିନ୍ତୁ ଦୁର୍ଭାଗ୍ୟବଶତଃ ସେମାନେ ଆମର। ଯଦି କୌଣସି ଦେଶ ଜାଣିଶୁଣି, ନିରନ୍ତର ଏବଂ ଅନୁତାପ ନକରି ଆତଙ୍କବାଦ ଜାରି ରଖିବାକୁ ନିଷ୍ପତ୍ତି ନିଏ, ତେବେ ଆମର ଲୋକଙ୍କୁ ଏଥିରୁ ରକ୍ଷା କରିବାର ଅଧିକାର ଆମର ଅଛି।

ଶୁକ୍ରବାର ଆଇଆଇଟି ମାଡ୍ରାସରେ ଏକ କାର୍ଯ୍ୟକ୍ରମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି ଯେ ଆମେ ଏହି ଅଧିକାରକୁ କିପରି ବ୍ୟବହାର କରୁ ତାହା ଆମ ଉପରେ ନିର୍ଭର କରେ। ଆମେ କ'ଣ କରିବା ଉଚିତ କିମ୍ବା ନ କରିବା ଉଚିତ ତାହା କେହି କହିପାରିବେ ନାହିଁ। ଆମେ ନିଜକୁ ସୁରକ୍ଷା ଦେବା ପାଇଁ ଯାହା କରିବାକୁ ପଡିବ ତାହା କରିବୁ।

ବାଂଲାଦେଶରେ ଅଶାନ୍ତି ସମ୍ପର୍କରେ ବୈଦେଶିକ ମନ୍ତ୍ରୀ କହିଛନ୍ତି, "ମୁଁ ମାତ୍ର ଦୁଇ ଦିନ ପୂର୍ବରୁ ବାଂଲାଦେଶରେ ଥିଲି। ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ବେଗମ ଖାଲେଦା ଜିଆଙ୍କ ଅନ୍ତିମ ସଂସ୍କାରରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯାଇଥିଲି। ଆମର ଅନେକ ପ୍ରକାରର ପଡ଼ୋଶୀ ଅଛନ୍ତି।

ଯଦି ଜଣେ ପଡ଼ୋଶୀ ଆପଣଙ୍କ ପାଇଁ ଭଲ, କିମ୍ବା ଅତି କମରେ ଆପଣଙ୍କ ପାଇଁ କ୍ଷତିକାରକ ନୁହେଁ, ତେବେ କୌଣସି ଅସୁବିଧା ନାହିଁ। ଯେଉଁଠାରେ ଭଲ ପଡ଼ୋଶୀ ଭାବନା ଅଛି, ଭାରତ ନିବେଶ କରେ, ଭାରତ ସାହାଯ୍ୟ କରେ, ଭାରତ ଅଂଶୀଦାର କରେ।

ଭାରତ ବିଶ୍ୱର ସର୍ବପୁରାତନ ସଭ୍ୟତା ମଧ୍ୟରୁ ଗୋଟିଏ, ଯାହା ଆଜି ଏକ ଆଧୁନିକ ରାଷ୍ଟ୍ର ଭାବରେ ବିଦ୍ୟମାନ। ଭାରତର ଇତିହାସ ଏବଂ ଐତିହ୍ୟ ବିଷୟରେ ସ୍ପଷ୍ଟ ଧାରଣା ଅଛି, ଯାହା କିଛି ଦେଶ ପାଖରେ ଅଛି। ଭାରତ ସଚେତନ ଭାବରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ଗ୍ରହଣ କରିଛି। ଯାହା ଗଣତନ୍ତ୍ରକୁ ଏକ ବିଶ୍ୱ ରାଜନୈତିକ ଆଦର୍ଶ କରିଛି। ଭାରତର ଦାୟିତ୍ୱ ହେଉଛି ବିଶ୍ୱ ସମ୍ମୁଖରେ ଏହାର ଚିନ୍ତାଧାରା, ସଂସ୍କୃତି ଏବଂ ଇତିହାସ ଉପସ୍ଥାପନ କରିବା।

ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ସହଭାଗିତା ଅତ୍ୟାବଶ୍ୟକ ଏବଂ ସେଗୁଡ଼ିକୁ ସକାରାତ୍ମକ ଉପାୟରେ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଲୋକସେବା ଭବନରେ ରିଲ୍ସ ନେଇ ଉଦବେଗ ପ୍ରକାଶ କଲେ ଆଇନମନ୍ତ୍ରୀ।
- ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା-୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶ।
- ସ୍ୱିଜରଲାଣ୍ଡ ସ୍କି ରିସର୍ଟରେ ଅଗ୍ନିକାଣ୍ଡରେ ୪୭ ମୃତ: ୫ଦିନ ରାଷ୍ଟ୍ରୀୟ ଶୋକ ପାଳନ।
- କୁହୁଡି କାରଣରୁ ଚିଲିକା ହ୍ରଦରେ ନୌକା ସେବା ସ୍ଥଗିତ।
- ଯାଜପୁର ଜିଲ୍ଲାରେ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍।
- ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ପରଲୋକ।
- ଉତ୍ତରାଖଣ୍ଡର ଜୋଶୀମଠରେ ଏକ ସେନା ଶିବିର ଗୋଦାମରେ ହଠାତ୍ ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ବ୍ୟାପକ କ୍ଷୟକ୍ଷତି।
- ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି ବେଲୁଚିସ୍ତାନ ନେତା।

# ମେଡିକାଲ ଛକରେ ଦୁର୍ଘଟଣା : ବୋଲେରୋ ଧକ୍କାରେ ନାବାଳକ ମୃତ

**ପୁରୀ, ୨।୧ : ନ୍ୟୁଜ୍ ବ୍ୟୁରୋ**

ମେଡ଼ିକାଲ ଛକ ଆଡୁ ଶ୍ରୀମନ୍ଦିର ଆଡ଼କୁ ବୋଲେରୋ ଗାଡ଼ି ଆସୁଥିବା ବେଳେ ଅନ୍ୟପଟେ ଏକ ସ୍କୁଟିରେ ଜଣେ ବ୍ୟକ୍ତିଙ୍କ ସହ ତାଙ୍କ ନାବାଳକ ନାତି ଓ ଅନ୍ୟ ଜଣେ ନାବାଳକ ଆସୁଥିଲେ । ଏହି ସମୟରେ ବଳଗଣ୍ଡି ଛକ ନିକଟରେ ସ୍କୁଟିକୁ ପଛଆଡୁ ବୋଲେରୋ ଧକ୍କା ଦେଇଥିଲା । ଯାହା ଫଳରେ ସ୍କୁଟିରେ ଯାଉଥିବା ତିନି ଜଣ କିଛି ବାଟ ଘୋଷାଡି ହୋଇ ଯିବା ସହ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ବୋଲେରୋ ଚାଳକଙ୍କୁ କାବୁ କରିଥିଲେ। ତେବେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଦୁଇଜଣଙ୍କ ଚିକିତ୍ସା ଜାରି ରହିଛି । ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା



ସହ ଗାଡ଼ି ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।

ପୁରୀ ଦୁର୍ଘଟଣାରେ ୫ ବର୍ଷୀୟ ନାବାଳକ ଶ୍ରେୟାଂଶ ଦେଉର ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ମେଡିକାଲ ଛକରେ ମୃତଦେହ ରଖି ସ୍ଥାନୀୟ ଲୋକ ଧାରଣାରେ ବସିଥିଲେ। ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପୁରୀ ଏସ୍‌ପି ପ୍ରତୀକ ସିଂ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ହ୍ରାସ ପାଇଥିଲା।

## ୪ଲକ୍ଷ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ପୁରୀ, ୨।୧ : ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ପୁରୀ ବଡଦାଣ୍ଡ ବଳଗଣ୍ଡି ଛକରେ ଘଟିଥିବା ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ବର୍ଷର ନାବାଳକଙ୍କ ପରିବାରକୁ ଅନୁକମ୍ପା ରାଶି ଘୋଷଣା କରାଯାଇଛି । ୪ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଶୁକ୍ରବାର ସକାଳେ ବଳଗଣ୍ଡି ଛକରୁ ବାହାରୁ ଥିବା ବୋଳେ ବଡଦାଣ୍ଡ *(ପୃଷ୍ଠା ୭ରେ)*

# ଶ୍ରୀମନ୍ଦିର ଧାଡ଼ି ଦର୍ଶନ ବ୍ୟବସ୍ଥାରେ ତ୍ରୁଟି : ଖୁବଶୀଘ୍ର ହେବ ସମାଧାନ

**ପୁରୀ, ୨।୧**
**ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ଧାଡି ଦର୍ଶନ ବ୍ୟବସ୍ଥାରେ ତ୍ରୁଟି। ଧାଡି ଦର୍ଶନ ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ହିଁ ତ୍ରୁଟି ଧରାପଡିଛି । ଯାହାର ସମାଧାନ ଖୁବଶୀଘ୍ର କରାଯିବ । ସମ୍ପୂର୍ଣ୍ଣ ବ୍ୟବସ୍ଥିତ ହେବା ପରେ ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥା ଲାଗୁ କରାଯିବ । ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ତ୍ରୁଟିର ସମାଧାନ ପାଇଁ ଦାୟିତ୍ୱରେ ଥିବା ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି । ବ୍ୟବସ୍ଥା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେଲେ ହିଁ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହାଦ୍ୱାରା ଭକ୍ତଙ୍କ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥାକୁ ଆହୁରି ସହଜ ଓ ସୁଗମ କରାଯାଇପାରିବ । ପୁରୀବାସୀଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ ନେଇ



ଯେଉଁ ଦାବି ଥିଲା ତାହାକୁ ତର୍ଜମା କରାଯିବ ବୋଲି କହିଛନ୍ତି ମନ୍ତ୍ରୀ । ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଧାଡି ଦର୍ଶନ ବ୍ୟବସ୍ଥା କରିଛନ୍ତି ସରକାର ।

ଶ୍ରୀକ୍ଷେତ୍ରରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ଶ୍ରୀଜଗନ୍ନାଥ ବିଶ୍ୱ ଆଧାତ୍ମିକ ସମାବେଶ ୨୦୨୬ । ଏଥିରେ ଦେଶ ବିଦେଶର ସାଧୁ ସନ୍ଥ ଓ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି । ସମାବେଶକୁ ଉଦଘାଟନ କରିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ଜଗଦଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ। ତିନି ଦିନ ଧରି ଚାଲିବାକୁ ଥିବା ବିଶ୍ୱ ଆଧାତ୍ମିକ ସମାବେଶରେ ମୋଟ ୬ଟି ଅଧିବେଶନରେ ମହାପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କରେ ଆଲୋଚନା ହେବ । ବିଶେଷ କରି ବିଦେଶରେ ଅଦିନିଆ ରଥଯାତ୍ରା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହେବ । ଏହାକୁ କେମିତି ବନ୍ଦ କରାଯିବ ସେ ଉପରେ ବିଚାରବିମର୍ଶ କରାଯିବ । ଏଥିସହ ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଚେତନାର ଜାଗରଣ, ଶ୍ରୀଜଗନ୍ନାଥ ଧାମ ନାମକରଣ ପ୍ରସଙ୍ଗ, ସବୁଠି ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ଐକ୍ୟତା ପ୍ରସଙ୍ଗରେ ଆଲୋଚନା ପାଇଁ ସୂଚୀବଦ୍ଧ କରାଯାଇଛି । ସମାବେଶରେ ଆମେରିକା, କେନିଆ, ତାଞ୍ଜାନିଆ, *(ପୃଷ୍ଠା ୭ରେ)*

## ଦେଓରଞ୍ଜନ କୁମାର ସିଂହ ଉନ୍ନୟନ କମିଶନର, ହେମନ୍ତ ଶର୍ମା ଗୃହ ବିଭାଗ ଏସିଏସ୍ ଭାବେ ଦାୟିତ୍ୱ ନେଲେ





**ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଲୋକସେବା ଭବନରେ ନୂତନ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଦେଓରଞ୍ଜନ କୁମାର ସିଂହ। ପୂର୍ବରୁ ଅନୁ ଗର୍ଗ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଥିଲେ। ସେ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେବା ପରେ ସେହି ପଦବୀ ଖାଲିପଡ଼ିଥିଲା। ୧୯୯୩ ବ୍ୟାଚ୍ ଆଇଏଏସ୍ ଅଧିକାରୀ *(ପୃଷ୍ଠା ୭ରେ)*

## ଆତ୍ମନିର୍ଭର ଭାରତ ଗଠନର ସଂଗ୍ରାମରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**

ଡକ୍ଟର ମହତାବଙ୍କ ଜୀବନ କାଳ ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନ ଏବଂ ତା ପରବର୍ତ୍ତୀ ପର୍ଯ୍ୟାୟରେ ଓଡିଶାରେ ଯେ କୌଣସି ଆନ୍ଦୋଳନ ହୋଇଛି କିମ୍ବା ପ୍ରତିବାଦର ସ୍ୱର ଉଠିଛି, ତା'ର ନେତୃତ୍ୱ ମହତାବ ନେଇଛନ୍ତି କିମ୍ବା ସେହି ଆନ୍ଦୋଳନ ପଛରେ ଡକ୍ଟର ମହତାବଙ୍କ ଦୃଢ ପ୍ରେରଣା ରହିଛି ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡକ୍ଟର ମହତାବଙ୍କ ଶ୍ରାଦ୍ଧ ବାର୍ଷିକୀ ତଥା ୩୧ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଅବସରରେ କହିଛନ୍ତି।



ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଡକ୍ଟର ମହତାବଙ୍କ ମହାପ୍ରୟାଣ ଦିବସରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରାଯିବା ଏକ ଅପୂର୍ବ ସଂଯୋଗ ଏବଂ ଏହା ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଦେଶର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମଧ୍ୟରେ ଡକ୍ଟର ମହତାବଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି।

ଏହି ଅବସରରେ ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳରେ ଡକ୍ଟର ମହତାବଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ସ୍ଥାପନ ସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗଙ୍କ ପାଇଁ କୁଟୁମ୍ବ ଯୋଜନା ପ୍ରକ୍ରିୟାରେ ରହିଛି, ଖୁବ୍‌ଶୀଘ୍ର କାର୍ଯ୍ୟକାରୀ *(ପୃଷ୍ଠା ୭ରେ)*

## ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପାଇଥିବା ଗାଡ଼ିକୁ ଜାନୁଆରୀ ୧୦ରୁ ମିଳିବ ସବୁଜ ଷ୍ଟିକର୍

**ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୦ ତାରିଖରୁ ମିଳିବ ଗ୍ରୀନ୍ ଷ୍ଟିକର୍। ପଲ୍ୟୁସନ୍ ସାର୍ଟିଫିକେଟ୍ ପାଇଥିଲେ ଗ୍ରୀନ୍ ଷ୍ଟିକର୍ ମିଳିବ। ୧୦ ତାରିଖ ପୂର୍ବରୁ ପିୟୁସିସି କରିଥିଲେ ଆରଟିଓରୁ ଆଣିପାରିବେ। ୧୦ତାରିଖ ପରେ କଲେ ପିୟୁସିସି ଟେଷ୍ଟିଂ ସେଣ୍ଟରରେ ମିଳିବ। ସବୁ ଆରଟିଓରେ ସ୍ପେଶାଲ୍ କାଉଣ୍ଟର ଖୋଲାହେବ। ଷ୍ଟିକର୍ ଦେବା ଆଗରୁ ପଲ୍ୟୁସନ୍ ସାର୍ଟିଫିକେଟ୍ ଚେକ୍ ହେବ। ଆରସି ଏବଂ ବାହନ ଡାଟାବେସ୍ ଯାଞ୍ଚ କରାଯିବ। ଅରିଜିନାଲ୍ ପିୟୁସିସି, ଆରସି କପି ଦେଖାଇବାକୁ ପଡ଼ିବ। ଗାଡ଼ି ମାଲିକ ପରିଚୟପତ୍ର ଦେଖାଇବା *(ପୃଷ୍ଠା ୭ରେ)*

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୬୨୦ (+୧୧୪) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୪୮୫ (+୧୦୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୨୧୫ (+୮୬) |

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୬୦ (+୪)

## ଏକାଳ ପଖାଳ




ଦୁର୍ନୀତି କରିକି ବନ୍ଧା ହେଉଛନ୍ତି
ତାଲିକାଟା ଯାଏ ଲମ୍ବି
ନିଇତି ଧରପଗଡ ଚାଲିଛି
ଲାଗୁଛି ଏଗୁଡା ଜମ୍ବି
ମାୟାମୋହ ମୋଡିଦିଏ ଚାବି
ଆହୁରି ଜାଲରେ ଧରାପଡିବେ
ହେଉଥିବେ ଯେତେ ଲୋଭି।

# ଆଜି ଆକାଶରେ ଦିଶିବ ସୁପରମୁନ୍



**ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**

ଏ ବର୍ଷ ଆକାଶରେ ଦେଖାଯିବ ସୁପରମୁନ୍ । ସୁପରମୁନ୍ ଓ ମାଇକ୍ରୋମୁନ୍ ଭଳି ମହାଜାଗତିକ ଦୃଶ୍ୟ ଏବର୍ଷ ଆକାଶରେ ଦୃଶ୍ୟମାନ ହେବ । ଜାନୁଆରୀ ୩ ତାରିଖରେ ଏହି ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ ।

ଆମେ ଜାଣିଛେ ଯେ ଚନ୍ଦ୍ର ପୃଥିବୀ ଚାରିପଟେ ଘୂରିବା ପାଇଁ ପ୍ରାୟ ୨୭ ଦିନରୁ ଅଧିକ ସମୟ ଲାଗିଥାଏ। ଆଉ ସବୁଠାରୁ ନିକଟରେ ଥିଲାବେଳେ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେ ଧୀରେ ଏହା ୪.୦୬ ଲକ୍ଷ ଦୂରକୁ ଚାଲିଯାଏ। ଜ୍ୟୋତିଷ ରିଚାର୍ଡ୍ ନଲଙ୍କ ପରିଭାଷାରେ ଯଦି ଚନ୍ଦ୍ର ପୃଥିବୀଠାରୁ ୩.୬୩ ଲକ୍ଷ କିଲୋମିଟର ବା ତାଠାରୁ ନିକଟରେ ଥିବା ସମୟରେ ପୂର୍ଣ୍ଣମୀ ପଡିଥାଏ ତେବେ ସେହି ଚନ୍ଦ୍ରକୁ ସୁପରମୁନ୍ କୁହାଯାଏ। ସେ ସମୟରେ ଚନ୍ଦ୍ର ଆମକୁ ବିଶାଳ ଓ ଉଜ୍ଜ୍ୱଳମୟ ଦେଖାଯାଏ। ପ୍ରତ୍ୟେକ ବର୍ଷ ଭଳି ଏହି ଘଟଣା, ଚଳିତ ବର୍ଷ ମଧ୍ୟ ଦୁଇରୁ ତିନିଥର ଘଟିବାକୁ ଯାଉଛି।

ଶନିବାର ମହାକାଶରେ ଏହି ସୁପରମୁନ୍ ଦେଖାଯିବ। ଚନ୍ଦ୍ର ପୃଥିବୀଠାରୁ ପ୍ରାୟ ତିନି ଲକ୍ଷ ୬୨ହଜାର କିଲୋମିଟର ଦୂରରେ ରହିବ। ସାଧାରଣ ଦିନରେ *(ପୃଷ୍ଠା ୭ରେ)*

# ଆହୁରି ୪ ଦିନ ଥରାଇବ ଶୀତ

**ଭୁବନେଶ୍ୱର, ୨।୧**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆହୁରି ଥରାଇବ ଶୀତ ଲହରି। ଆସନ୍ତା ୩ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବଢ଼ିବା ସମ୍ଭାବନା ରହିଥିଲେ ମଧ୍ୟ ପରେ ପୁଣି ପାରଦ ୨ରୁ ୪ଡିଗ୍ରୀ କମିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ପ୍ରବଳ ଥଣ୍ଡା ସାଙ୍ଗକୁ କଲବଲ କରୁଛି ଘନ କୁହୁଡି । ପଚାଶ ମିଟର ଦୂରତାରେ ବି କିଛି ଦେଖାଯାଉନି । ଶୀତ ଠୁ ବଳିଲାଣି କୁହୁଡ଼ି। ଅଧା ରାତିରୁ ସକାଳ ପର୍ଯ୍ୟନ୍ତ ରାସ୍ତା



ଦେଖାଯାଉନି । କେବେ ଦିନ ୧୧ଟା ଯାଏଁ ବି କୁହୁଡ଼ି ଛାଡୁନି । ଦୃଶ୍ୟମାନ କମୁଛି, ସାଧାରଣ ଜନଜୀବନ ପ୍ରଭାବିତ ହେଉଛି । ୫ ହାତ ଦୂର ଦେଖିବା ବି କଷ୍ଟ ହୋଇପଡୁଛି। ଗଞ୍ଜାମର ଆସିକା ଅଞ୍ଚଳ ଘନ କୁହୁଡ଼ିରେ ସମ୍ପୂର୍ଣ୍ଣ ଲୁଚିଗଲା ଭଳି ମନେ ହେଉଛି । ଫଳରେ ଆସିକାରେ ବଢ଼ିବାରେ ଲାଗିଛି ସଡ଼କ ଦୁର୍ଘଟଣା । ଗତ ୫ ଦିନ ମଧ୍ୟରେ କୁହୁଡ଼ି ଯୋଗୁଁ ଦୁର୍ଘଟଣାରେ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଜାନୁଆରୀ, ଶନିବାର ୨୦୨୬





## ବାଲେଶ୍ୱରରେ କାଠ ମାଫିଆଙ୍କ ଆତଙ୍କ

# ବନ ବିଭାଗ ଗାଡ଼ି ଭଙ୍ଗାରୁଜା ସହ ଜବତ ଗାଡ଼ି ଛଡ଼ାଇ ନେଲେ

**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ନୀଳଗିରି ବନଖଣ୍ଡରେ କାଠ ମାଫିଆଙ୍କ ଦୌରାତ୍ମ୍ୟ ଚରମ ସୀମାରେ ପହଞ୍ଚିଛି। ବନବିଭାଗ କର୍ମଚାରୀଙ୍କ ଉପରେ ଆକ୍ରମଣ କରି ନେଇଗଲେ ଜବତ ହୋଇଥିବା କାଠ ବୋଝେଇ ଗାଡ଼ି।

ସୂଚନା ଅନୁସାରେ ବିଳମ୍ବିତ ରାତିରେ ଏକ କାଠ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ପାଇ ବାଲେଶ୍ୱର ରେଞ୍ଜର ମନୁଆର ଖାନଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଥିଲେ। ବନ କର୍ମଚାରୀ କାଠ ଗାଡ଼ିଟିକୁ ଜବତ କରିବାକୁ ଚେଷ୍ଟା କରୁଥିବା ବେଳେ ସେଠାରେ ସଂଘବଦ୍ଧ ଭାବେ କାଠ ମାଫିଆମାନେ ପହଞ୍ଚିଥିଲେ। ସେମାନେ ଜଣେ ବନରକ୍ଷୀଙ୍କୁ ଆକ୍ରମଣ କରିବା ସହ ବନ ବିଭାଗର ଗାଡ଼ି କାଚ ଭାଙ୍ଗି ଦେଇଥିଲେ। ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରି ମାଫିଆମାନେ ଜବତ ହୋଇଥିବା କାଠ ଗାଡ଼ିଟିକୁ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ।

ରେଞ୍ଜର ମନୁଆର ଖାନଙ୍କ କହିବା ଅନୁଯାୟୀ, ଏହା କାଠ ମାଫିଆଙ୍କ ଏକ ସୁଚିନ୍ତିତ ଯୋଜନା। ଯେତେବେଳେ ବି କୌଣସି ଗାଡ଼ି ଜବତ ହୁଏ, ସେମାନେ ବହୁ ସଂଖ୍ୟାରେ ଏକତ୍ରିତ ହୋଇ ବନ କର୍ମଚାରୀଙ୍କୁ ଭୟଭୀତ କରି ଗାଡ଼ି ଛଡ଼ାଇ ନିଅନ୍ତି। ଏହି ଘଟଣା ସମ୍ପର୍କରେ ବ୍ରହ୍ମପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଉଛି।

ଏହି ଘଟଣା ବାଲେଶ୍ୱରରେ ସକ୍ରିୟ ଥିବା ସଂଗଠିତ କାଠ ଚୋରା ଚାଲାଣକାରୀଙ୍କ ବଢ଼ୁଥିବା ସାହସ ଏବଂ ବନ କର୍ମଚାରୀଙ୍କ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଗାଁ ଭିତରେ ଭାଲୁ, ଲୋକେ ଆତଙ୍କିତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଟିଗଲ ପଞ୍ଚାୟତ ଏବଂ କୋଇମେଟଲା ପଞ୍ଚାୟତ ଅଞ୍ଚଳରେ ଏବେ ଭାଲୁର ଆତଙ୍କ ଦେଖାଦେଇଛି। ରାତି ପାହିଲେ ଗାଁକୁ ଚାଲିଆସୁଛନ୍ତି ଭାଲୁ। ସପ୍ତାହ ହେବ ଭାଲୁ ଗାଁ ଭିତରେ ଆସିବା ସହ ଘରେ ଘରେ ପଶୁଛି। ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। କିଛି କିଛି ଦିନ ବ୍ୟବଧାନ ପରେ ଭାଲୁର ସ୍ଥିତି ଦୃଶ୍ୟମାନ ହେଉଥିବା ବେଳେ ପ୍ରାଣ ଭୟରେ ଲୋକେ ରାତିରେ ଘରୁ ବାହାରି ପାରୁ ନାହାନ୍ତି। ଏମଭି -୬୫ ଗ୍ରାମରେ ଭାଲୁ ଚଳପ୍ରଚଳ କରୁଥିବାର ଭିଡ଼ିଓ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଲଗାଯାଇଥିବା ସିସି କ୍ୟାମେରାରେ କଏଦ ହୋଇଥିଲା। ଏହି ଭିଡ଼ିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଜଙ୍ଗଲ ବିଭାଗ ଠିକ ସମୟରେ ସଜାଗ ନ ହେଲେ ଅନେକ ଜୀବନ ହାନି ହେବାର ଆଶଙ୍କା ରହିଛି। ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଘୁମୁସର ବନଖଣ୍ଡରେ ବଢ଼ିଚାଲିଛି ବାଘ-ହାତୀଙ୍କ ଦୌରାତ୍ମ୍ୟ

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ବିଗତ କିଛି ଦିନ ହେବ ବାଘ ଓ ହାତୀଙ୍କ ଦୌରାତ୍ମ୍ୟ ବଢ଼ିଯାଇଛି। ଉକ୍ତ ଦୁଇ ବନ୍ୟପ୍ରାଣୀ ଜଙ୍ଗଲ ଖାଦ୍ୟ ଅପେକ୍ଷା ଜଙ୍ଗଲ ବାହାର ଖାଦ୍ୟ ଅନେକ ସମୟରେ ପସନ୍ଦ କରୁଛନ୍ତି। ତେଣୁ ବିଭିନ୍ନ ସମୟରେ ଉକ୍ତ ଦୁଇ ପ୍ରାଣୀ ଜଙ୍ଗଲ ବାହାରକୁ ଆସି ଲୋକଙ୍କ କ୍ଷତି କରୁଛନ୍ତି। ବାଘ ଗୃହପାଳିତ ପ୍ରାଣୀ ଯଥା ଗାଈ, ଗୋରୁ, ଛେଳି ଆକ୍ରମଣ କରି ଖାଉଛି। କିଛି ଦିନ ପୂର୍ବେ ମୁଜାଗଡ଼ ରେଞ୍ଜ ସିଧାପଦର ଗ୍ରାମରେ ଗୋଟିଏ କଲରାପତରିଆ ବାଘ ଲୋକଙ୍କ ଗାଈ ଓ ଛେଳି ମାରି ଖାଇଥିଲା। ସେହିଭଳି ହାତୀପଲ ମଧ୍ୟ ଏହି ବନଖଣ୍ଡରେ ଲୋକଙ୍କ ବ୍ୟାପକ ଫସଲ କ୍ଷତି କରୁଛି। ଘରଦ୍ୱାର ଭାଙ୍ଗୁଛି। ଏଥିସହ ଦନ୍ତା ହାତୀ ଗୃହପାଳିତ ପ୍ରାଣୀଙ୍କୁ ରାଗରେ ଆକ୍ରମଣ କରି ମାରିଦେଉଛି। ଶନିବାର ରାତିରେ ହାତୀପଲ ତୁରୁମୁରେ ଧାନ ଗଦା ନଷ୍ଟ କରିଛନ୍ତି। କୋଟିପଡ଼ା, ଗୁଜରାଲି, ବୋରିବନ୍ଧ, ବେରୁଆବାଡ଼ି, ସାମରଡ଼ା, ମୁଜାଗଡ଼, ଖଣ୍ଡିକୋଟି, ଗୁଣ୍ଡିରିବାଡ଼ି ପ୍ରମୁଖ ଗ୍ରାମରେ ଗତକାଲି ହାତୀପଲ ବ୍ୟାପକ ଫସଲ କ୍ଷତି କରୁଛନ୍ତି। କଦଳୀ ବଗିଚା, ଆଖୁ ବଗିଚା ମଧ୍ୟ ନଷ୍ଟ କରିଛନ୍ତି। ଏଥିସହ ଖଣ୍ଡିକୋଟି ଗ୍ରାମର ଗୋଟିଏ ଗାଈକୁ ଦନ୍ତା ହାତୀ ଆକ୍ରମଣ କରିଛି। ଚିକିତ୍ସାଧୀନ ଅବସ୍ଥାରେ ଗାଈଟି ମୃତ୍ୟୁବରଣ କରିଛି। ଗାଲେରୀ ରେଞ୍ଜ କରଡ଼ାବଣୀ ସ୍ଥାୟୀ ନର୍ସରୀ ପାଚେରି ଭାଙ୍ଗି ୨୩ ପଟ ହାତୀପଲ ପଶି ବ୍ୟାପକ ଚାରା ନଷ୍ଟ କରିଛନ୍ତି। ଏଥିସହ ସେଠାରେ ଶ୍ରମିକମାନେ ରହିବା ପାଇଁ ଥିବା ଘରଟିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ବାଉଁଶ ଗଛଗୁଡ଼ିକୁ ମଧ୍ୟ ଭାଙ୍ଗି କନ୍ଦା ଖାଇଛନ୍ତି। ଖବର ପାଇ ବନପାଳ ଶୁଭସ୍ମିତା ପାତ୍ର ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଏହି ବନଖଣ୍ଡରେ ରବିବାର ସକାଳ ସୁଦ୍ଧା ୭୦ଟି ହାତୀ ମୁଜାଗଡ଼, ଗାଲେରି ଓ ତାରସିଂ ରେଞ୍ଜରେ ଥିବା ଜଣାପଡ଼ିଛି। ବନ୍ୟପ୍ରାଣୀ ଆକ୍ରମଣରୁ ଲୋକଙ୍କ ଯେଭଳି କିଛି କ୍ଷତି ନ ହେବ ସେଥିପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। କିନ୍ତୁ ତାହା ସଫଳ ହେଉନାହିଁ। ଯାହାକି ଚିନ୍ତାଜନକ ବିଷୟ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆଉ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

# ଗୋଟିଏ ନମ୍ବରରେ ୨ ଗାଡ଼ି : ଜଣେ ଭୁଲ କଲେ ଅନ୍ୟ ଜଣଙ୍କୁ ଆସୁଛି ଚାଲାଣ



**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଜଣେ ଗାଡ଼ି ଚାଳକ ପ୍ରଦୂଷଣ ପ୍ରମାଣପତ୍ର କରିବାକୁ କେନ୍ଦ୍ରକୁ ଆସିଥିବା ବେଳେ ତାଙ୍କ ଗାଡ଼ିରେ ଚାଲାଣ କଟିଥିବାରୁ ହୋଇପାରିଲା ନାହିଁ। ଏହା ଜାଣିବା ପରେ ଗାଡ଼ି ମାଲିକ ଚକିତ ହୋଇ ପଡ଼ିଥିଲେ। ଗାଡ଼ିର କେତେ ଟଙ୍କା ଫାଇନ କଟାଯାଇଛି ଯାଞ୍ଚ କରିଥିଲେ। ପରେ ତାଙ୍କ ଗାଡ଼ିର ୨୩ ସେପ୍ଟେମ୍ବର ୨୦୨୫ରେ ୨ ଥର ମୋଟ ୩ ହଜାର ୫ଶହ ଟଙ୍କା ଫାଇନ ପଡିଛି। କିନ୍ତୁ ଯେଉଁ ଫଟୋ ଅପଲୋଡ୍ ହୋଇଥିଲା ତାହାକୁ ଦେଖି ସେ ଚକିତ ହୋଇଯାଇଥିଲେ। ତାଙ୍କର ଯେଉଁ ଗାଡ଼ି ନମ୍ବର ରହିଛି ଫଟୋ ମଧ୍ୟ ସେହି ନମ୍ବର ରହିଛି ହେଲେ ଗାଡ଼ି ଅଲଗା। ୨୩ ସେପ୍ଟେମ୍ବର ୨୦୨୫ରେ କୋଟିନଡ଼ା ପୋଲିସ (ଓଡି୦୭ଏଡି ୬୦୮୫) ଯାହାକି ଛତ୍ରପୁର ବ୍ଲକ୍ ତେଲୁଗୁ ନୂଆଗାଁ ସତ୍ୟା ନାରାୟଣ ବେହେରାଙ୍କ ବୋଲି ଗାଡ଼ି ପଞ୍ଜିକରଣରେ ଉଲ୍ଲେଖ ରହିଛି। ଗାଡ଼ିର ୨ଟି ଚାଲାଣ କାଟିଛି ଯାହାକି ୩୫ଶହ ଟଙ୍କା। ସତ୍ୟା ନାରାୟଣ କେବେ କୋଟିନଡ଼ା ଅଞ୍ଚଳକୁ ଯାଇ ନ ଥିବା କହିଥିଲେ। ଏପରିକି ତାଙ୍କର ଆକାଶ କଳର ଟିଭିଏସ ଭିକ୍ଟର। କିନ୍ତୁ ଜରିମାନା ସମୟରେ ଯେଉଁ ଫଟୋ ଅପଲୋଡ୍ ହୋଇଛି ତାହା ଅନ୍ୟ ଏକ କଳର ଏବଂ ଅନ୍ୟ ଏକ କମ୍ପାନୀ। ଏପରିକି ଉକ୍ତ ଗାଡ଼ିରେ ୨ଟି ଚାଲାଣ ଲାଗିଛି ବୋଲି କହିବା ସହ କିଏ ମୋ ଗାଡ଼ି ନମ୍ବରକୁ ନକଲି ନମ୍ବର ଲଗାଇଥାଇପାରେ ବୋଲି କହିବା ସହ ପ୍ରଦୂଷଣ କେନ୍ଦ୍ରରୁ ନିରାଶରେ ଫେରିଥିଲେ। ତେବେ ଯେଉଁ ବ୍ୟକ୍ତି ଜଣକ ଏହିପରି ନକଲି ନମ୍ବର ଲଗାଇ ଗାଡ଼ି ଚଲାଉଛନ୍ତି ତାହାକୁ ପୋଲିସ ତୁରନ୍ତ ଧରିବା ପାଇଁ ଦାବି କରିଥିଲେ।

## ବଲାଙ୍ଗୀର ଜିଲ୍ଲା ଭାରତ ସ୍କାଉଟସ୍ ଏବଂ ଗାଇଡ୍‌ସ୍ ୨୦ତମ ରାଜ୍ୟ ଜାମ୍ବୋରେଟ୍ ଓ ସ୍ୱତନ୍ତ୍ର ଆଦିବାସୀ ଜାମ୍ବୋରେଟ୍ କ୍ୟାମ୍ପରେ ସମ୍ମାନିତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ତାଲିମ କେନ୍ଦ୍ର ଓ ଦୁଃସାହସିକ ଅନୁଷ୍ଠାନ, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡ୍‌ସ୍ ବରୁଣେଇ, ଖୋର୍ଦ୍ଧା ଠାରେ ଚାଲିଥିବା "୨୦ତମ ରାଜ୍ୟ ଜାମ୍ବୋରେଟ୍ ଓ ସ୍ୱତନ୍ତ୍ର ଆଦିବାସୀ ଜାମ୍ବୋରେଟ୍" କ୍ୟାମ୍ପରେ ଜିଲ୍ଲା ଶିକ୍ଷା ଅଧିକାରୀ ବଲାଙ୍ଗିର ତଥା ବଲାଙ୍ଗିର ଜିଲ୍ଲା ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଙ୍ଗଠନର ଜିଲ୍ଲା ମୁଖ୍ୟ କମିଶନର ପ୍ରଦୀପ ନାଗଙ୍କ ନିର୍ଦ୍ଦେଶରେ ତଥା ଜିଲ୍ଲା ସମ୍ପାଦକ ପ୍ରଦୀପ ପାତ୍ରଙ୍କ ସହଯୋଗରେ ସ୍କାଉଟ୍ କଣ୍ଟିଜେଣ୍ଟ ଲିଡର୍ ବିନୋଦ ମହାପାତ୍ର ଏବଂ ଗାଇଡ୍ ବିଭାଗର କଣ୍ଟିଜେଣ୍ଟ ଲିଡର୍ ଜୟଶ୍ରୀ ପୋଢ଼ଙ୍କ ନେତୃତ୍ୱରେ ୬୦ ଜଣ ସ୍କାଉଟସ୍ ଏବଂ ଗାଇଡ୍‌ସ୍ ବଲାଙ୍ଗିର ଜିଲ୍ଲାରୁ ଚୟନ ହୋଇ ରାଜ୍ୟ ସ୍ତରରେ ଅନେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଏକ୍ସିବିସନ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ, ଜିଲ୍ଲା ଗେଟ୍ ଓ କେମ୍ପ କ୍ରାଫ୍ଟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ, ପିଜେଣ୍ଟ ସୋ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡ୍‌ସ ଡ.କାଳୀ ପ୍ରସାଦ ମିଶ୍ରଙ୍କ ଠାରୁ ପୁରସ୍କୃତ ହୋଇଥିଲେ।

# କାମରେ ଆସୁନି ୫ ଲକ୍ଷ ଟଙ୍କାର ସୁଲଭ ଶୌଚାଳୟ




**ମୋହନା, ନ୍ୟୁଜ୍‌ବ୍ୟୁରୋ**

ଗଜପତି ଜିଲାର ମୋହନା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ବେଶ ପରିଚିତ। ୩୯ଟି ପଞ୍ଚାୟତକୁ ନେଇ ମୋହନା ବ୍ଲକ ବାଣିଜ୍ୟ ବ୍ୟବସାୟର ପେଣ୍ଠସ୍ଥଳୀ। ରାତି ପାହିଲେ ହଜାର ହଜାର ଲୋକ ଏଠାକୁ ବିଭିନ୍ନ ସରକାରୀ ଓ ବେସରକାରୀ କାମ ନେଇ ଆସନ୍ତି। ଏଠି ସ୍କୁଲ, କଲେଜ, ତହସିଲ, ପୋଷ୍ଟ ଅଫିସ, କୋର୍ଟ, ବ୍ୟାଙ୍କ, ଥାନା, ଅଗ୍ନିଶମ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ,ବନାଞ୍ଚଳ ବିଭାଗ, ଶିକ୍ଷା ବିଭାଗ ଓ ବେସରକାରୀ କାର୍ଯ୍ୟାଳୟ ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଗତ ୧୭.୫.୩ରେ ୫ ଲକ୍ଷ ଟଙ୍କା ବିନିମୟରେ ନୂଆ ବସ୍‌ଷ୍ଟାଣ୍ଡ ପରିସର ମଧ୍ୟରେ ଏକ ସୁଲଭ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରିତାପର ବିଷୟ ୨୦୨୫ଶେଷ ହେବାକୁ ବସିଲାଣି କିନ୍ତୁ ଏଯାବତ୍ ଶୌଚାଳୟଟି କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ଲଟାବୁଦା ମଧ୍ୟରେ ଶୌଚାଳୟଟି ତାଲା ପଡ଼ି ରହିଛି। ଏଯାବତ୍ ଶୌଚାଳୟକୁ ପାଣି ସଂଯୋଗ ମଧ୍ୟ ହୋଇନି। ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସହରର କୌଣସି ସ୍ଥାନରେ ଶୌଚାଳୟ ନ ଥିବାରୁ ଲୋକେ ପରିସ୍ରା ଓ ଶୌଚ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଯାହା ଅଟକଳ ପରିମାଣ ଥିଲା ସେହି ଅର୍ଥରେ ଶୌଚାଳୟର କାର୍ଯ୍ୟ ସମାପ୍ତ ହୋଇଛି। କିନ୍ତୁ ପାଣିର ବ୍ୟବସ୍ଥା ହୋଇପାରିନାହିଁ। ପଞ୍ଚାୟତ ତରଫରୁ ୫୦ ହଜାର ଟଙ୍କା ରଖାଯାଇଛି ବାକି ରହିଯାଇଥିବା କାର୍ଯ୍ୟ ଅତିଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି।

# ଲୋକ ମହୋତ୍ସବ : ପାରମ୍ପରିକ ନୃତ୍ୟରେ ଝୁମିଲେ ଦର୍ଶକ

**କେସିଙ୍ଗା, ନ୍ୟୁଜ୍‌ବ୍ୟୁରୋ**



କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୁଢ଼ାଡଙ୍ଗର ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଢ଼ାଡଙ୍ଗର ମନ୍ଦିରଠାରୁ ମଶାଲ ଯାତ୍ରା ସହର ପରିକ୍ରମା କରି ମହୋତ୍ସବ ମଞ୍ଚରେ ସ୍ଥାପନ କରାଯାଇ ଥିଲା। ତହସିଲଦାର ପ୍ରଶାନ୍ତି ପ୍ରଧାନ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ପୂଜାର୍ଚ୍ଚନା କରି ଏହାକୁ ଉଦ୍‌ଘାଟନ କରିଥିଲେ। ସା ଅଧିବେଶନରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି, କେସିଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ମହାପାତ୍ର ବିବରଣୀ ପଠନ କରିଥିଲେ। ଏହି ଉପଲକ୍ଷେ ଓଡ଼ିଶୀ, ବଜାସାଲ, ଢ଼ାପ ନୃତ୍ୟ, ଘଟ ନୃତ୍ୟ, ଛଉ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। ପାରମ୍ପରିକ ନୃତ୍ୟରେ ଦର୍ଶକ ଝୁମିଉଠିଥିଲେ।

# ସୂଚନା ଫଳକ ଶୂନ୍ୟ ସରକାରୀ ପ୍ରକଳ୍ପ : ନିମ୍ନମାନର ରଡ୍ ଓ ନାଲି ଇଟାରେ ଚାଲିଛି କାମ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ନିୟମକୁ ବେଖାତିର କରି ଧାମନଗର ଜଳ ସମ୍ପଦ ବିଭାଗ ଅଧୀନରେ ଚାଲିଛି ଏକ କୋଠା ନିର୍ମାଣ କାର୍ଯ୍ୟ। କ୍ଷେଣ୍ଟପୁର-ବେଦପୁର ଛକଠାରେ ସେଣ୍ଡପୂର ଜଳ ସେଚନ ବିଭାଗର କନିଷ୍ଠଯନ୍ତ୍ରୀଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇଛି। ସବୁଠାରୁ ବଡ଼ କଥା ହେଲା ଏହି କୋଠା ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲାଗି ନଥିବା ବେଳେ ପ୍ରକଳ୍ପର ବ୍ୟୟ ଅଟକଳ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। ଏଠାରେ ବେଆଇନ ଭାବେ ମାଟି ଇଟା ବା ପୋଡ଼ା ନାଲି ଇଟା ବ୍ୟବହାର କରାଯାଉଛି। ଉକ୍ତ ଅଞ୍ଚଳରେ ୧୦ ରୁ ଅଧିକ ପାଉଁଶ ଇଟା କାରଖାନା ଥାଇ ମଧ୍ୟ ନାଲି ଇଟା ବ୍ୟବହାର କରାଯିବା ବିଭାଗୀୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାଲି ଇଟା ନୁହେଁ, କୋଠାର ସ୍ଥାୟିତ୍ୱକୁ ନେଇ ମଧ୍ୟ ଶଙ୍କା ପ୍ରକାଶ ପାଇଛି। ରାଜ୍ୟ ପୂର୍ତ୍ତ ବିଭାଗର ୨୩ ଜୁନ୍ ୨୦୨୩ର ଚିଠି ସଂଖ୍ୟା ୧୦୪୬୬ ଅନୁସାରେ, ସରକାରୀ ପ୍ରକଳ୍ପରେ ନିର୍ଦ୍ଦିଷ୍ଟ ମାନର ଟିଏମଟି ରଡ୍ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି। ବିଶେଷ କରି ସ୍ରିଷ୍ଟି ଟିଏମଟିର ୧୨ଏମ୍‌ଏମ୍ ଓ ୧୬ଏମ୍‌ଏମ୍ ରଡ୍ ବ୍ୟବହାର ପାଇଁ ଅନୁମତି ଥିବା ବେଳେ ଏହି ପ୍ରକଳ୍ପରେ ନିୟମ ବାହାରେ ସ୍ରିଷ୍ଟି ଟିଏମଟିର ୮ ଏମଏମ୍ ଓ ୧୦ ଏମଏମ୍ ରଡ୍ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ ଏ ସମ୍ପର୍କରେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି। ସରକାରୀ ଅର୍ଥରେ ନିର୍ମାଣ ହେଉଥିବା କୋଠା ପାଇଁ କାହିଁକି ସୂଚନା ଫଳକ ଲଗାଯାଇ ନାହିଁ। କେଉଁ ଆଧାରରେ ନିୟମକୁ ଉଲ୍ଲଂଘନ କରି ନାଲି ଇଟା ଓ ନିମ୍ନମାନର ରଡ୍ ବ୍ୟବହାର କରାଯାଉଛି। ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ସ୍ଥାନୀୟ ଜନସାଧାରଣ ଏହାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟର ମାନ ତଦନ୍ତ ପାଇଁ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଟ୍ରମା କେୟାର ସରକାରୀ ସ୍ତରରେ ଖୋଲିବା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପାଣିକୋଇଲି ଟ୍ରମା କେୟାରକୁ ପିପିପି ମୋଡ୍‌ରେ ଖୋଲିବାକୁ ଘୋଷଣା କରିବା ପରେ କେବଳ ପାଣିକୋଇଲି ନୁହେଁ ସମଗ୍ର କୋରେଇ ଅଞ୍ଚଳରେ ଦଳଗତ ନିର୍ବିଶେଷରେ ଏହାର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘୋଷଣାର ପ୍ରଥମ ଦିନ ଏହାକୁ ବିରୋଧ କରି ଟ୍ରମା ସେଣ୍ଟର ସମ୍ମୁଖରେ ଯାଜପୁର ୟୁଥ ଫୋରମ୍ ପକ୍ଷରୁ ପ୍ରତିବାଦ ଓ ଧାରଣା ଦିଆଯାଇଥିଲା। ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପାଣିକୋଇଲି ଟ୍ରମା ସେଣ୍ଟରର ପିପିପି ମୋଡରେ ପରିଚାଳନା କରାଯିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଓ ଅବିଳମ୍ବେ ଉକ୍ତ ଟ୍ରମା କେୟାର ସେଣ୍ଟରକୁ ସରକାରୀଭାବେ ଏକ ୨୪ ଘଣ୍ଟିଆ ଚିକିତ୍ସା କେନ୍ଦ୍ର ଏବଂ ଟ୍ରମା କେୟାର ସେଣ୍ଟର ଭାବରେ କାର୍ଯ୍ୟକ୍ଷମ କରାଯାଇ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା ଦାବିରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଯାଜପୁର ସଂସଦ ଓ କୋରେଇ ବିଧାୟକଙ୍କ ନିକଟକୁ ପଠାଯାଇଛି। ପୁନଃବିଚାର ଦାବିରେ କ୍ରିୟାନୁଷ୍ଠାନ କମିଟି ବିଧାୟକ ଓ ସାଂସଦଙ୍କୁ ଭେଟି ଆଲୋଚନା କରିବା ସହ ଯଦି ନିଷ୍ପତ୍ତି ପ୍ରତ୍ୟାହର ନହୁଏ ତାହେଲେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଜଣାପଡ଼ିଛି। ନୂତନ ସରକାରଙ୍କ ଠାରୁ ଅଧିକ ଅଶା ରଖିଥିବା କୋରେଇବାସୀ ଏବେ ନିରାଶ ହୋଇଛନ୍ତି। ଫଳରେ ଅସନ୍ତୋଷ ବୃଦ୍ଧି ପାଇବା ସ୍ୱାଭାବିକ ହୋଇଛି। ବିଧାୟକ ଆକାଶ ଦାସ ନାୟକ ଭିତ୍ତିଭୂମିକୁ ଦେଖି ଟ୍ରମା କେୟାର ପରିବର୍ତ୍ତେ ଏହାକୁ ଉପଖଣ୍ଡ ଚିକିତ୍ସାଳୟ ପାଇଁ ଚିଠି ଲେଖିଥିଲେ। ହେଲେ ଏହା କାର୍ଯ୍ୟକାରୀ ହେବା ପରିବର୍ତ୍ତେ ଏହାକୁ ବେସରକାରୀ ସଂସ୍ଥା ହାତରେ ଟେକି ଦେବାକୁ ଯେଉଁ ଅଦୃଶ୍ୟ ଶକ୍ତି କାମ କରୁଛି ତାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୁବାସ ଧଳ, ଡାକ୍ତର ନିର୍ମଳ ରଥ, ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ, ବିପିନ ବିହାରୀ ଧଳ, ତାରିଣୀ ପଟ୍ଟନାୟକ, ଶଶିକାନ୍ତ ମଲ୍ଲିକ, ଆଲୋକ ମହାନ୍ତି, ମନୋଜ ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ନକଲି ବିଦେଶୀ ମଦ କାରଖାନା ଠାବ : ନାମୀଦାମୀ କମ୍ପାନୀର ନକଲି ମଦ ଜବତ



**କୋଟପାଡ଼, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରୁ ବିପୁଳ ପରିମାଣରେ ନକଲି ମଦ ଜବତ ହୋଇଛି। ଅବକାରୀ ବିଭାଗ କର୍ମଚାରୀ ଚଢ଼ଉ ସମୟରେ ବିପୁଳ ପରିମାଣର ନକଲି ବିଦେଶୀ ମଦ କାରଖାନା ଉପରେ ଚଢ଼ଉ କରିଥିଲେ। ୨୦ ଲକ୍ଷ ଟଙ୍କାର ବିଦେଶୀ ନକଲି ମଦ ସହ ତିଆରି କରୁଥିବା ସରଞ୍ଜାମ ଜବତ। ଭଡ଼ା ଘରେ ଚାଲିଥିଲା କରଖନା। ସୂଚନା ପାଇ ଅବକାରୀ ବିଭାଗ ଚଢ଼ଉ କରିବାକୁ ଯାଉଥିବା ବେଳେ କାରଖାନାରେ ତାଲା ପକାଇ ଫେରାର ହୋଇଗଲେ ମାଫିଆ। କୋଟପାଡ଼ ବ୍ଲକର ବଣ୍ଡାଗୁଡ଼ାରେ ଚାଲିଥିଲା ଏହି ନକଲି କାରଖାନା। ଅବକାରୀ ବିଭାଗର ତିନୋଟି ଟିମ୍ କୋଟପାଡ଼, ଜୟପୁରଓ କୋରାପୁଟ ମିଳିତ ଅତର୍କିତ ଭାବେ ଚଢ଼ଉ କରିଥିଲେ। ଘଟଣା ସ୍ଥଳରୁ ୧୭୦ ପେଟି ନକଲି ବିଦେଶୀ ମଦ ବୋତଲ ବିଭିନ୍ନ ନାମୀ ଦାମୀ କମ୍ପାନୀର ମଦ ବୋତଲ ସହ ତିଆରି କରୁଥିବା ଉପକରଣକୁ ଜବତ କରିଛି ଅବକାରୀ ବିଭାଗ। ଏହାର ମାଷ୍ଟର ମାଇଣ୍ଡ ଥିବା ଅମିତ୍ ଗୁପ୍ତା ଓ ପଙ୍କଜ ଗୁପ୍ତା ନାମକ ବ୍ୟକ୍ତି ଏହି ବିଦେଶୀ ମଦ କାରଖାନାର ମାଲିକ ଥିଲେବୋଲି ଜଣାପଡ଼ିଛି। ନୂଆବର୍ଷକୁ ଟାର୍ଗେଟ ରଖି ବେପାର ଚାଲୁଥିବା କଥା ଜଣାପଡ଼ିଛି।

# ୨ ଏକର ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ



**ଜି.ଉଦୟଗିରି, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଥାନା ଅନ୍ତର୍ଗତ ପେଟାପାଙ୍ଗା ପଞ୍ଚାୟତ ଗଟାମାହା ଗ୍ରାମ ନିକଟ ଜଙ୍ଗଲରେ ରବିବାର ଦିନ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ୨ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କରି ପୋଡିଥିବା ଜଣାପଡ଼ିଛି। ଜି.ଉଦୟଗିରି ଥାନା ପେଟାପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗଟାମାହା ନିକଟ ଜଙ୍ଗଲରେ ଗଞ୍ଜେଇ ଚାଷ ହୋଇଥିବା ନେଇ ପୁଲିସ କୌଣସି ସୂତ୍ରରୁ ଖବରପାଇଥିଲା। ଏହାପରେ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଏବଂ ଅବକାରୀ ବିଭାଗ ସଦଳବଳେ ସେଠି ପହଞ୍ଚି ମାଜିଷ୍ଟ୍ରେଟ ତଥା ଜି.ଉଦୟଗିରି ଅତିରିକ୍ତ ତହସିଲଦାର ଦେବାଶିଷ ଜେନାଙ୍କ ଉପସ୍ଥିତିରେ ୨ଏକର ଜମିରୁ ପ୍ରାୟ ୨୦୦୦ ଗଞ୍ଜେଇ ଗଛ କାଟି ନଷ୍ଟ କରିବା ସହ ପୋଡି ଦେଇଦେଇଥିଲେ। ଏ ନେଇ ଜି.ଉଦୟଗିରି ଥାନାରେ ଏକ ମାମଲା(୨୫୬/୨୫) ରୁଜୁ ହୋଇଛି। ଏହାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିଜୟ କୀମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଲୋକ ସାହିତ୍ୟ, ଲୋକ କଳାର ଆଦି ପୀଠ ଗଞ୍ଜାମ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଆମ ରାଜ୍ୟର ଜାତୀୟ ସ୍ମାରକୀ ତଥା ବିଶିଷ୍ଟ ଐତିହାସିକ ପୀଠ ରୂପେ ପରିଚିତ ଉତ୍କଳ ଆଶ୍ରମ ପରିସରସ୍ଥ ଭାଷା ଭବନ କକ୍ଷରେ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟର ତ୍ରୟୋବିଂଶତମ ଏବଂ ଗଞ୍ଜାମ ଜିଲ୍ଲା ଲେଖିକା ସାମ୍ମୁଖ୍ୟ ସପ୍ତଦଶତମ ସ୍ୱନକ୍ଷତ୍ର ଉତ୍ସବ ସାରସ୍ୱତ ସମାରୋହ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ଲେଖକ ସାମ୍ମୁଖ୍ୟ ଉପସଭାପତି ଡ. ବିଜୟ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲା ବେଳେ ଅତିଥି ଭାବରେ ବିଶିଷ୍ଟ କବି ବିରୁପାକ୍ଷ ଦାଶ, ଲେଖିକା ସାମ୍ମୁଖ୍ୟ ଉପସଭାପତି ଉମାରାଣୀ ପଣ୍ଡା, ପ୍ରମିଳା ମହଲା, ସଂଯୋଜିକା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ପ୍ରେମଶିଳା ଶିଳା ନନ୍ଦ, ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନ ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳି ଏବଂ ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଲୋକ ସାହିତ୍ୟର ବିଶିଷ୍ଟ ଗବେଷକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ଲମ୍ବୋଦର ପାଣିଗ୍ରାହୀ, ମୁଖ୍ୟ ବକ୍ତା ରୂପେ ଓଡ଼ିଆ ସାହିତ୍ୟର ଅନ୍ୟତମ ଗବେଷକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ହରି କୃଷ୍ଣ ନାୟକ,ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଅନୁବାଦିକା ଡ. ସୂଚନା ପାଢୀ, ସମ୍ମାନିତ ବକ୍ତା ଭାବରେ ମହାମାୟୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ମୁଖ୍ୟ କବୟିତ୍ରୀ ଡ. ଜୟନ୍ତୀ ରାଣୀ ପଣ୍ଡା, ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଆରତୀ ଶତପଥୀ ଏବଂ ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ଅଂଶଗ୍ରହଣ କରି ସମାରୋହକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ରବିନାରାୟଣ ମିଶ୍ରଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ଉଦ୍ଘାଟନ କରିଥିଲେ।

# ଧାମରାଇ ମନ୍ଦିରରେ ଅନିୟମିତତା : କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ ଚେତାବନୀ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲ୍ଲାର ଧାମରାର ପ୍ରସିଦ୍ଧ ଦେବୀ ମା' ଧାମରାଇଙ୍କ ମନ୍ଦିରରେ ସେବା ଯୋଗାଇବା ନାମରେ ବିଭିନ୍ନ ଅନିୟମିତତା ଏବଂ ଅର୍ଥ ହେରଫେର ନେଇ ଧାମରା ବାସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ପ୍ରାପ୍ତ ଖବର ଅନୁଯାୟୀ ଧାମରା ଅଞ୍ଚଳର କୈବର୍ତ୍ତ ସଂପ୍ରଦାୟ ଧାମରାଇଙ୍କ ସମୁଦ୍ରରୁ ଉଦ୍ଧାର କରିବା ପରେ ଧାମରାରେ ପ୍ରତିଷ୍ଠା କରିଥିଲେ ଏବଂ କୈବର୍ତ୍ତ ସଂପ୍ରଦାୟର ବିଧବା ମହିଳାଙ୍କ ଦ୍ୱାରା ଆଜି ପର୍ଯ୍ୟନ୍ତ ମା' ଧାମରାଇଙ୍କ ପୂଜାର୍ଚ୍ଚନା ହୋଇଆସୁଛି। ମାତ୍ର ପ୍ରତିବର୍ଷ ବିଭିନ୍ନ ଦିଗରୁ ମା' ଧାମରାଇଙ୍କ ଆର୍ଥିକ ଦାନ ଆସୁଥିବା ବେଳେ ମା' ଧାମରାଇଙ୍କ ମକରମେଳା କମିଟିର କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଲୋକ ସମ୍ମିଳୀତ ଭାବେ ଦୈନନ୍ଦିନ ଆୟ ଏବଂ ମକରମେଳା ସମୟରେ ହେଉଥିବା ଆୟ ବ୍ୟୟର ସମୀକ୍ଷା କରିବା ପରିବର୍ତ୍ତେ ନିଜର ଆବଶ୍ୟକତା ପୂରଣ ଦିଗରେ ଏହି ଅର୍ଥ ଆତ୍ମସାତ୍ କରୁଛନ୍ତି। ଧାମରାଇଙ୍କ ପରିଚାଳନା ପାଇଁ ମା'ଙ୍କର ଆଦ୍ୟ ସେବକମାନଙ୍କୁ ନେଇ ଏକ ମୂଳ କମିଟି ଗଠନ ହେବା ସହ ମକର ମେଳା ପରିଚାଳନା ପାଇଁ ଏକ ସବ କମିଟି ଗଠନ କରାଯାଇଥିଲା। ମାତ୍ର ଏହି ୨ଟି କମିଟିର କିଛି ସଦସ୍ୟ ମୃତ୍ୟୁ ବରଣ କରିଥିଲେ ମଧ୍ୟ ଦୀର୍ଘବର୍ଷ ହେବ ଏହି କମିଟିର ପୁନଃ ଗଠନ କରାଯାଉ ନାହିଁ ଏବଂ ମୂଳ କମିଟିର ନିଷ୍ପତ୍ତିରେ ସବ୍ କମିଟି ପରିଚାଳିତ ହେବାକୁ ଯେଉଁ ଲିଖିତ ନିୟମ ପ୍ରଣୟନ ହୋଇଥିଲା ତାହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ମୂଳ କମିଟିକୁ ନାଲି ଆଖି ଦେଖାଇ ବିଭିନ୍ନ ଆର୍ଥିକ ଅନିୟମିତତା କରୁଛନ୍ତି ଫଳରେ ମା' ଧାମରାଇଙ୍କର ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହେଉଥିବା ବେଳେ ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯାଉ ନାହିଁ ଅଥବା କୌଣସି ହିସାବ ମଧ୍ୟ ଦିଆଯାଉ ନାହିଁ ବୋଲି ମୂଳ କମିଟି ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହାର ସୁସମାଧାନ ନ ହେଲେ ଆଗାମୀ ଦିନରେ ମୂଳ କମିଟି (କୈବର୍ତ୍ତ ସଂପ୍ରଦାୟ) ରାଜରାସ୍ତାକୁ ଓହ୍ଲାଇବ ବୋଲି ମତ ପ୍ରକାଶ ପାଇଛି। ଧାମରା କୈବର୍ତ୍ତ ସମାଜର ବାପୁଜୀ ମାଝୀ, ଦିଲୀପ ମାଝୀ, ଯୁବରାଜ ସାମଲ, ମନୋ ମାଝୀ, ଜାଗୃତି ଦଳେଇ, ହରପତି ମାଝୀ, ସାବିତ୍ରି ମାଝୀ, ନିରୂପମା ମାଝୀଙ୍କ ସମେତ ଶତାଧିକ ଗ୍ରାମବାସୀ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ଏହି ଦାବୀପତ୍ର ପ୍ରଦାନ କରିଥିବା ବେଳେ ଏହି ଅନିୟମିତତା କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଏବଂ ମୂଳ କମିଟିକୁ ପୂର୍ବ ନିୟମାନୁଯାଇ ସମସ୍ତ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ଦାବୀ ରଖିଛନ୍ତି ନଚେତ ଆଗାମୀ ଦିନରେ ଏହି କମିଟି ନିଜର ନ୍ୟାୟ ଏବଂ ଆର୍ଥିକ ଅନିୟମିତତାକୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# ପୁରାତନ ସିଟି ଛାତ୍ରମାନଙ୍କ ପକ୍ଷରୁ ବନ୍ଧୁ ମିଳନ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବାଣୀପୀଠରେ ୧୯୭୩-୭୫ ବ୍ୟାଚ୍ ସିଟି ତାଲିମ କରିଥିବା ଛାତ୍ରମାନଙ୍କର ପଞ୍ଚଦଶତମ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ପୁରାତନ ଛାତ୍ର ତଥା ଶିକ୍ଷାବିତ୍ ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱରେ ଚନ୍ଦ୍ରଶେଖର ପାତ୍ର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଭାଷଣ ମାଧ୍ୟମରେ ପୂର୍ବ ଅଭୂଲା ସ୍ମୃତିକୁ ଉପସ୍ଥାପନ କରିଥିଲେ। ସମ୍ପାଦକ ମହେଶ୍ୱର ବେହେରା ସମ୍ପାଦକୀୟ ବିବରଣୀପାଠ ସହ ହିସାବ ଫର୍ଦ୍ଦ ପ୍ରଦର୍ଶନ କରିଥିଲେ। ଆରମ୍ଭରେ ଦିବାଙ୍ଗତ ୨୯ଜଣ ଗୁରୁ ଛାତ୍ରଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ବଟକୃଷ୍ଣ ପ୍ରଧାନ, କୃପାସିନ୍ଧୁ ସ୍ୱାଇଁ, ପ୍ରଫୁଲ୍ଲ ସାମଲ, ରାମଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ସାମଲ, ରବିନାରାୟଣ ମିଶ୍ର, ପ୍ରଦୀପ ଦାଶ, ଅଲେଖ ପୃଷ୍ଟି, ଅମର ସାହୁ, କେଶବ ବେହେରା, ଧୃବ ସାହୁ, ଦେବ ମହାପାତ୍ର, କେଲୁ ଚରଣ ନାୟକ, ରାଧାକୃଷ୍ଣ ରାଉତ, କୈଳାଶ ନାୟକ, ପ୍ରମୋଦ ସାହୁ, ନାରାୟଣ ସ୍ୱାଇଁ, କୈଳାସ ଜେନା ଓ ଶରତ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ମହେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।







# ଯାଜପୁର ଲୋକଙ୍କ ଜୀବନଧାରାର ପରିବର୍ତ୍ତନ ଆଣିପାରିଛି ଟାଟା ଷ୍ଟିଲ୍

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଟାଟା ଷ୍ଟିଲ୍ କଳିଙ୍ଗନଗର ଏକ ଶିଳ୍ପ ଶକ୍ତିକେନ୍ଦ୍ରରୁ ଓଡ଼ିଶାର କଳିଙ୍ଗନଗର ଅଞ୍ଚଳରେ ସାମାଜିକ ଗତିଶୀଳତାର ଏକ ପ୍ରାଥମିକତା ଦେଇଆସିଛି । ନିଜର କାର୍ଯ୍ୟକ୍ଷମ ଡିଏନ୍‌ଏ ମଧ୍ୟରେ ସ୍ଥାନୀୟ ଲୋକଙ୍କ କଲ୍ୟାଣକୁ ଅନ୍ତର୍ଭୁକ୍ତ କରି, ଏହି କେନ୍ଦ୍ର ଉତ୍ପାଦନକୁ ଗୁରୁତ୍ୱ ନଦେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଭାଗିତାରେ ପ୍ଲାଣ୍ଟ ଆଖପାଖ ଗ୍ରାମଗୁଡ଼ିକର ପ୍ରାୟ ୧୪ ଲକ୍ଷ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିପାରିଛି । ସବୁଠାରୁ ଦୃଶ୍ୟମାନ ପରିବର୍ତ୍ତନ ହେଉଛି ଏହି ଅଞ୍ଚଳରେ ଏକ ନୂତନ ଶ୍ରେଣୀର ମହିଳା ନେତୃତ୍ୱର ଅଭ୍ୟୁଦୟ । 'ଦିଶା' କାର୍ଯ୍ୟକ୍ରମ ମାଧ୍ୟମରେ ୧,୫୦୦ରୁ ଅଧିକ ମହିଳା ଡିଜିଟାଲ୍ ସାକ୍ଷରତା ଏବଂ ସ୍ୱାଧୀନ ଆର୍ଥିକ ପରିଚାଳନାରେ ଦକ୍ଷତା ହାସଲ କରିଛନ୍ତି । ଏହି ସାମର୍ଥ୍ୟ ଘରର ଚାରିକାନ୍ଥରୁ ବୋର୍ଡରୁମ୍ ପର୍ଯ୍ୟନ୍ତ ପହଞ୍ଚିଛି; ନବଜୀବନ ସମବାୟ ସମିତି ଏବେ ବାର୍ଷିକ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ସଂଗ୍ରହ କରୁଛି ଏବଂ ପାରମ୍ପରିକ ସଉରା କଳାକୁ ମୁମ୍ବାଇର କାଳା ଘୋଡା ଆର୍ଟ ଫେଷ୍ଟିଭାଲ୍ ଭଳି ଜାତୀୟ ସ୍ତରର ମଞ୍ଚକୁ ନେଇପାରିଛି । ଦୀର୍ଘସ୍ଥାୟୀତ୍ୱ ପାଇଁ ପ୍ରୟାସ ମଧ୍ୟ ସେତିକି ମହତ୍ତ୍ୱାକାଂକ୍ଷୀ । ୩୦୦ ନିୟୁତ କ୍ୟୁବିକ୍ ଫୁଟ୍ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରି, ଟିଏସ୍‌କେ ପ୍ରାୟ ୭୦୦ ଏକର ଶୁଷ୍କ ଜମିକୁ ଉର୍ବର ଏବଂ ଜଳବାୟୁ ସହନଶୀଳ ଚାଷଜମିରେ ପରିଣତ କରିଛି । ଏହି ପରିବେଶ ପରିଚାଳନା ସହିତ ଅଞ୍ଚଳର ଭବିଷ୍ୟତ ପ୍ରତି ପ୍ରତିବଦ୍ଧତା ସ୍ୱରୂପ 'ଜ୍ୟୋତି ଫେଲୋସିପ୍' ମାଧ୍ୟମରେ ନିକଟରେ ୮୩୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି, ଯେଉଁଥିରେ ୭୦% ହେଉଛନ୍ତି ଛାତ୍ରୀ । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ୩,୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଭାଷା ଶିକ୍ଷା ମାଧ୍ୟମରେ ଆଦିବାସୀ ଐତିହ୍ୟର ସଂରକ୍ଷଣ ଦିଗରେ ମଧ୍ୟ କାର୍ଯ୍ୟ କରୁଛି । ଦାନଗଦିର ମଲ୍ଟି-ସ୍କିଲ୍ ସେଣ୍ଟରଠାରୁ ଆରମ୍ଭ କରି ୩୧ଟି ପଞ୍ଚାୟତରେ ଚାଲିଥିବା ଅପପୁଷ୍ଟି ନିରାକରଣ ପ୍ରକଳ୍ପ ପର୍ଯ୍ୟନ୍ତ, ଟାଟା ଷ୍ଟିଲ୍ କଳିଙ୍ଗନଗରର ଏହି ଯାତ୍ରା ସାମଗ୍ରିକ ବିକାଶର ଏକ ଶ୍ରେଷ୍ଠ ଉଦାହରଣ ।

# ନାରଦଙ୍କ ପରାମର୍ଶକ୍ରମେ ମହାରାଜା କଂସ ଦ୍ୱାରା ଆୟୋଜିତ ହେବ ଧନୁଯାତ୍ରା

## କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଗୋପପୁର ଗଲେ ମନ୍ତ୍ରୀ ଅକ୍ରୁର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ମହାରାଜା କଂସଙ୍କ ରାଜତ୍ୱରେ ଥର ହର ହୋଇପଡ଼ିଛୁ । ଧନୁଯାତ୍ରାର ସପ୍ତମ ଦିନରେ ମହାରାଜା କଂସ ନଗର ଭ୍ରମଣ, ରାଜ ଦରବାରରେ ନ୍ୟାୟ ବିଚାର ଦୃଶ୍ୟ ଅଭିନୀତ ହୋଇଥିଲା । ମହାରାଜା କଂସ କଳେବଳେ କୌଶଳେ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି ମହାମନ୍ତ୍ରୀ ତଥା ପାରିଷଦ ବର୍ଗଙ୍କ ସହ । ଏମିତି ଏକ ସମୟରେ କଂସଙ୍କ ରାଜ ଦରବାରରେ ଉପସ୍ଥିତ ହୋଇଛନ୍ତି ନାରଦ । ନାରଦଙ୍କ ପରାମର୍ଶକ୍ରମେ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ମହାରାଜା କଂସ ଆୟୋଜନ କରିବେ ଧନୁଯାତ୍ରା । ତେବେ କଂସଙ୍କ ଦ୍ୱାରା ଆୟୋଜିତ ଏହି ଧନୁଯାତ୍ରା ଛଳନାର ଯାତ୍ରା ହୋଇଥିବାବେଳେ ପୁରାତନ ମନ୍ତ୍ରୀ ଅକ୍ରୁରଙ୍କୁ ପ୍ରେରଣ କରିଛନ୍ତି ଗୋପପୁର । କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ କରିବା ପାଇଁ ଅକ୍ରୁର ହସ୍ତରେ ମହାରାଜା କଂସ ଚିଟାଉ ପଠାଇଛନ୍ତି ନନ୍ଦରାଜା ପାଖକୁ । ଲେଖିଛନ୍ତି 'ଲେଖିଅଛି କଂସ ହୋଇ ମହାରୋଷ ଆରେ ଗୋପ ପତି ନନ୍ଦ, ଆଜ୍ଞା ପରମାଣେ ତତ କାଳେ ଆସିବୁ, ନହେଲେ ଛେଦିବି ସ୍କନ୍ଧ' । ଯେବେ କୃଷ୍ଣ ବଳରାମ ମଥୁରା ନଗରୀ ପହଞ୍ଚିବେ ଧନୁଯାତ୍ରା ଦେଖିବା ପାଇଁ ମହାରାଜା କଂସ ଛଳନାରେ ହତ୍ୟା କରିବ ବେନୀ ଭାଇଙ୍କୁ । ସେହିପରି କୃଷ୍ଣଙ୍କୁ ହତ୍ୟା କରିବା ସହ ନିଜ ପିତାର ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଶଙ୍ଖଚୂଡ ସର୍ପ ମହାରାଜ କଂସଙ୍କ ସହିତ ସାକ୍ଷାତ କରିଛି । ପରେ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ମହାରାଜା କଂସ ଶଙ୍ଖଚୂଡକୁ ମଧ୍ୟ ପ୍ରେରଣ କରିଛନ୍ତି ଗୋପପୁର । ତେବେ ଦିନକୁ ଦିନ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରାର ଲୋକପ୍ରିୟତା ବୃଦ୍ଧି ପାଉଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାରରୁ ବହୁ ଅତିଥି ତଥା ଦର୍ଶକ ସାମିଲ ହେଉଛନ୍ତି । ଅତିଥିମାନଙ୍କ ମନୋରଞ୍ଜନ ତଥା ନିଜକୁ ଚିନ୍ତା ମୁକ୍ତ କରିବା ପାଇଁ ରାଜଦରବାରରେ ମହାରାଜା କଂସଙ୍କ ଆଦେଶରେ ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଲୋକ ନୃତ୍ୟଗୀତ ପରିବେଷିତ ହୋଇଥିଲା ।



# ମଦ ଜବତ:୫ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ ବିକ୍ରି ହେଉଥିବାର ଅଭିଯୋଗ ପାଇବାପରେ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ନେତୃତ୍ୱରେ ଡେରାବିଶ, କେନ୍ଦ୍ରପଡା ଟାଉନ୍, ଶାମଗୁଡିଆ ପ୍ରଭୃତି ଅଞ୍ଚଳରେ ଚଢଉ କରି ଭାବଗ୍ରାହୀ, ବୟନଗର ଗ୍ରାମର ପ୍ରଭାତ କୁମାର ସେଠୀ, କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ ସେଠୀ, କଷୋଟି ଗ୍ରାମର ଅଲେଖ ମଳିକ ଓ ଟିଲାଙ୍ଗ ଗ୍ରାମର ରମେଶ ଚନ୍ଦ୍ର ମଳିକ ପ୍ରଭୃତିଙ୍କୁ ଚୋରା ମଦ ବିକ୍ରି କରୁଥିବାବେଳେ ଗିରଫ କରି ତାଙ୍କ ପାଖରୁ ଦେଶୀ ବିଦେଶୀ ରନ୍ଧା ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉ ସମୟରେ ଅବକାରୀ ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରୀକ୍ଷକ ସୁନିଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



# କିଡ୍‌ନୀ ରୋଗର ମୁଖ୍ୟ କାରଣକୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀଙ୍କ ସଂଖ୍ୟା ହ୍ରାସ କରାଯାଇ ପାରିବ:ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ । ଏଥିରେ ରୋଗୀମାନଙ୍କର ସଠିକ୍ ଭାବରେ ଚିକିତ୍ସା, ଡାକ୍ତରଖାନା ପରିସର ସଫା ସୁତରା ଓ ସମସ୍ତ ରୋଗୀ ଚିକିତ୍ସା ଯନ୍ତ୍ରପାତିର ସୁବିଧା ତଥା ମଦ୍ୟପ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରଖାନା ଭିତରକୁ ପଶିବାରେ ବାରଣ କରିବା ଭଳି ଡାକ୍ତରଖାନାକୁ ପ୍ରତିଦିନ ପରିଚାଳନାରେ ଆସୁଥିବା ସମସ୍ୟାକୁ କିପରି ଦୂର କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଅଞ୍ଜଳୀନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ ଏବଂ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଗତମାସରେ ହୋଇଥିବା ବୈଠକର ସମୀକ୍ଷା ସହିତ କଣ ନୂଆ କରାଯାଇପାରିବ ସେ ବିଷୟରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ଏହି ସମୟରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ କିପରି ରେଡକ୍ରସ୍ ପାଇଁ ଅର୍ଥରାଶି ଯୋଗାଣ କରାଯିବ । ରେଡକ୍ରସ୍ ଅସହାୟ ଏବଂ ପୀଡିତ ପରିବାରଙ୍କ ସାହାଯ୍ୟ କରିଥାଏ, କିନ୍ତୁ ରେଡକ୍ରସ୍‌କୁ ଅର୍ଥରାଶି ନଆସୁଥିବାରୁ ଜିଲ୍ଲାପାଳ ଏହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସମସ୍ତେ ନିଜ ନିଜ ସ୍ତରରେ ରେଡକ୍ରସ୍‌କୁ କିପରି ପାଣ୍ଠି ଆସିପାରିବ, ସେଥିପ୍ରତି ସମସ୍ତେ ଚେଷ୍ଟା କରିବା ହେବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରଖାନା ପରିସରକୁ କିପରି ପ୍ରତିଦିନ ନିୟମିତ ଭାବରେ ସଫା କରାଯିବ ତାହା ମଧ୍ୟ ଆଲୋଚନା ହୋଇଥିଲା । ଏତଦ୍‌ବ୍ୟତୀତ ସମସ୍ତ ରୋଗୀ କେବିନ୍‌କୁ କିପରି କାର୍ଯ୍ୟକ୍ଷମ କରାଯିବ ସେଥିପାଇଁ କର୍ମଚାରୀମାନଙ୍କୁ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ଆଦେଶ ଦେଇଛନ୍ତି । ଏହାଛଡା ଲେବର କୋଠି ପାଇଁ ଆଉ ଏକ hydraulic labour ଟେବୁଲର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ମଞ୍ଜୁରୀ ଦେଉଛନ୍ତି । ଏହି ବୈଠକରେ ଜିଲ୍ଲାରେ ଦେଖାଯାଉଥିବା ଦୀର୍ଘକାଳୀନ କିଡ଼ନୀ ରୋଗ (Chronic Kidney Disease: CKD) ଚିକିତ୍ସା ଓ ନିବାରଣ ପାଇଁ ଥିବା କାର୍ଯ୍ୟକାରୀ ଦଳ ବା Task forceର ସମୀକ୍ଷା ହୋଇଥିଲା । ଜିଲ୍ଲାରେ ଥିବା କିଡ଼ନୀ ପ୍ରବଣ ଗାଁ ମାନଙ୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରତ୍ୟକ୍ଷ ନିରୀକ୍ଷଣ କରୁଛନ୍ତି । ଆସନ୍ତା ଦିନମାନଙ୍କରେ କିଡ଼ନୀ ରୋଗ ପରୀକ୍ଷା ପାଇଁ ବ୍ୟବସ୍ଥା ହେବ ବୋଲି ସୂଚନା ଦିଆଯାଇଛି । ଗୋଟିଏ ଗ୍ରାମରେ ୩ ରୁ ଅଧିକ ରୋଗୀ ଥିଲେ ସେହି ଗାଁ ସକ୍ରିୟ ପର୍ଯ୍ୟବେକ୍ଷଣରେ ରହିବ ବୋଲି ଉଷାରଣୀ ଦାଶ ସୂଚନା ଦେଇଛନ୍ତି । ଏତଦ୍‌ବ୍ୟତୀତ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍ କିଡ଼ନୀ ପ୍ରବଣ ଗ୍ରାମମାନଙ୍କର ପିଇବା ପାଣିକୁ ଯାଞ୍ଚ କରୁଛି ଓ ଏଥିରେ ଭାରି ଧାତୁ ଥିଲେ ସେହି ସବୁ ଟ୍ୟୁବୱେଲର ପାଣି ବ୍ୟବହାର ନକରିବା ପାଇଁ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି । ଜିଲ୍ଲାରେ ଏଯାଏ ୧୬ଟି ଗାଁର ପାଣି ପରୀକ୍ଷା ସରିଛି ଓ ସେଥିମଧ୍ୟରୁ ୩ଟି ଗାଁର ପାଣିରେ ଭାରି ଧାତୁର ଅଂଶ ମିଳିଥିବା ଜଣାପଡିଛି । ଆଗାମୀ ଦିନମାନଙ୍କରେ ରୋଗ ପରୀକ୍ଷା ବଢେଇବା ସହିତ କିଡ଼ନୀ ରୋଗର ମୁଖ୍ୟ କାରଣକୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ପ୍ରଦାନ କରି ରୋଗୀଙ୍କ ସଂଖ୍ୟା କିପରି ହ୍ରାସ କରାଯାଇପାରିବ ସେ ବିଷୟରେ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।






# କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସହ ନବବର୍ଷ ପାଳନ କଲେ କଟକ ମେୟର ଓ କମିଶନର

**କଟକ, ନ୍ୟୁଜ୍ ବ୍ୟୁରୋ**

ଇଂରାଜୀ ନବବର୍ଷ ପାଳନ ଅବସରରେ କଟକ ମେୟର ସୁବାସ ସିଂହ ଓ ସି.ଏମ.ସି କମିଶନର କିରଣଦୀପ କୌର ସହୋତା ମିଳିତ ଭାବରେ, ସାର୍ଡ଼ଲ, ମଉଗଜପୁର, ବକ୍ସି ବଜାର, ଚଣ୍ଡୀ ଛକ ଆଦି କଟକ ମହାନଗର ନିଗମ ଅଞ୍ଚଳରେ ରାସ୍ତା ଘାଟ, ନର୍ଦ୍ଦମା, ଶୌଚାଳୟ ଗୁଡିକୁ ସଫେଇ କରୁଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତକରି ସମ୍ମାନିତ କରିବା ସହିତ ଇଂରାଜୀ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ କଟକ ମେୟର ସୁବାସ ସିଂହଙ୍କ ସହିତ ସି.ଏମ୍.ସି କମିଶନର କିରଣଦୀପ କୌର ସହୋତା, ଡେପୁଟି କମିଶନର ଯୁବଲି ବେହେରା ତ୍ରୈଲୋକ୍ୟ ସାହୁ, ସ୍ୱଚ୍ଛସାଥି, ସି.ଏମ୍.ସି ମେଟ, ଜମାଦାର ଫାଇଲେରିଆ ସୁପର ଭାଇଜର, ସମସ୍ତ ସଫେଇ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଲେଦ୍ ଦୋକାନରେ ଡବଲ ମର୍ଡର:ଚୋରଙ୍କୁ ମାରିଦେଲେ ମାଲିକ

**କଟକ, ନ୍ୟୁଜ୍ ବ୍ୟୁରୋ**

ଟାଙ୍ଗୀ ଥାନା ନିର୍ଗୁଣ୍ଡି ଠାରେ ଥିବା ଏକ ଲେଦ୍ ଦୋକାନରେ ଡବଲ୍ ମର୍ଡର୍ ହୋଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ବେଳେ ପୋଲିସ ଗୁରୁତର ଅବସ୍ଥାରେ ଥିବା ଅନ୍ୟ ଜଣେ ଯୁବକଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଆସି ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, ଦୁଇ ମୃତ ଯୁବକ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ଗତ ୪ ଦିନ ତଳେ ଲେଦ୍ ଦୋକାନରୁ ବହୁ ସାମଗ୍ରୀ ଚୋରି କରିଥିଲେ । ଏନେଇ ଲେଦ୍ ମାଲିକ ଓ କର୍ମଚାରୀ ଜାଣିପାରିଥିଲେ । ସେମାନଙ୍କୁ ଧରିବା ପାଇଁ ଦୋକାନରେ ରାତିରେ ଜଗି ରହିଥିଲେ । ୨ ଯୁବକ ରାତିରେ ପୁନର୍ବାର ପଶିଥିବା ବେଳେ ଦୋକାନ ମାଲିକ ଓ କର୍ମଚାରୀଙ୍କ ସହ ହାତାହାତି ହୋଇଥିଲେ । କର୍ମଚାରୀଙ୍କ ଆକ୍ରମଣରେ ୨ ଯୁବକଙ୍କ ମୃତ୍ୟୁ ହୋଇଥିବା ପୋଲିସ କହିଛି ।

# ଶିକ୍ଷା ହେଉଛି ସଞ୍ଜିବନୀ ବୁଟି:ଡ଼ା. ଚ୍ୟାଉ ପଟ୍ଟନାୟକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଏକ ସଞ୍ଜିବନୀ ବୁଟି । ଏହା ଦ୍ୱାରା ସମାଜର ଅଶେଷ ମଙ୍ଗଳ ସାଧିତ ହୋଇପାରିବ । କିନ୍ତୁ ଏଥିନିମନ୍ତେ ଛାତ୍ରଛାତ୍ରୀମାନଙ୍କ ପ୍ରୟାଶ ନିତ୍ୟାନ୍ତ ଆବଶ୍ୟକ । ସ୍ଥାନୀୟ ଗୁଡ୍‌ସେଡ୍‌ରୋଡ୍ ଠାରେ ଥିବା ଗୁରୁକୂଳ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲର ୧୩ ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ମହାସମାରୋହରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଗୁରୁକୂଳ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲର ଚେୟାରମ୍ୟାନ୍ ତଥା ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଏବଂ ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ବାର୍ ଏସୋସିଏସନ୍ ସଭାପତି ମନୋଜ କୁମାର ପଟ୍ଟନାୟକ, ଜଗନ୍ନାଥପ୍ରସାଦର ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, ବ୍ରହ୍ମପୁର ପ୍ରେସ୍ କ୍ଲବ୍ ସଭାପତି ଅଶୋକ କୁମାର ବ୍ରହ୍ମା ପ୍ରମୁଖ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କ୍ରୀଡ଼ାବିତ୍ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ମଞ୍ଚ ଉପରେ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ବହୁ ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ବେଶ୍ ମଜ୍ଜା ନେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୁରୁକୂଳ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲର ସମ୍ପାଦିକା ଅନୀତା ପାତ୍ରୀ, ସ୍କୁଲର ପ୍ରିନ୍‌ସପାଲ୍ ସୁନୀଲ୍ ବଡ଼ପଣ୍ଡାଙ୍କ ସମେତ ସ୍କୁଲର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଇତ୍ୟବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା ।




# ଜାନୁଆରୀ ପହିଲା ଠାରୁ ପୂର୍ବତଟ ରେଳପଥର ନୂତନ ସମୟସାରଣୀ ପ୍ରଚଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ତରଫରୁ ୧ ଜାନୁଆରୀ ୨୦୨୬ ଠାରୁ ନୂତନ ସମୟ ସାରଣୀ କାର୍ଯ୍ୟକାରୀ କରାଯାଇଛି । ଏହି ନୂତନ ସମୟସାରଣୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାତ୍ରୀ ସୁବିଧା ବୃଦ୍ଧି, ଉନ୍ନତ ସଂଯୋଗ, ସମୟନିଷ୍ଠତା, ସୁରକ୍ଷା ଏବଂ ସୁଖଦ ଯାତ୍ରା ଅନୁଭୂତି ପ୍ରଦାନ କରିବା । ନୂତନ ସମୟ ସାରଣୀ ଅନୁଯାୟୀ, ରେଳ ସଂଯୋଗ ସୁଦୃଢ଼ କରିବା ପାଇଁ ଛଅଟି ନୂତନ ଟ୍ରେନ୍ (ତିନି ଯୋଡ଼ା) ଚଳାଚଳ ଆରମ୍ଭ କରାଯାଇଛି । ଏହାମାନଙ୍କ ମଧ୍ୟରେ ଉଧନା–ବ୍ରହ୍ମପୁର–ଉଧନା, ସମ୍ବଲପୁର–ବୌଦ୍ଧ–ସମ୍ବଲପୁର ଏବଂ ବୌଦ୍ଧ–ଭୁବନେଶ୍ୱର ନୂଆ–ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ଅନ୍ତର୍ଭୁକ୍ତ ଅଛି । ଏହା ସହିତ ଚଉଦ୍ଦଟି ଟ୍ରେନ୍ (ସାତ ଯୋଡ଼ା)କୁ ନୂତନ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ବିସ୍ତାର କରାଯାଇଛି, ଯାହାଦ୍ୱାରା ଅନ୍ତର୍ନିହିତ ଏବଂ ଅଞ୍ଚଳୀୟ ଅଞ୍ଚଳଗୁଡ଼ିକୁ ଉତ୍ତମ ରେଳ ସଂଯୋଗ ମିଳିବ । ଏମାନଙ୍କ ମଧ୍ୟରେ -୧୨୮୭୧/୧୨୮୭୨ ହାଓଡ଼ା–ଟିଟିଲାଗଡ଼–ହାଓଡ଼ା ଏକ୍ସପ୍ରେସ୍ ଜୁନାଗଡ଼ ରୋଡ଼ ପର୍ଯ୍ୟନ୍ତ; ୫୮୩୦୫/୫୮୩୦୬, ୫୮୩୦୭/୫୮୩୦୮ ବଲାଙ୍ଗିର–ସୋନପୁର–ବଲାଙ୍ଗିର ପାସେଞ୍ଜର ଏବଂ ୧୨୮୯୩/୧୨୮୯୪ ଭୁବନେଶ୍ୱର–ସୋନପୁର–ଭୁବନେଶ୍ୱର ଇଣ୍ଟରସିଟି ପୁରୁଣାକଟକ ପର୍ଯ୍ୟନ୍ତ; ୨୨୮୨୦/୨୨୮୧୯ ବିଶାଖାପଟଣାମ–ଭୁବନେଶ୍ୱର–ବିଶାଖାପଟଣାମ ଇଣ୍ଟରସିଟି, ୧୭୦୧୫/୧୭୦୧୬ ଭୁବନେଶ୍ୱର–ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ଏବଂ ୧୧୦୨୦/୧୧୦୧୯ ଭୁବନେଶ୍ୱର–ମୁମ୍ବାଇ CSMT କୋଣାର୍କ ଏକ୍ସପ୍ରେସ୍‌କୁ ଭୁବନେଶ୍ୱର ନୂଆ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି । ଯାତ୍ରୀ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ୧୯୦୨୧/୧୯୦୨୨ ଉଧନା–ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ସାପ୍ତାହିକରୁ ବୃଦ୍ଧି କରି ସପ୍ତାହକୁ ତିନି ଦିନ କରାଯାଇଛି । ଏହାସହିତ ୨୦୭୦୭/୨୦୭୦୮ ସିକନ୍ଦରାବାଦ–ବିଶାଖାପଟଣା ବନ୍ଦେ ଭାରତ ଏବଂ ୨୦୮୩୫/୨୦୮୩୬ ରାଉରକେଲା–ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳ ଦିନରେ ପରିବର୍ତ୍ତନ କରାଯାଇଛି । ୧୨୮୯୨/୧୨୮୯୧ ପୁରୀ–ଭଞ୍ଜପୁର–ପୁରୀ ଏକ୍ସପ୍ରେସ୍ ଟ୍ରେନ୍ ନମ୍ବରକୁ ପରିବର୍ତନ କରାଯାଇଛି ଯାହା ୧ ଫେବୃଆରୀ ୨୦୨୬ ଠାରୁ କାର୍ଯ୍ୟକାରୀ ହେଉଛି । ଯାତ୍ରା ସମୟ କମେଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ୧୦ଟି ଟ୍ରେନ୍‌ର ଗତି ବଢ଼ାଯାଇଛି ଯାହାଦ୍ୱାରା କିଛି ରୁଟ୍‌ରେ ସର୍ବାଧିକ ୩୫ ମିନିଟ୍ ସମୟ ସଞ୍ଚୟ ହେବ । ଯାତ୍ରୀ ସୁରକ୍ଷା ଏବଂ ସୁବିଧା ବୃଦ୍ଧି ପାଇଁ ୪ଟି ଟ୍ରେନ୍ (ଦୁଇ ଯୋଡ଼ା)କୁ LHB କୋଚରେ ପରିବର୍ତ୍ତନ କରାଯାଇଛି । ନୂତନ ସମୟସାରଣୀ ଅନୁଯାୟୀ ଲୋଇସିଂହା, ନର୍ଲା ରୋଡ଼, ବୋଲଗଡ଼ ଟାଉନ PH, ସାନପଦର, ତରାବୋଇ, ସାଖୀଗୋପାଳ, ମଞ୍ଚେଶ୍ୱର, ନରାଜ ମାର୍ଥାପୁର, ଭୁସଣ୍ଡପୁର, ବଇଣ୍ଡା, ଅମ୍ବୋଦଳା, ଥେରୁଭାଲି, ମୁରିବାହାଲ, ଦେଓଗାଁ ରୋଡ଼, ତାଳଚେର ରୋଡ଼ ଓ ନିର୍ଗୁଣ୍ଡି ଷ୍ଟେସନ୍ ମାନଙ୍କ ଠାରେ ମୋଟ୍ ୫୬ଟି ଟ୍ରେନ୍ ଗୁଡିକର ନୂତନ ଷ୍ଟପେଜ୍ ପ୍ରଦାନ କରାଯାଇଛି । ଏହା ସହିତ ୨୫ଟି ଟ୍ରେନ୍‌ର ଉତ୍ପତ୍ତି ଓ ଗନ୍ତବ୍ୟସ୍ଥଳ ମଧ୍ୟରେ ସମୟ ହ୍ରାସ କରାଯାଇଛି ଯାହାଦ୍ୱାରା ସମୟାନୁବର୍ତ୍ତିତା ସହ ଟ୍ରେନ୍ ଚଳାଚଳ ସୁବିଧାଜନକ ହେବ ଏବଂ ଏଥିରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଅଧୀନର ୩ଟି ଟ୍ରେନ୍ ମଧ୍ୟ ଅନ୍ତର୍ଭୁକ୍ତ ଅଛି । ଟର୍ମିନାଲ୍ ପରିଚାଳନା ସୁଦୃଢ଼ କରିବା ପାଇଁ ୨୭ଟି ପୂର୍ବତଟ ରେଳପଥ ଅଧୀନ ଟ୍ରେନ୍‌ର ସମୟରେ ପରିବର୍ତ୍ତନ କରାଯାଇଛି । ଏହା ସହିତ ୧୦ଟି ଟ୍ରେନ୍ ୧ ଜାନୁଆରୀ ୨୦୨୬ ଠାରୁ କିଛି ମଧ୍ୟବର୍ତ୍ତୀ ଷ୍ଟେସନ୍ ମାନଙ୍କ ଠାରେ ବର୍ତ୍ତମାନ ସମୟ ଆଗରୁ ଛାଡ଼ିବେ । ଏହି ଟ୍ରେନ୍ ଗୁଡିକ କିଛି ଷ୍ଟେସନ୍‌ରେ ବର୍ତ୍ତମାନର କାର୍ଯ୍ୟସୂଚୀ ପୂର୍ବରୁ ଛାଡିବ । ଏହି ଟ୍ରେନ୍ ଗୁଡିକ ହେଉଛି... (୧) ୧୨୧୪୫ ଏଲଟିଟି–ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ଟିଟିଲାଗଡ, ବଲାଙ୍ଗୀର, ବରଗଡ ରୋଡ, ସମ୍ବଲପୁର, ଅନୁଗୁଳ, ତାଳଚେର, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ ଠାରେ; (୨) ୧୮୪୫୧ ହାଟିଆ–ପୁରୀ ତାପସ୍ୱିନି ଏକ୍ସପ୍ରେସ୍ ସମ୍ବଲପୁର, ଅନୁଗୁଳ, ତାଳଚେର, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ ଠାରେ; (୩) ୧୨୮୭୯ ଏଲଟିଟି- ଭୁବନେଶ୍ୱର ଏକ୍ସପ୍ରେସ୍ ସମ୍ବଲପୁର, ଅନୁଗୁଳ ଏବଂ କଟକ ଠାରେ; (୪) ୨୨୮୬୫ ଏଲଟିଟି–ପୁରୀ ଏକ୍ସପ୍ରେସ୍ ସମ୍ବଲପୁର, ଅନୁଗୁଳ ଏବଂ କଟକ ଠାରେ; (୫) ୧୩୩୫୧ ଧାନବାଦ୍-ଆଲେପି ଏକ୍ସପ୍ରେସ୍ ଟିଟିଲାଗଡରେ; (୬) ୨୦୮୦୭ ବିଶାଖାପାଟନମ୍-ଅମୃତସର ହିରାକୁଦ୍ ଏକ୍ସପ୍ରେସ୍ ସମ୍ବଲପୁରରେ; (୭) ୧୮୦୦୫ ହାଓଡ଼ା-ଜଗଦଳପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ସମ୍ବଲପୁର, ରାୟାଗଡା, କୋରାପୁଟରେ; (୮) ୧୮୫୨୯ ଦୁର୍ଗ-ବିଶାଖାପାଟନମ୍ ଏକ୍ସପ୍ରେସ୍ ଟିଟିଲାଗଡ, ସିଙ୍ଗାପୁର ରୋଡ଼, ରାୟଗଡା, ପାର୍ବତୀପୁରମ୍, ବବିଲି, କୋଟାଭାଲାସା, ସିମଚାଲମ୍ ଷ୍ଟେସନ୍ ଠାରେ; (୯) ୨୦୮୬୨ ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ୍ ଟିଟିଲାଗଡ, ବଲାଙ୍ଗୀର, ବରଗଡ ରୋଡ, ହିରାକୁଦ, ସମ୍ବଲପୁର, ରେଢ଼ାଖୋଲ ଏବଂ ବୋଇଣ୍ଡା ଠାରେ ଏବଂ (୧୦) ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ୍ ବଲାଙ୍ଗୀର, ବରଗଡ ରୋଡ୍, ହିରାକୁଦ୍, ସମ୍ବଲପୁର, ରେଢ଼ାଖୋଲ ଏବଂ ବୋଇଣ୍ଡା ଷ୍ଟେସନ୍ ଠାରେ ବର୍ତ୍ତମାନର ସମୟ ସୂଚୀ ପୂର୍ବରୁ ଛାଡିବ । ସମୟ ସାରଣୀ –୨୦୨୬ର ପ୍ରବର୍ତ୍ତନ ପୂର୍ବତଟ ରେଳପଥର ସୁରକ୍ଷିତ, ବିଶ୍ୱସନୀୟ, କ୍ଷମତାଶୀଳ ଏବଂ ଯାତ୍ରୀ ଅନୁକୂଳ ରେଳ ସେବା ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ ଏବଂ ଏହା ଉକ୍ତ ଅଞ୍ଚଳର ସମଗ୍ର ଯାତ୍ରା ଅନୁଭୂତିକୁ ନିଶ୍ଚିତ ଭାବେ ଉନ୍ନତ କରିବ ।




# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩।୧।୨୦୨୬, ପୌଷ ଦି୧୯ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୬।୨୨।୨୧ ଚନ୍ଦ୍ରୋଦୟ- ସଂଘ ୫।୧୭।୨୨**

**ପୂର୍ଣ୍ଣିମା-** ଦିଘ ୩।୩୩ ପର୍ଯ୍ୟନ୍ତ । **ଆଦ୍ରାନକ୍ଷତ୍ର-** ସଂଘ ୫।୨୮ ପର୍ଯ୍ୟନ୍ତ **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୩।୩୩ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୩ ଗତେ ଘ ୯।୦୮ ମଧ୍ୟେ । ଦିଘ ୭।୩୫ ଗତେ ଘ ୩।୦୫ ମଧ୍ୟେ । **ପର୍ବୋତ୍ସବ-** ପୌଷପୂର୍ଣ୍ଣିମା, ଦେବାଭିଷେକ, ମହୋଦଧି ଆଳତି ।


**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଲାଭ ହେବ । ମହିଳାମାନେ ସୁଖୀ ହେବେ ।


**ବୃଷ:** ଦୃଢ଼ତାର ସହିତ କର୍ମ କରି ବେଶ୍ ଫଳପ୍ରଦ ହେବେ । ରୋଜଗାରରେ ଉନ୍ନତି ହେବ । ସତ କଥା କହି ବିବାଦ ଘେରରେ ପଡ଼ିପାରନ୍ତି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।


**ମିଥୁନ:** ସ୍ୱାଧୀନତା ରହିବନାହିଁ । ଆଶାବାଦି ହୋଇ କାର୍ଯ୍ୟ ସଫଳତା ହାସଲ କରିବେ । ମାନସିକ ସ୍ଥିତି ଭଲ ରହିବନାହିଁ । ରୋଜଗାର ଭଲ ହେବ । ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ ।


**କର୍କଟ:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହେବେ । ଅନ୍ୟମାନଙ୍କ କଥାରେ ପଡ଼ି ନିଜକୁ ଭୁଲ୍ ବୁଝିବେ । ଆୟରେ ବାଧା ଜାତ ହେବ । ମହିଳାମାନେ ନିଜ ସ୍ୱାର୍ଥ ପାଇଁ କାମ କରିବେ । ଗୃହେ ଆନନ୍ଦ ।


**ସିଂହ:** ଆଜି ଆପଣଙ୍କର ଆୟ ଭଲ ହେବ । ଘରେ ସୁଖ ଶାନ୍ତି ବଜାୟ ରହିବ । ଦୂରଯାତ୍ରା କରି ଆପଣ ନିଜର ପୁରୁଣା କାମକୁ ସମାପ୍ତ କରିବେ । ଶତ୍ରୁଙ୍କ ଠାରୁ ଦୂରେଇ ରହିବେ । ଶୁଭ ଖବର ପାଇ ଖୁସି ହେବେ ।


**କନ୍ୟା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ପୂରଣ ହେବ । ଗୁରୁଜନଙ୍କ ଆଶିର୍ବାଦରୁ ବଞ୍ଚିତ ହେବେ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳ ଲାଗି ରହିବ । ପିଲାମାନେ ପଢ଼ାପଢ଼ିରେ ମନଦେବେ ।


**ତୁଳା:** ଦେବ ପୂଜାର୍ଚ୍ଚନା ସହିତ ଦେବ ଦର୍ଶନର ସୁବିଧା ପାଇବେ । ମନରେ ଭକ୍ତି ଭାବ ଜାଗ୍ରତ ହେବ । ସତ୍ ମାର୍ଗରେ ପରିଚାଳିତ ହେବେ । ମଧ୍ୟାହ୍ନେ ଟେନ୍‌ସନ୍ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ଗୃହେ ଆନନ୍ଦ ।


**ବିଛା:** ଶାରୀରିକ ଅସୁସ୍ଥତା ଲାଗିବ । ସାମାଜିକ କାର୍ଯ୍ୟରେ ଯୋଗଦାନ କରିବେ । କର୍ମକ୍ଷେତ୍ରରେ ସହଯୋଗ ଓ ସାହାଯ୍ୟ ମିଳିବ । ରୋଜଗାରରେ ଉନ୍ନତି ଦେଖାଦେବ । ଘରେ କଳହ ଦେଖାଦେବ ।


**ଧନୁ:** ଶତ୍ରୁହାନୀ କରି ଗନ୍ତବ୍ୟ ପଥରେ ଆଗେଇ ଯିବେ । କର୍ମକ୍ଷେତ୍ରରେ ବାଧା ଉପୁଜିପାରେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତିରେ ସମୟ କଟିବାର ସୂଚନା ।


**ମକର:** ଆଜି ଦିନଟି ଶୁଭ କାମ ପାଇଁ ଉତ୍ତମ ଅଟେ । କଚେରୀ କ୍ଷେତ୍ରରେ ସମସ୍ତ ସମସ୍ୟା ସମାଧାନ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଭଲ ହେବ । ଗୃହେ ସୁଖ ଶାନ୍ତି ଲାଭ କରିବେ ।


**କୁମ୍ଭ:** ଚାକିରୀ କ୍ଷେତ୍ରରେ ମତାନ୍ତର ଦେଖାଦେବ । ଉଚ୍ଚ ସ୍ତରର ଲୋକଙ୍କ ସାଙ୍ଗେ ଭଲ ରହିବ । ପାରିବାରିକ ସୁଖ ଶାନ୍ତିରେ କଟିବ । ରୋଜଗାର ଭଲ ହେବ । ମହିଳାମାନେ ପରଚର୍ଚ୍ଚାରେ ସମୟ କାଟିବେ ।


**ମୀନ:** ଅସହଯୋଗରୁ ବିରକ୍ତି ଲାଭ କରିବେ । କର୍ମକ୍ଷେତ୍ରରେ ଆଧିପତ୍ୟର ବିସ୍ତାର ବିପଦ ସୃଷ୍ଟି କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଶାନ୍ତି ଅବ୍ୟାହତ ରହିବାର ସୂଚନା ।

# ଧୋକା ଦେଲା ଗୁଗୁଲ ମ୍ୟାପ:ଘର ଉପରେ ମାଡ଼ିଗଲା ଟ୍ରକ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଧୋକା ଦେଲା ଗୁଗୁଲ୍ ମ୍ୟାପ୍ । ଘର ଉପରେ ମାଡ଼ିଗଲା ଟ୍ରକ୍ । ଦୁର୍ଘଟଣାରେ ଭାଙ୍ଗିଯାଇଛି ଘର । ଏଭଳି ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ । ଭୋର୍ ସମୟରେ କଟକରୁ ଏକ ଟ୍ରକ୍ ଧାମରା ବନ୍ଦର ଅଭିମୁଖେ ଯାଉଥିବା ସମୟରେ ଘଟିଥିଲା ଏହି ଦୁର୍ଘଟଣା । ନୂଆ କରି ଧାମରାକୁ ଗାଡି ନେଇ ଯାଉଥିବା ଡ୍ରାଇଭରକୁ ରାସ୍ତା ଜଣାନଥିବାରୁ ସେ ଗୁଗଲ୍ ମ୍ୟାପ୍ ଦେଖି ଗାଡି ଚଳାଉଥିଲେ । ଏହି ସମୟରେ ଅସାବଧାନତାବଶତଃ ଘଟିଥିଲା ଦୁର୍ଘଟଣା । ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆ ଛକ ନିକଟସ୍ଥ ପାତ୍ରସାହି ରାସ୍ତାରେ ଗାଡି ଚଳାଇ ଗାଁ ଭିତରେ ଟ୍ରକ୍‌କୁ ପୂରାଇ ଦେଇଥିଲେ । ଅଣଓସରିଆ ଗାଁ ଭିତରେ ବଡ ଟ୍ରକ୍‌ଟି ଆଉ ବୁଲି ନପାରି ରମେଶ ଦାସଙ୍କ ଘର ଉପରେ ମାଡିଯାଇଥିଲା । ଏହା ଦେଖି ଗାଁ ଲୋକେ ବାଂଶଡା ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ବାଂଶଡା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଗାଡିକୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାପଡିଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୧।୨୦୨୬, ପୌଷ ଦି୨୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୬।୨୧।୩୯ ଚନ୍ଦ୍ରୋଦୟ- ସଂଘ ୬।୨୪।୩୧**

ପ୍ରତିପଦ ଦିଘ ୧୨।୩୨ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ଦିଘ ୩।୧୩ ପର୍ଯ୍ୟନ୍ତ **ମିଥୁନ ଚନ୍ଦ୍ର-** ଦିଘ ୯।୪୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । ଦିଘ ୯।୪୫ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର ଦିଘ ୯।୪୫ ପର୍ଯ୍ୟନ୍ତ । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଏବଂ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୧୨।୩୨ ଗତେ ଭେଜି ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୧୧ ଗତେ ଦିଘ ୯।୨୧ ମଧ୍ୟେ । ଦିଘ ୧।୧୩ ଗତେ ଘ ୩।୦୮ ମଧ୍ୟେ । **ପର୍ବୋତ୍ସବ-** ମାଘ ବ୍ରତ ଆରମ୍ଭ, ବିଶ୍ୱ ବ୍ରେଲ ଦିବସ ।

32 YEARS
ସମ୍ବାଦ କଳିକା

# କୃତଜ୍ଞତାର ବିପୁଳ ଦିଗନ୍ତ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ମଣିଷ ସମେତ ପ୍ରାଣୀମାନେ ଜୀବନ ବଞ୍ଚିବା ପାଇଁ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ଗ୍ରହଣ କରନ୍ତି । ଆମ ଦେହ ଭିତରେ ଥିବା ନିର୍ଦ୍ଦିଷ୍ଟ ଅଙ୍ଗରେ ଖାଦ୍ୟ ପହଞ୍ଚେ । ପରବର୍ତ୍ତୀ ସମୟରେ ଯେଉଁ ପ୍ରକ୍ରିୟାଗୁଡ଼ିକ ବଳରେ ଖାଦ୍ୟରୁ ରକ୍ତ, ମଳ, ମୂତ୍ର ପ୍ରସ୍ତୁତ ହୁଏ, ରକ୍ତ ଦେହ ଭିତରେ ପ୍ରବାହିତ ହୁଏ, ମଳ ଓ ମୂତ୍ର ଦେହରୁ ବହିର୍ଗତ ହୁଏ, ସେହି ପ୍ରକ୍ରିୟାଗୁଡ଼ିକ ଆମକୁ ଆଶ୍ଚର୍ଯ୍ୟ କରେ । ସତକୁ ସତ ଆମେ ଖାଉଥିବା ଖାଦ୍ୟଗୁଡ଼ିକ ଦେହ ଭିତରେ ପେଷି ହେଇଯାଏ ଯେଉଁଥିରୁ ସୃଷ୍ଟି ହୁଏ ରକ୍ତ, ମଳ ଆଉ ମୂତ୍ର । ସ୍ୱାଭାବିକ ଭାବରେ ଆମେ ଚିନ୍ତାକରୁ ଆମ ଦେହ ଭିତରେ ଖାଦ୍ୟକୁ ପେଷିବା ପାଇଁ ଅଙ୍ଗଟିଏ ଖଞ୍ଜିଛି କିଏ ? ସିଦ୍ଧାନ୍ତରେ ପହଞ୍ଚୁ, ଜଣେ ପରମ ପୁରୁଷ ଯା'ର ସ୍ରଷ୍ଟା । ସେଥିସହିତ ଆଉ ଗୋଟିଏ କଥା ମନକୁ ଆସେ, ପୃଥିବୀର କୌଣସି ଚିକିତ୍ସକ କି ବୈଜ୍ଞାନିକ ଗୋଟେ ମେସିନ୍ ଏଯାବତ୍ ଉଦ୍‌ଭାବନ କରିପାରିନାହାନ୍ତି କି କସ୍ମିନ୍‌କାଳେ ପାରିବେ ନାହିଁ, ଯେଉଁ ମେସିନ୍ ବଳରେ ଖାଦ୍ୟକୁ ପେଷି ସେଥିରୁ ରକ୍ତ, ମଳ, ମୂତ୍ର ପ୍ରସ୍ତୁତ କରିହବ । ତେଣୁ ଆମ ଦେହରେ ଭିନ୍ନ ଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଖଞ୍ଜି ଦେଇଥିବା ପରମ ପୁରୁଷଙ୍କ ନିକଟରେ ଆମେ ଅନିର୍ବଚନୀୟ କୃତଜ୍ଞତା ପ୍ରକଟ କରୁ ।

ଦେହକୁ ଆମେ ଦେବାଳୟ କହୁ, ଯେହେତୁ ମାଟି, ପାଣି, ପବନ, ଆକାଶ, ନିଆଁ ଏପରି ପଞ୍ଚ ଭୂତରେ ଗଢ଼ା ହେଇଛି ଏ ଦେହ । ଆର୍ଯ୍ୟଋଷି ଏ ପଞ୍ଚ ଭୂତକୁ ପ୍ରଣାମ କରୁଥିଲେ । କ୍ରମଶଃ ପୁରାଣ ରଚନା ହେଲା, ଅନେକ ଦେବଦେବୀଙ୍କ ବର୍ଣ୍ଣନାରେ ଭରିଉଠିଲା ପୁରାଣର ପୃଷ୍ଠା । ଆମେ ଦେବଦେବୀମାନଙ୍କ ମୂର୍ତ୍ତି କାଠ, ପଥର, ମାଟି, ବିଭିନ୍ନ ଧାତୁରେ ନିର୍ମାଣ କରି କିମ୍ବା ସେମାନଙ୍କ ଚିତ୍ର କାଗଜରେ ଆଙ୍କି ପୂଜା କଲୁ, ଧୂପଦୀପରେ ବନ୍ଦନା ସହିତ ନୈବେଦ୍ୟ ଅର୍ପଣ କଲୁ । କିନ୍ତୁ ସେଥିସହିତ ଆର୍ଯ୍ୟଋଷିମାନଙ୍କୁ ସ୍ମରଣ କରିବା, ଯେଉଁ ମାଟି ଆମକୁ ଖାଦ୍ୟ ଯୋଗାଉଛି, ପାଣି ଆମ ଦେହରେ ରକ୍ତ ହୋଇ ବହୁଛି, ପବନ ଆମ ଶ୍ୱାସଯନ୍ତ୍ରଟିକୁ ସଞ୍ଚାଳନ କରୁଛି, ଆକାଶ ଓ ନିଆଁ ଆମକୁ ଆଲୋକ ଉତ୍ତାପ ଦାନ କରୁଛି ସେହି ପଞ୍ଚଭୂତକୁ ପ୍ରଣାମ କରିବା । ସେହି ହେବ ପରମ ପୁରୁଷଙ୍କ ପ୍ରତି ଆମର ଶ୍ରେଷ୍ଠ କୃତଜ୍ଞତା ।

ସକାଳ ଓ ସନ୍ଧ୍ୟା ସମୟରେ ସୂର୍ଯ୍ୟ ଦର୍ଶନ କରିବା, ରାତିରେ ଚନ୍ଦ୍ରର ଭିନ୍ନ ଭିନ୍ନ ଆକୃତି ସହିତ ଛୋଟ ଛୋଟ ଦୀପ ଭଳି ଦୃଶ୍ୟ ହେଉଥିବା ତାରାମାନଙ୍କୁ ଲକ୍ଷ୍ୟ କରିବା, ସମୁଦ୍ର କୂଳରେ ଠିଆହେଇ ଜୁଆର ଭଟ୍ଟାର ନିରନ୍ତର ସ୍ରୋତକୁ ନିରୀକ୍ଷଣ କରିବା, ଆଜିର କଢ଼ଟି ଆସନ୍ତାକାଲି ସକାଳେ ଫୁଲରେ ପରିଣତ ହେଉଥିବାର ଓ ଆମ୍ବବଉଳ ଦିନେ ପାଚିଲା ଆମ୍ବରେ ରୂପାନ୍ତରିତ ହେଉଥିବାର ଦୃଶ୍ୟ ଦେଖିବା ଦ୍ୱାରା ଆମ ମନରେ ସ୍ୱତଃ ଗୋଟେ କୃତଜ୍ଞତାର ଭାବ ଆସେ । ଏ କୃତଜ୍ଞତା ପରମ ପୁରୁଷଙ୍କ ପ୍ରତି । ପୁଅଝିଅମାନେ ଜନ୍ମହେବା ଠାରୁ ସ୍ୱାବଲମ୍ବନଶୀଳ ହେବାଯାଏ ବାପା-ମା'ମାନେ କେତେ ଯତ୍ନ କରନ୍ତି ଲକ୍ଷ୍ୟ କଲେ ବାପା-ମା'ଙ୍କ ପ୍ରତି କୃତଜ୍ଞତାରେ ହୃଦୟ ପରିପୂର୍ଣ୍ଣ ହୁଏ । ବଗିଚାରେ ଚାରାଟିଏ ରୋପଣ କରି ଆମେ ତା' ମୂଳରେ ପାଣି ଢାଳନ୍ତି । ଚାରାଟି ବଢ଼ ହୁଏ, ଆମ ଉଚ୍ଚତାଠୁଁ ତା' ଉଚ୍ଚତା ଅଧିକ ହୁଏ । କିନ୍ତୁ ମନରେ ତା'ର ଅହଂକାର ନଥାଏ। ଆମ ଉଚ୍ଚତାଠୁଁ ତା' ଉଚ୍ଚତା କମ୍ ହେଲେ ବି ହୀନମନ୍ୟତା ନଥାଏ ତା' ମନରେ । ହସ ହସ ମୁହଁରେ ସେ ଅଜାଡ଼ିଦିଏ ଫୁଲ, ଫଳ ଆମ ଝୁଡ଼ିରେ । କେତେ କୃତଜ୍ଞ ସିଏ ସତରେ ! ଆମକୁ ଶିଖାଇଦିଏ କଥାଟିଏ, 'ଯେଉଁ ବାପା ମା' ଗୁରୁଜନମାନେ ତୁମକୁ ପାଳିପୋଷି ବଡ଼ କରନ୍ତି, ସେମାନଙ୍କ ପ୍ରତି କୃତଜ୍ଞ ହୁଅ । ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଆସ ନାହିଁ । ନିଜେ ସେମାନଙ୍କ ଯତ୍ନ ନିଅ ।'

ଶିକ୍ଷକ ଆମକୁ ବର୍ଣ୍ଣମାଳା ଲେଖି ଶିଖାନ୍ତି ଶ୍ରମିକ ଆମ ରହିବା ପାଇଁ ଘର ତିଆରି କରନ୍ତି, ଯାତାୟାତ ପାଇଁ ରାସ୍ତା ତିଆରି କରନ୍ତି । କୃଷକ ଆମ ଖାଦ୍ୟ ପାଇଁ ଶସ୍ୟ ଅମଳ କରନ୍ତି । ବୁଣାକାର ଆମ ପିନ୍ଧିବା ପାଇଁ ଲୁଗା ବୁଣନ୍ତି । ଆମ ଜୀବନ ଗଠନରେ ଏପରି ଅନେକଙ୍କ ଅବଦାନ ଥାଏ । ସେମାନଙ୍କ ପ୍ରତି ଆମେ କୃତଜ୍ଞ। ଟିକେ ସୂକ୍ଷ୍ମ ଭାବରେ ବିଚାର କଲେ ବସନ୍ତ ସମୟରେ ଯେଉଁ କୋଇଲି ଗୀତ ଗାଇ ଆମ କାନରେ ଢାଳିଦିଏ ଅମୃତର ଧାରା, ଅନ୍ଧାର ରାତିରେ ଯେଉଁ ଟର୍ଚ୍ଚ ଖଣ୍ଡିକ ଆମ ଆଖିକୁ ବାଟ ଦେଖାଇଦିଏ, ଖରା ବର୍ଷା ସମୟରେ ଯେଉଁ ଛତାଖଣ୍ଡିକୁ ଧରି ଆମେ ବାଟ ଚାଲନ୍ତି, ରାସ୍ତାରେ ଯେଉଁ ଗାଡ଼ିଚାଳକ ଆମକୁ ନିରାପଦରେ ନେଇ ପହଞ୍ଚାଇ ଦିଅନ୍ତି ଆମ ଲକ୍ଷ୍ୟସ୍ଥଳରେ, ଘରର ଉପର ମହଲାକୁ ଯିବାବେଳେ ଯେଉଁ ଶିଢ଼ିରେ ଚଢ଼ି ଯାଆନ୍ତି, ବୁଢ଼ାଦିନେ ଯେଉଁ ଆଶାବାଡ଼ିଟିକୁ ଧରି ଚଲାବୁଲା କରନ୍ତି, ସେହି ସମସ୍ତଙ୍କ ନିକଟରେ ଆମେ କୃତଜ୍ଞ ।

ସୂକ୍ଷ୍ମ ଦୃଷ୍ଟିରେ ଲକ୍ଷ୍ୟ କଲେ ସାରା ସଂସାରରେ ସବୁଠି କୃତଜ୍ଞତାର ଭାବ ଭରି ରହିଛି । ହେନରୀ ଡାଭିଡ୍ ଥରୋ ଓ ଜନ୍ ରସ୍କିନ୍‌ଙ୍କ ପ୍ରବନ୍ଧ, କାଉ଼ ଲିଓ ଟଲଷ୍ଟୟଙ୍କ ଗଳ୍ପ ପଢ଼ି ମହାତ୍ମା ଗାନ୍ଧିଙ୍କ ରାଜନୈତିକ, ଅର୍ଥନୈତିକ ଓ ଆଧ୍ୟାତ୍ମିକ ଚିନ୍ତନ ଖୁବ୍ ସମୃଦ୍ଧ ହୋଇଥିଲା । ସେ ସେମାନଙ୍କୁ ଗୁରୁ ରୂପେ ସ୍ୱୀକାର କରିଥିଲେ ଓ ଗୁରୁମାନଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିଥିଲେ । ଆମ୍ଭମାନଙ୍କ ଉଦ୍ଦେଶ୍ୟରେ ଗାନ୍ଧିଜୀ କହିଛନ୍ତି, ଆମେ ଯାହାଙ୍କର ମହତ ଲେଖାଟିଏ ପଢ଼ନ୍ତି ବା ମହତ କଥାଟିଏ ଶୁଣନ୍ତି ତାଙ୍କୁ ଅନ୍ତରରେ ଗୁରୁ ରୂପରେ ବରଣ କରିବା ହିଁ ଆମର ଯଥାର୍ଥ ମନୁଷ୍ୟତ୍ୱ । ସ୍ୱଳ୍ପ ସମୟ ନିରବରେ ବସି ଚିନ୍ତାକଲେ ଜାଣିପାରିବା ତା' କିମ୍ବା ପାନ ଦୋକାନରେ ସାଙ୍ଗସାଥି ମେଳରେ ବସି ଆମେ କେତେ ଖୁସିରେ ଗପ କରନ୍ତି ଦୀର୍ଘ ସମୟ ଖୁବ୍ ଧୈର୍ଯ୍ୟର ସହିତ । ଠିକ୍ ସେହିଭଳି କୌଣସି ଲେଖକଙ୍କର ଲେଖା ଯଦି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ତାକୁ ଧୈର୍ଯ୍ୟ ଧରି ପଢ଼ିବା, କୌଣସି ବ୍ୟକ୍ତିଙ୍କର ବକ୍ତବ୍ୟ ଯଦି ମହତ୍ତ୍ୱପୂର୍ଣ୍ଣ ହୋଇଥାଏ, ତାକୁ ଧୈର୍ଯ୍ୟ ଧରି ଶୁଣିବା ଓ ସେମାନଙ୍କ ପ୍ରତି କୃତଜ୍ଞତା ସ୍ୱୀକାର କରିବା ଦ୍ୱାରା ଆମର ମହାନୁଭବତା ପ୍ରକାଶିତ ହୋଇଥାଏ । ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ଭୂମି ଉପରେ ଆଣ୍ଠୁ ମାଡ଼ି ଦିନବେଳେ ଉଦୟକାଳୀନ ଓ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଏବଂ ରାତିରେ ଚଟୁଳ ଚନ୍ଦ୍ରଙ୍କୁ ପ୍ରଣିପାତ କରୁଥିଲେ ଓ କହୁଥିଲେ, 'ମୋର ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ହେଉଛନ୍ତି ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ସ୍ରଷ୍ଟା । ମୁଁ ସେହି ସ୍ରଷ୍ଟା-ପୁରୁଷଙ୍କ ନିକଟରେ କୃତଜ୍ଞ ।' ଶ୍ରୀରାମଚନ୍ଦ୍ର ସକାଳେ ଶଯ୍ୟା ତ୍ୟାଗ କରି ମା' କୌଶଲ୍ୟା, ବାପା ଦଶରଥ ଓ ଗୁରୁ ବଶିଷ୍ଠଙ୍କ ପାଦଛୁଇଁ ପ୍ରଣାମ କରୁଥିଲେ ଓ ନିଜର କୃତଜ୍ଞତା ବ୍ୟକ୍ତ କରୁଥିଲେ । ସାହାନାଇ ବାଦକ ବିସ୍‌ମିଲ୍ଲା ଖାଁ କହୁଥିଲେ, 'ଗଙ୍ଗାନଦୀ ଜଳସ୍ରୋତର କଳକଳ ଧ୍ୱନିରୁ ମୁଁ ସାହାନାଇ ବାଦନର ପ୍ରେରଣା ପାଇଛି । ଗଙ୍ଗାନଦୀ ନିକଟରେ ମୁଁ କୃତଜ୍ଞ ।' କୃତଜ୍ଞତାର ବିପୁଳ ଦିଗନ୍ତ ସତରେ ଖୁବ୍ କୋମଳ ଓ କମନୀୟ, ଦିବ୍ୟ ଓ ଦର୍ଶନୀୟ ।

# ଜଟିଳ ହେବାକୁ ଯାଉଛି ୨୦୨୬ ରାଜନୀତି: ତ୍ରିଶକ୍ତିଙ୍କ ମଧ୍ୟରେ ହେବ ଜୋରଦାର ଲଢ଼େଇ

୨୦୨୭ ବର୍ଷର ପ୍ରାରମ୍ଭରେ ହେବ ପଞ୍ଚାୟତ ଓ ପୌର ନିର୍ବାଚନ । ପ୍ରଥମ ପରୀକ୍ଷା ନୂଆପଡ଼ାରେ ମୋହନ ସରକାର ଓ ବିଜେପି ଟପ୍ପର ହୋଇ ସାରିଛି । ଏବେ ପ୍ରତି ପଞ୍ଚାୟତରେ ସଂଗଠନକୁ ବଳୁଆ କରିବାକୁ ହେବ । ଯୋଜନାବଦ୍ଧ ଭାବେ ବିରୋଧୀ ଦଳ ଗଡ ଭାଙ୍ଗିବାକୁ ହେବ । ରାଜ୍ୟସ୍ତରରେ ନୁହେଁ, ୨୦୨୬ରେ ଗାଁରୁ ସହର ସରଗରମ ହେବ ରାଜନୀତି । ପଞ୍ଚାୟତରୁ ପୌର ବର୍ଷତମାମ ଧାଇଁବେ ଆଶାୟୀ । ମନ୍ତ୍ରିମଣ୍ଡଳ, ନିଗମ, ବୋର୍ଡରେ ଦିଶିପାରନ୍ତି ନୂଆ ମୁହଁ-ମନ୍ତ୍ରିମଣ୍ଡଳ ଦେଖିପାରେ ନୂଆ ମୁହଁ। ନିଗମ, ବୋର୍ଡ ମଙ୍ଗ ଧରିବେ ଅନେକ ନୂଆ ନେତୃତ୍ୱ । ଖାଲି ହେବାକୁ ଥିବା ୪ ରାଜ୍ୟସଭା ଆସନର ନୂଆ ଗଣିତ ଓଡ଼ିଶା ରାଜନୀତି ହିସାବ ଓଲଟପାଲଟ କରିପାରେ । ନୂଆ ରାଜନୈତିକ ଦଳ ଜନ୍ମନେବାର ସମ୍ଭାବନା । ରାଜ୍ୟ ପ୍ରଶାସନର ହେବ ନୂଆ କଳେବର । ରୋଚକ ମୋଡ଼ ସହ ୨୦୨୬ କିଛି ବଡ଼ ରାଜନୈତିକ ଦୃଶ୍ୟପଟ୍ଟ ଦେଖାଇବ ।

ପ୍ରତିଶ୍ରୁତି ପୂରଣ, ଦକ୍ଷତା ପ୍ରଦର୍ଶନ ମୋହନ ସରକାରଙ୍କ ପାଇଁ ଆହ୍ୱାନ-୨୦୨୬ ବିଜେପି ଓ ମୋହନ ସରକାରଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ । ଆଉ ୨୪ ବର୍ଷର ଶାସନ କଥା କହି ପୂର୍ବ ସରକାରଙ୍କୁ ଦୋଷ ଦେଲେ ହେବନି। ୨୦୨୬ରେ ସରକାର ନିଜର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳିବେ । ଏ ବର୍ଷ ସରିଲାବେଳକୁ ବିଜେପି ସରକାରଙ୍କ କାର୍ଯ୍ୟକାଳର ଅଧା ଅବଧି ସରିଯିବ । ଆଉ ବିଳମ୍ବ ନ କରି ସଂଗଠନ ପାଇଁ କାମ କରିଥିବା ନେତାଙ୍କୁ ଶୀଘ୍ର ନିଗମ, ବୋର୍ଡରେ ଥଇଥାନ କରିବାକୁ ପଡ଼ିବ । ଆରମ୍ଭରୁ ଖାଲି ଥିବା ୬ଟି ମନ୍ତ୍ରୀ ପଦ ପୂରଣ କରିବା ଦିଗରେ କିଛି ବଡ଼ ନିଷ୍ପତ୍ତି ନେବାକୁ ହେବ । ସମସ୍ତ ମନ୍ତ୍ରୀଙ୍କ ଦକ୍ଷତା, ପ୍ରଦର୍ଶନକୁ ପରଖାଯିବ ଏ ବର୍ଷ । ଏ ବର୍ଷ ଓଡ଼ିଶାରେ ଏସଆଇଆର (ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ରାଜନୀତି ତେଜିପାରେ । ପ୍ରଶାସନିକ ସ୍ତରରେ ମୋହନ ସରକାରଙ୍କ ଆଗରେ ଅନେକ ଆହ୍ୱାନ । କହିଥିଲେ, ୨ ବର୍ଷରେ ୬୫ ହଜାର ଖାଲି ସରକାରୀ ପଦବୀ ପୂରଣ ସହ ୨୦୨୯ ସୁଦ୍ଧା ସାଢ଼େ ୩ ଲକ୍ଷ ନିଯୁକ୍ତି ଦେବେ । ୧୮ ମାସରେ ସରକାର ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ କରି ସାରିଛନ୍ତି । ବାକି ପ୍ରତିଶ୍ରୁତି ପୂରଣ କରିବାକୁ ମୋହନ ସରକାର ଜୋର୍ ଦେବେ । ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ପ୍ରସ୍ତାବିତ ଉତ୍ତର ଓଡ଼ିଶା ବିକାଶ ପରିଷଦ ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦକୁ ବାସ୍ତବ ରୂପ ଦେବାକୁ ହେବ । ମହାନଦୀ ବିବାଦ ସମାଧାନ କଲେ ମୋହନ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଉପଲବ୍ଧି ହେବ । ୮୦ ବର୍ଷରୁ ଅଧିକ ବୟସ୍କ ଏବଂ ୮୦% ଅକ୍ଷମତା ଥିବା ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଭତ୍ତା ଦେଉଛନ୍ତି ମୋହନ ସରକାର। ମାତ୍ର ସବୁ ଭତ୍ତାଧାରୀଙ୍କୁ ମାସିକ ୩ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ ପ୍ରତିଶ୍ରୁତି କେବେ ପୂରଣ ହେବ, ଲୋକେ ଅପେକ୍ଷା କରିଛନ୍ତି । ବିକଶିତ ଓଡ଼ିଶା ଭିଜନକୁ ଆଗେଇ ନେବାକୁ ହେବ । ଲୋକପ୍ରିୟତା ସାଉଁଟୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ବର୍ଷ କ'ଣ ନୂଆ କରିବେ, ତାହା ଉପରେ ସଭିଙ୍କ ନଜର ରହିବ ।

ବିଜେଡି ପାଇଁ ୨୦୨୬ 'କର ବା ମର' ବର୍ଷ । ଦଳ ଆଗକୁ ବଢ଼ିବ ନା ନୂଆପଡ଼ା ଭଳି ରାଜ୍ୟ ତମାମ ୩ ନମ୍ବରକୁ ଖସିଯିବ, ଏ ବର୍ଷର ପ୍ରଦର୍ଶନ ସ୍ଥିର କରିବ । ୨୦୨୫ ବର୍ଷ ତମାମ କନ୍ଦଳ, ବୟାନବାଜି, ଦଳ ଡିଆଁ, ଧୋକା, ପରାଜୟର ଗ୍ଲାନିରେ ବିଜେଡି ଢେର ଘାଣ୍ଟି ହେଲା । ଦଳୀୟ କନ୍ଦଳରେ ବ୍ରେକ୍ ଲଗାଇପାରିବେ କି ନବୀନ। ବିଜେଡିର ସୁପରମ୍ୟାନ ସଭାପତି ନବୀନ ପଟ୍ଟନାୟକ ଏହି ଧାରାରେ ବେକ୍ର ଲଗାଇପାରିଲେ, ଦଳ ସଂଗଠିତ ହେବ । ନଚେତ୍ ଯେଉଁଭଳି ବାଦବିବାଦ ଲାଗିଛି, କିଛି ବଡ଼ ବିସ୍ଫୋରଣ ହୋଇପାରେ । ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ବଡ଼ ସଫଳତା ପାଇଥିଲା । ଏବେ ସ୍ଥିତି ଓଲଟା । ପୁରୁଣା ଗଡ଼ ବଞ୍ଚାଇବାକୁ ହେଲେ କଠିନ ସଂଘର୍ଷ ଓ ରଣନୀତି ଦରକାର । ଏଥିପାଇଁ ନବୀନଙ୍କୁ କିଛି ବଡ଼ ନିଷ୍ପତ୍ତି ନେବାକୁ ପଡ଼ିବ । ଦେବାଶିଷ ସାମନ୍ତରାୟ, ଭୂପିନ୍ଦର ସିଂହ, ବଦ୍ରି ପାତ୍ର, ପ୍ରଭାତ ବିଶ୍ୱାଳ ଓ ମେଳି ବାନ୍ଧୁଥିବା ଯୁବ ନେତାମାନେ ଥମିବେ ନା କିଛି ବଡ଼ କରିବେ, ତାହା ୨୦୨୬ କହିବ ।

ଭକ୍ତ ଆଗକୁ ବଢ଼ିବେ ନା ତେଜିବ ଦିଲ୍ଲୀ ଚଲୋ ଅଭିଯାନ। କଂଗ୍ରେସ ପାଇଁ ସ୍ଥିତି ଏକଦମ ଆହ୍ୱାନଭରା । ଗୋଡ଼ଟଣା ରାଜନୀତିକୁ ପଛରେ ପକାଇ ରାଜ୍ୟବ୍ୟାପୀ ସାଂଗଠନିକ କାର୍ଯ୍ୟକ୍ରମକୁ ପିସିସି ସଭାପତି ଭକ୍ତ ଦାସ ଆଗେଇ ପାରିଲେ ଦଳ ଆଗକୁ ମାଡ଼ିବ । ନଚେତ ବିରୋଧୀ ଗୋଷ୍ଠୀ ଭକ୍ତ ହଟାଅ ଅଭିଯାନରେ ଦିଲ୍ଲୀ ପହଞ୍ଚିଯିବାକୁ ବେଶି ସମୟ ଲାଗିବନି । ଅନ୍ୟପଟେ ଏଆଇସିସି ଓଡ଼ିଶାକୁ କେତେ ଫୋକସ ଦେଉଛି, ତାହା ମଧ୍ୟ ଦେଖିବାର କଥା। ଏଥର ନୂଆ ରାଜନୈତିକ ଦଳ ଦେଖିବାକୁ ମିଳିପାରେ ଓଡ଼ିଶା । କଂଗ୍ରେସରୁ ବିଦା ହୋଇଥିବା ମହମ୍ମଦ ମୋକିମ ଏଭଳି କିଛି ଚର୍ଚ୍ଚାକୁ ନୂଆ ରୂପ ଦେବେ କି ନାହିଁ, ତାହା ୨୦୨୬ ଆରମ୍ଭରେ ହିଁ ସ୍ପଷ୍ଟ ହେବା ଅନୁମାନ କରାଯାଉଛି । ସେହିପରି ବରିଷ୍ଠ ନେତା ବିଜୟ ମହାପାତ୍ର, ଅମର ଶତପଥୀ, ପ୍ରଭାତ ତ୍ରିପାଠୀ, ଖାରବେଳ ସ୍ୱାଇଁଙ୍କ ଭଳି କିଛି ନେତା ଏ ବର୍ଷ କେଉଁ ଆଡ଼େ ଗତି କରିବେ, ତାହା ଉପରେ ନଜର ରହିଛି ।

# ଜାନୁଆରୀ ୧ କ'ଣ ଆମ ଭାରତୀୟ ପରମ୍ପରାର ନବବର୍ଷ ?



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଏହା ଏକ ବିଡମ୍ବନା ଯେ ଯେତେବେଳେ ଡିସେମ୍ବର ୩୧ ତାରିଖର ଅର୍ଦ୍ଧରାତ୍ରୀରେ ସାରା ଦୁନିଆ ଘଣ୍ଟାର ସବୁ କଣ୍ଟା ୧୨ରେ ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା କରିଥାଏ ସେତେବେଳେ ଆମେ କେବଳ ଏକ ତାରିଖକୁ ବଦଳାଉ ନାହେଁ ବରଂ ଅଜାଣତରେ ଏକ ପଦ୍ଧତିକୁ ସ୍ୱୀକାର କରିନେଉଛେ ଯାହାର ସମ୍ପର୍କ ଆମ ପ୍ରକୃତି ଭୂଗୋଳ ଏବଂ ସଂସ୍କୃତି ସହ ନାହିଁ। ଏ ପ୍ରସଙ୍ଗରେ ପ୍ରଶ୍ନ ମଧ୍ୟ ସରଳ – କ'ଣ ବାସ୍ତବରେ ଏହା ନୂଆବର୍ଷ ଅଟେ ? ସମୟର ନିରନ୍ତରତାରେ ଏକ ସଂଖ୍ୟାର ପରିବର୍ତ୍ତନ ପ୍ରଶାସନିକ ସୁବିଧା ତ ହୋଇପାରେ କିନ୍ତୁ କ'ଣ ଏହା ସେଇ ନବୀନତାର ପ୍ରତୀକ ଅଟେ ଯାହାକୁ ଆମେ ନବ ବର୍ଷ କହୁଛେ ? ଭାରତ ଏକ ପ୍ରାଚୀନ ଏବଂ ଜ୍ଞାନ ସମୃଦ୍ଧ ଦେଶ ଅଟେ ଯେଉଁଠି କାଳର ଗଣନା କେବଳ ଏକ ଅଙ୍କର ଖେଳ ନୁହେଁ ବରଂ ଖଗୋଳ ବିଜ୍ଞାନ ଏବଂ ପ୍ରକୃତିର ଅନ୍ତଃସଂଘର୍ଷର ମହାକାବ୍ୟ ଅଟେ । ଏଣୁ ଏ ପ୍ରସଙ୍ଗରେ ବିମର୍ଷର ଆବଶ୍ୟକତା ରହିଛି। ଆମକୁ ଏକଥା ମଧ୍ୟ ବୁଝିବାକୁ ପଡିବ ଯେ ପାଶ୍ଚାତ୍ୟ କ୍ୟାଲେଣ୍ଡର ଏବଂ ଭାରତୀୟ ପଞ୍ଜାଙ୍ଗ ମଧ୍ୟରେ ପାର୍ଥକ୍ୟ କେବଳ ତିଥି ନୁହେଁ ବରଂ କ୍ୟାଲେଣ୍ଡର ଏବଂ ପଞ୍ଜାଙ୍ଗ ମଧ୍ୟରେ ଦୃଷ୍ଟି ଏବଂ ଦର୍ଶନର ପାର୍ଥକ୍ୟ ରହିଛି।

ଗ୍ରୋଗୋରିୟନ କ୍ୟାଲେଣ୍ଡର ଯାହା ଆଜି ବିଶ୍ୱସ୍ତରରେ ପ୍ରଶାସନିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି ତାହା ମୂଳତଃ ସୌରଚକ୍ର ଉପରେ ଆଧାରିତ ଏମିତି ଏକ ବ୍ୟବସ୍ଥା ଯାହାକୁ ତତ୍‌କାଳୀନ ରୋମାନ ସାମ୍ରାଜ୍ୟ ଏବଂ ପରିବର୍ତ୍ତୀ ସମୟରେ ବ୍ରିଟିଶ ଉପନିବେଶବାଦ ନିଜ ସୁବିଧା ଅନୁସାରେ ଚଳାଇଥିଲେ। ଏହାର ବିପରୀତ ଭାରତୀୟ କାଳଗଣନା ସୌର ଏବଂ ଚନ୍ଦ୍ର ଉଭୟଙ୍କ ଗତିର ଏକ ଅଦ୍‌ଭୁତ ସମନ୍ୱୟ ଓ ଏହା ବ୍ରହ୍ମାଣ୍ଡର ସନ୍ତୁଳନକୁ ଦର୍ଶାଇଥାଏ। ଜାନୁୟାରୀ ୧କୁ ଯେତେବେଳେ ଆମେ ନୂଆବର୍ଷ ଭାବେ ପାଳନ କରୁଛେ ସେତେବେଳେ ସାରା ବିଶ୍ୱରେ ଶୀତ ବା ଥଣ୍ଡାର ସମୟ ଚାଲିଥାଏ, ଗଛରୁ ପତ୍ର ଝଡିଯାଇଥାଏ ଏବଂ ପ୍ରକୃତି ଏକପ୍ରକାର ସୁପ୍ତ ଅବସ୍ଥାରେ ଥାଏ। ବାତାବରଣରେ କୌଣସି ଜୈବିକ ପରିବର୍ତ୍ତନ ହୋଇନଥାଏ କିମ୍ବା ବାୟୁମଣ୍ଡଳରେ ବା ପବନରେ ଉଷ୍ଣତା ମଧ୍ୟ ନଥାଏ ଯାହା କୌଣସି ନୂଆ ପ୍ରାରମ୍ଭର ସୂଚନା ଦେଇପାରିବ। ଏହା କେବଳ କ୍ୟାଲେଣ୍ଡରର ପୃଷ୍ଠା ଓଲଟାଇବାର କଥା ଯେଉଁଥିରେ କୌଣସି ଭାବନାତ୍ମକ ସମ୍ପର୍କ ନଥାଏ। ଏପରିକି ଏଥି ସହ କୌଣସି ସାଂସ୍କୃତିକ ସମ୍ପର୍କ ବି ନଥାଏ। ଏହାର ବିପରିତ ଯଦି ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାକୁ ଦେଖିବା ତେବେ ଦେଖାଯିବ ଯେ କେମିତି ସୃଷ୍ଟି ନିଜକୁ ନୂଆ ରପରେ ସଜାଇଛି। ଏହି କାଳଖଣ୍ଡ କେବଳ ଏକ ତିଥିର ଆଗମନ ନୁହେଁ ବରଂ ପ୍ରକୃତିର ପୁନର୍ଜନ୍ମ ଅଟେ।

ଚୈତ୍ର ମାସରେ ପୃଥିବୀର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରାଯାଇ ପାରିବ ନାହିଁ। ଗଛରେ ନୂଆ ପତ୍ର କଅଁଳିଥାଏ, ବିଗିଚାରେ ଆମ୍ବର ବାସ୍ନା ଭରିରହିଥାଏ ଏବଂ କ୍ଷେତର ରବି ଫସଲ କୃଷକଙ୍କ ସଫଳତାର କଥା କହିଥାଏ। ଏହା ହିଁ ତ ପ୍ରକୃତ ନବବର୍ଷ ଯେଉଁଠି ଜୀବନର ସତ୍ତାର ଥାଏ, ସମସ୍ତ ଜୀବ ଜନ୍ତୁ ଏବଂ ବନସ୍ପତିରେ ନୂଆ ଚେତନା ଜାଗୃତ ହୋଇଥାଏ। ଭାରତୀୟ ସଂସ୍କୃତିରେ ନବବର୍ଷର ଅର୍ଥ ନୂଆ ଜୀବନ ଏବଂ ନୂଆ ଆଶା ଯାହା ପ୍ରତ୍ୟକ୍ଷ ଭାବେ ଆମର ପରିବେଶରେ ଦେଖିବାକୁ ମିଳିଥାଏ। କ୍ଷେତରୁ ଅନ୍ନ (ଖାଦ୍ୟଶସ୍ୟ) ଆସିଲେ ତାହା କେବଳ କୃଷକଙ୍କ ସମୃଦ୍ଧି ନୁହେଁ ବରଂ ରାଷ୍ଟ୍ରର ଖାଦ୍ୟ ସୁରକ୍ଷା ଏବଂ ଉଲ୍ଲାସର ପ୍ରତୀକ ପାଲଟିଯାଏ। ଏଣୁ ଭାରତୀୟ ନବବର୍ଷର ଭଗୀର ସମ୍ପର୍କ ସେଇ ମାଟି ସହ ରହିଛି ଯିଏ ଆମକୁ ଜୀବନ ଦେଇଥାଏ। ୩୧ ଡିସେମ୍ବର ରାତ୍ରୀରେ ହେଉଥିବା ଉତ୍ସବ ପାଳନ ସେଇ ଶାନ୍ତିପୂର୍ଣ୍ଣ ଏବଂ ଜୀବନ୍ତ ପରିବର୍ତ୍ତନର ସମକକ୍ଷ ହୋଇପାରିବ ନାହିଁ ଯାହା ଚୈତ୍ରର ପ୍ରଥମ କିରଣ ସହ ବ୍ରହ୍ମାଣ୍ଡରେ ଘଟିଥାଏ। ସାମାଜିକ ଏବଂ ବ୍ୟବହାରିକ ଦୃଷ୍ଟିରେ ଦେଖିଲେ ଭାରତର ବାସ୍ତବିକ୍ ଜୀବନ ଚକ୍ର ମାର୍ଚ୍ଚ- ଏପ୍ରିଲର ଚାରିପଟେ ଘୁରି ବୁଲିଥାଏ। ଆମର ବିଦ୍ୟାଳୟ ମାନଙ୍କରେ ନୂଆ ଶିକ୍ଷାବର୍ଷ ଏହି ସମୟରେ ଆରମ୍ଭ ହୋଇଥାଏ। ଦେଶର ଆର୍ଥୀକ ବର୍ଷ ମଧ୍ୟ ଏହି ସମୟରେ ଶେଷ ହୋଇ ନୂଆ ଆର୍ଥୀକ ବର୍ଷର ପ୍ରାରମ୍ଭ ହୋଇଥାଏ। ବ୍ୟାଙ୍କଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟ ସବୁଠି ଆର୍ଥୀକ ଏବଂ ଯୋଜନାରତ ସ୍ତରରେ ଆମେ ମାର୍ଚ୍ଚ ଶେଷ ଓ ଅପ୍ରେଲ ପ୍ରାରମ୍ଭକୁ ବିନ୍ଦୁ ଭାବେ ଗ୍ରହଣ କରିଥାଉ। ଏଥିରୁ ସ୍ପଷ୍ଟ ଯେ ଆମେ ଜାନୁୟାରୀ ୧କୁ ଗ୍ରହଣ କଲେ ମଧ୍ୟ ଆମର ସାମାଜିକ ଏବଂ ଆର୍ଥୀକ ବ୍ୟବସ୍ଥା ଆଜି ମଧ୍ୟ ପ୍ରାଚୀନ କାଳଚକ୍ର ସହ ଜଡ଼ିତ। ଏହି କାଳଖଣ୍ଡରେ ଯେଉଁ ନବୀନତା ଥାଏ ତାହା କେବଳ କାଗଜ କଲମରେ ସୀମିତ ନୁହେଁ ବରଂ ବ୍ୟକ୍ତିର ଦୈନିକ ଜୀବନ ଏବଂ ଭବିଷ୍ୟତର ଯୋଜନାକୁ ଏହି କାଳଖଣ୍ଡ ପ୍ରଭାବିତ କରିଥାଏ।

ଭାରତୀୟ ନବବର୍ଷ କେବଳ ଏକ ଖଗୋଳୀୟ ଘଟଣା ନୁହେଁ ବରଂ ଆଧ୍ୟାତ୍ମିକ ଏବଂ ସାଧନାର ପର୍ବଅଟେ। ପୁରାଣ ଅନୁସାରେ ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦା ଦିନ ବ୍ରହ୍ମା ସୃଷ୍ଟିର ରଚନା ଆରମ୍ଭ କରିଥିଲେ ଏବଂ ଏହିଦିନ ମହାରାଜା ବିକ୍ରମାଦିତ୍ୟ ବିକ୍ରମ ସମ୍ବତ୍ସରର ପ୍ରାରମ୍ଭ କରି ଭାରତର ଏକ ନୂଆ ଐତିହାସିକ ପରିଚୟ ସୃଷ୍ଟି କରିଥିଲେ। ଏହି ସମ୍ବତ୍ସର ଆମର ବିଜୟ, ଆମର ସ୍ୱାଭିମାନ ଏବଂ ଆମ ବୈଜ୍ଞାନିକ ଜ୍ଞାନର ପ୍ରତୀକ ଅଟେ। ଏହାର ବିପରୀତ ୩୧ ଡିସେମ୍ବର ମଧ୍ୟରାତ୍ରୀର ଯେଉଁ ଦୃଶ୍ୟ ଆମ ନଜରକୁ ଆସେ ତାହା ଚିନ୍ତାଜନକ। ଆଧୁନିକତା ନାମରେ ମଦ୍ୟପାନ ଏବଂ ଅନିୟନ୍ତ୍ରିତ ହୋ ହାଲ୍ଲା ଉତ୍ସବକୁ ବିକୃତ କରିଦେଇଥାଏ। ଆତ୍ମାକୁ ପରିଷ୍କୃତ କରି ଯିଏ ସମାଜରେ ସୌହାର୍ଦ୍ଦ୍ୟ ଏବଂ ମର୍ଯ୍ୟାଦାର ସ୍ଥାପନ କରେ ତାକୁ ଉତ୍ସବ କୁହାଯାଏ। ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ଆମକୁ କେବଳ କ୍ଷଣିକ ଇନ୍ଦ୍ରୀୟ ତୃପ୍ତି ଦେଇପାରେ। ଐତିହାସିକ ଓ ବୈଜ୍ଞାନିକ ସ୍ତରରେ ଭାରତୀୟ ପଞ୍ଜାଙ୍ଗ ଶ୍ରେଷ୍ଠ ଅଟେ। ଗ୍ରୋଗୋରିୟନ କ୍ୟାଲେଣ୍ଡରରେ ଅନେକ ସମୟରେ ସଂଶୋଧନରେ ଆବଶ୍ୟକତା ପଡିଥାଏ କିନ୍ତୁ ଭାରତୀୟ ଗଣନାରେ ସୂର୍ଯ୍ୟ, ଚନ୍ଦ୍ର ଏବଂ ନକ୍ଷତ୍ରଙ୍କ ସ୍ଥିତି ଏତେ ସଠିକ ରହିଛି ଯେ ଚନ୍ଦ୍ରଗ୍ରହଣ ସୂର୍ଯ୍ୟପରାଗ ବାବଦରେ ସଠିକ୍ ସୂଚନା ମିଳିପାରୁଛି। ଏହି ସମୟରେ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି ଏବଂ ତାଙ୍କ ଶକ୍ତି (ଉତ୍ତାପ) ଉଚ୍ଚ ମସ୍ତକ ପର୍ଯ୍ୟନ୍ତ ବଢ଼ିଯାଇଥାଏ ଯାହା ମାନବୀୟ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ ହେବା ପାଇଁ ଶୁଭ ବୋଲି କୁହାଯାଏ। ବିଜ୍ଞାନ ସମ୍ମତ ହେବାର ଅର୍ଥ ହେଉଛି ଏହା ପ୍ରକୃତିର ନିୟମର ଅନୁକୂଳ ହେବା ଉଚିତ। ଏହା କୌଣସି ଧର୍ମ ବା ସଂପ୍ରଦାୟର ବିଷୟ ନୁହେଁ ବରଂଚ ଏକ ସାର୍ବଭୌମିକ ଖଗୋଳୀୟ ସତ୍ୟଅଟେ ଯାହା ଆମ ଋଷିମୁନିମାନେ କରିଯାଇଛନ୍ତି।

ଏବେ ସବୁଠୁ ବଡ଼ ସମସ୍ୟା ହେଉଛି ଆମ ମାନସିକତା। ଆମେ ଏବେ ଆମ ପରମ୍ପରାରୁ ଦୁରେଇ ଯାଉଛେ ଓ ପାଶ୍ଚାତ୍ୟ ରୀତି-ନୀତିକୁ ଆପଣେଇବାରେ ଲାଗିଛେ। ଜାନୁୟାରୀ ୧କୁ ନୂଆବର୍ଷ ଭାବେ ପାଳନକରି ଆମେ ଏକ ପ୍ରକାର ସାଂସ୍କୃତିକ ଦାସତାକୁ ଗ୍ରହଣ କରିନେଉଛି। ଆଧୁନିକ ହେବାର ଅର୍ଥନୁହେଁ ନିଜର ମୂଳକଥାକୁ ଭୁଲିଯିବା ବରଂ ନିଜର ପରମ୍ପରାର ବୈଜ୍ଞାନିକ ଏବଂ ତାର୍କିକ ଆଧାରକୁ ବୁଝି ତାକୁ ଗର୍ବର ସହ ପାଳନ କରିବା ହିଁ ଆଧୁନିକତା। ପ୍ରଶାସନିକ କାର୍ଯ୍ୟପାଇଁ ବୈଶ୍ୱିକ ମାନକକୁ ଗ୍ରହଣ କରାଯାଇପାରେ କିନ୍ତୁ ନିଜର ସାଂସ୍କୃତିକ ପରିଚୟକୁ ଭୁଲିଯିବା ଉଚିତ୍ ନୁହେଁ। ଆମେ ବୁଝିବା ଉଚିତ୍ ଯେ କ୍ୟାଲେଣ୍ଡର କେବଳ ତାରିଖ ବଦଳାଏ ନାହିଁ ବରଂ ଆମର ମାନସିକତା ଏବଂ ବ୍ୟବହାରକୁ ଦିଗ୍‌ଦର୍ଶନ ଦେଇଥାଏ। ଯଦି ଆମେ ଆମ ସଂସ୍କୃତିର ଅନୁରପ ନବବର୍ଷ ପାଳିବା ତେବେ ତାହା ଆମର ମାଟି, ଆମ ପୂର୍ବଜ ଏବଂ ଆମ ପ୍ରକୃତି ପ୍ରତି କୃତଜ୍ଞତା ପ୍ରଦର୍ଶିତ କରିବ। ନିଷ୍କର୍ଷ ହେଉଛି ସମୟର ଧାରାରେ ସେଇ ରାଷ୍ଟ୍ର ଜୀବିତ ଏବଂ ସଶକ୍ତ ରହେ ଯିଏ ନିଜର ମୂଳଦୁଆ ସହ ଯୋଡି ହୋଇ ରହିଥାଏ। ଭାରତୀୟ ନବବର୍ଷ ନୂଆ ହେବା ସହ ପୁନର୍ନବ ହେବାର ସନ୍ଦେଶ ଦେଇଥାଏ। ଏହାର ଅର୍ଥ ହେଉଛି ପ୍ରତ୍ୟେକ ବର୍ଷ ନିଜକୁ ପୁନଃ ନୂଆ କରିଥାଏ, ନିଜର ବିଚାରକୁ ଶୁଦ୍ଧ କରିଥାଏ ଏବଂ ପ୍ରକୃତି ସହ ତାଳମିଳାଇ ଚାଲିବାର ସନ୍ଦେଶ ଦେଇଥାଏ। ଏହା କେବଳ ଗୋଟିଏ ଦିନର ଉତ୍ସବ ନୁହେଁ ବରଂ ଏକ ସଂକଳ୍ପ ଅଟେ। ଆମେ ସେଇ ନବବର୍ଷକୁ ସ୍ୱାଗତ କରିବା ଉଚିତ୍ ଯିଏ ଆମକୁ ସଂସ୍କାର ଦେଇଥାଏ, ଯିଏ ଆମକୁ ବିଜ୍ଞାନ ସହ ଯୋଡିଥାଏ ଏବଂ ଆମ ମହାନ୍ ଭାରତୀୟ ପରମ୍ପରାର ଗୌରବର ଗାଥା ବଖାଣିଥାଏ। ସଂସ୍କୃତି ପ୍ରତି ସ୍ୱାଭିମାନ ହିଁ ଆମ ରାଷ୍ଟ୍ରର ଭବିଷ୍ୟତକୁ ଉଜ୍ଜ୍ୱଳ ଏବଂ ଯଶସ୍ୱୀ କରାଇ ପାରିବ।

# ସମାଲୋଚନାରେ ଅବିଚଳିତ ରାଜନେତା 'ଜାନକୀବଲ୍ଲଭ'



ପ୍ରଭୁକଲ୍ୟାଣ ମହାପାତ୍ର
ଭୁବନେଶ୍ୱର
ମୋ : ୯୯୩୭୭୧୧୩୮୯

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଥିଲେ ଜଣେ ବିଚକ୍ଷଣ ରାଜନେତା, ବିଶିଷ୍ଟ ସାହିତ୍ୟିକ ଓ ସୁବକ୍ତା ତଥା ବିଖ୍ୟାତ ସାମ୍ବାଦିକ। ଇଂରାଜୀ ସାପ୍ତାହିକ 'ଇଷ୍ଟର୍ଣ୍ଣ ଟାଇମ୍ସ' ଏବଂ ଓଡ଼ିଆ ଦୈନିକ 'ପ୍ରଜାତନ୍ତ୍ର'ର ସମ୍ପାଦକ ଥିବା ଜାନକୀ ବାବୁ ମଧ୍ୟ ମାସିକ ଓଡ଼ିଆ ପତ୍ରିକା 'ପୌରୁଷ'ର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ୧୯୭୧ ମସିହାରେ କଟକ ଲୋକସଭା ଆସନରୁ ସାଂସଦ ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ଜାନକୀ ବାବୁ ଦୁଇ ଥର ପାଇଁ ଲୋକସଭାର ସାଂସଦ, ଚାରି ଥର ଲାଗି ବିଧାୟକ ଏବଂ ତିନି ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ନିର୍ବାଚିତ ହୋଇଥିଲେ । ଏତଦ୍‌ଭିନ୍ନ ସେ ମଧ୍ୟ ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ଓ ଆସାମ ପ୍ରଦେଶର ରାଜ୍ୟପାଳ ଭଳି ମର୍ଯ୍ୟାଦାଜନକ ପଦବୀ ଅଳଙ୍କୃତ କରିଥିଲେ । କ୍ରମାଗତ ଭାବେ ରାଜନୈତିକ ଅସ୍ଥିରତା ଭିତରେ ଗତି କରୁଥିବା ଓଡ଼ିଶା ରାଜ୍ୟକୁ ସେ ପ୍ରଥମ ଥର ପାଇଁ ପାଞ୍ଚ ବର୍ଷର ଏକ ସ୍ଥିର ସରକାର ପ୍ରଦାନ କରିଥିଲେ ।

୧୯୨୭ ମସିହା ଜାନୁଆରୀ ୩ ତାରିଖରେ ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଗ୍ରାମରେ ଜନ୍ମିତ ଏହି ଦିବଂଗତ ରାଜନେତାଙ୍କର ୨୦୧୫ ମସିହା ଏପ୍ରିଲ ୨୧ ତାରିଖରେ ୮୯ ବର୍ଷ ବୟସରେ ଦେହାନ୍ତ ଘଟିଥିଲା । ଜାନକୀ ବାବୁଙ୍କ ପରଲୋକରେ ଓଡ଼ିଶା ବିଧାନସଭାରେ ଆଗତ ଶୋକ ପ୍ରସ୍ତାବରେ ତଦାନିନ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀଦଳ ନେତା ନରସିଂହ ମିଶ୍ର, ବିଜେପି ବିଧାୟକ ଦଳ ନେତା ବସନ୍ତ କୁମାର ପଣ୍ଡା ଓ ବାଚସ୍ପତି ନିରଞ୍ଜନ ପୂଜାରୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରସ୍ତାବ ଆଗତ କରି ଦର୍ଶାଇଥିଲେ ଯେ ୧୯୭୧ ଓ ୧୯୮୦ ମସିହାରେ କଟକ ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ଜାନକୀ ବାବୁ ୧୯୭୩ ରୁ ୧୯୭୫ ମସିହା ପର୍ଯ୍ୟନ୍ତ କେନ୍ଦ୍ର



ପ୍ରତିରକ୍ଷା ଉପମନ୍ତ୍ରୀ, ୧୯୭୫ ରୁ ୧୯୭୭ ମସିହା ପର୍ଯ୍ୟନ୍ତ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ, ୧୯୮୦ ମସିହାରେ କେନ୍ଦ୍ର ପର୍ଯ୍ୟଟନ, ବେସାମରିକ ବିମାନ ଚଳାଚଳ ଓ ଶ୍ରମ ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀ ଥିଲେ । ବହୁ ପୁସ୍ତକର ରଚୟିତା ଜାନକୀ ବାବୁ ୧୯୮୦ ଓ ୧୯୮୫ ମସିହାର ଆଠଗଡ ଏବଂ ୧୯୯୫ ଓ ୨୦୦୪ ମସିହାରେ ବେଗୁନିଆ ଆସନରୁ ବିଧାନସଭାକୁ ପ୍ରତିନିଧିତ୍ୱ କରିଥିଲେ । ୧୯୮୦, ୧୯୮୫ ଏବଂ ୧୯୯୫ ମସିହାରେ ସେ ତିନି ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀ ଅକ୍ତିଆର କରିଥିଲେ । ଏହା ପରେ ସେ ୨୦୦୯ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଆସାମ ପ୍ରଦେଶର ରାଜ୍ୟପାଳ ପଦବୀରେ ଅଧିଷ୍ଠିତ ହୋଇଥିଲେ ।

ବିରୋଧୀ ଦଳ ନେତା ନରସିଂହ ମିଶ୍ର ଉଲ୍ଲେଖ କରିଥିଲେ ଯେ, ଜାନକୀ ବାବୁ ଜଣେ ବିଚକ୍ଷଣ ରାଜନେତା ପ୍ରଥିତଯଶା ସାହିତ୍ୟିକ, ସମ୍ମାନସ୍ପଦ ସାମ୍ବାଦିକ ଏବଂ ଅସାମାନ୍ୟ ମୁଖ୍ୟମନ୍ତ୍ରୀ ଥିଲେ । ରାଷ୍ଟ୍ରପତି ଭବନରେ ଏକଦା ତାଙ୍କ ସଂପର୍କିତ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କି ସେ ଯୋଗଦେବାର ସୁଯୋଗ ପାଇଥିଲେ । ଉକ୍ତ ପୁସ୍ତକ ଉନ୍ମୋଚନ କରି ସେତେବେଳର ରାଷ୍ଟ୍ରପତି ଜାନକୀବାବୁଙ୍କ ସମ୍ପର୍କରେ ମନ୍ତବ୍ୟ ଦେଉଥିଲେ ଯେ, ୧୯୮୦ ମସିହାରେ ଜାନକୀବାବୁ ପ୍ରଥମ ଥର ପାଇଁ ଓଡ଼ିଶାକୁ ପାଞ୍ଚ ବର୍ଷ ଲାଗି ଏକ ସ୍ଥିର ସରକାର ପ୍ରଦାନ କରିଥିଲେ । ଅନ୍ୟ ପକ୍ଷରେ ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ଦର୍ଶାଇଥିଲେ ଯେ 'ମୁଁ ତାଙ୍କୁ ଦଶବର୍ଷ ପାଇଁ ବିରୋଧ କରିଛି ଏବଂ ଆଉ ଦଶ ବର୍ଷ ତାଙ୍କ ସହିତ କାମ କରିବାର ସୁଯୋଗ ପାଇଛି । ଉଭୟ ପରିସ୍ଥିତିରେ ମୁଁ ତାଙ୍କ ଉତ୍କର୍ଷକୁ ଉପଲବଧି କରିଛି । ସେ ଜଣେ ଅସାଧାରଣ ବ୍ୟବସ୍ଥାପକ ବା ପାର୍ଲାମେଣ୍ଟାରିଆନ ଥିଲେ । ବିରୋଧୀଙ୍କ ସମାଲୋଚନାରେ ଜାନକୀବାବୁ କଦାପି ବିଚଳିତ ହେଉନଥିଲେ । ଧୈର୍ଯ୍ୟର ସହିତ ସମାଲୋଚନାର ଉପଯୁକ୍ତ ଉତ୍ତର ରଖି ସନ୍ତୁଷ୍ଟ କରି ପାରୁଥିଲେ ।

ବିଜେପି ନେତା ବସନ୍ତ କୁମାର ପଣ୍ଡା କହିଥିଲେ ଯେ, ତିନି ତିନିଥର ଲାଗି ମୁଖ୍ୟମନ୍ତ୍ରୀ ହେଇଥିବା ଜାନକୀ ବଲ୍ଲଭ ପଟ୍ଟନାୟକ କେନ୍ଦ୍ରରେ ମଧ୍ୟ ବିଭିନ୍ନ ମନ୍ତ୍ରୀ ଦାୟିତ୍ୱ ଦକ୍ଷତାର ସହିତ ତୁଲାଇଥିଲେ । ସେ ଜଣେ ବିଶିଷ୍ଟ ଲେଖକ ଓ ବଢ଼ିଆ ବକ୍ତା ଥିଲେ ।

ବାଚସ୍ପତି ନିରଞ୍ଜନ ପୂଜାରୀ ଜଣାଇଥିଲେ ଯେ, ଯୁବକ ଅବସ୍ଥାରେ ସାମ୍ବାଦିକତାରେ ମନୋନିବେଶ କରି ରାଜନୀତି ପ୍ରତି ଆକର୍ଷିତ ହୋଇଥିବା ଜାନକୀ ବାବୁ ତାଙ୍କ ସାହିତ୍ୟିକ ନିପୁଣତାରେ ଅନେକ ପୁସ୍ତକ ରଚନା କରିଥିଲେ । ପତ୍ରପତ୍ରିକା ପ୍ରତି ତାଙ୍କର ଅହେତୁକ ଅନୁରାଗ ଥିଲା ଏବଂ ସେ ବହୁ ବିଶିଷ୍ଟ ଗୁଣର ଅଧିକାରୀ ଥିଲେ । ବିଧାନସଭାରେ ଏଭଳି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ଜାନକୀ ବାବୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

ସଂପ୍ରତି ଦେଶ ଓ ରାଜ୍ୟରେ ରାଜନୈତିକ ଅସହିଷ୍ଣୁତା ମାତ୍ରାଧିକ ପରିମାଣରେ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଜାନକୀ ବାବୁଙ୍କ ଅସୀମ ଧୈର୍ଯ୍ୟ ଓ ସାହସର ସହିତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାର ମନୋଭାବ ସ୍ୱତଃ ମନେ ପଡେ । କଠୋର ସମାଲୋଚନା ସତ୍ତ୍ୱେ ଅବିଚଳିତ ରହିବା ଭଳି ତାଙ୍କର ବିରଳ ସ୍ୱଭାବ ଆଜିର ରାଜନେତାଙ୍କ ପାଇଁ ଧ୍ୟେୟ ହେବା ଉଚିତ । ଓଡ଼ିଶା ରାଜନୀତିରେ ବେଶ କିଛି ଦଶନ୍ଧି ଧରି ନିଜର ଆଧିପତ୍ୟ ବିସ୍ତାର କରିଥିବା ଜାନକୀ ବାବୁଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ପାଳନ ଅବସରରେ ସେହି ଦିବଂଗତ ରାଜନେତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସ୍ରଷ୍ଟା ହେ !

**ସୁରଞ୍ଜନ ପଣ୍ଡା**



ସ୍ରଷ୍ଟା ହେ ! ତୁମେ ସବୁର ନିର୍ମାତା
ଆଉ ସବୁର ବିନାଶର କର୍ତ୍ତା
ତୁମ ଭ୍ରୂକୁଟୀ ଇଙ୍ଗିତର
ନିର୍ଦ୍ଦେଶରେ ସୃଜିପାର ଏ ଧରାରେ
ସବୁକିଛି ଜଙ୍ଗମ ସ୍ଥାବର
ତୁମରି କାଉଁରୀ ସ୍ପର୍ଶରେ
ଫକୀରବି ପାଇପାରେ ରାଜେନ୍ଦ୍ର ଆସନ
ଅବା ନେଇପାର ରାଜୁତି ରାଜାର
ପଙ୍ଗୁକୁ ବି ଗିରିପାର କର
ତୁମଇଚ୍ଛା ଦ୍ୱାରକା ସୃଜିଲ
ପୁଣିକେବେ ତୁମେ ଇଚ୍ଛାକଲ
ସବୁକିଛି ମହୋଦଧି ଜଳେ ବୁଡାଇଲ
ନାଶକଲ ପୁରା ଯଦୁକୁଳ
ତୁମରି ଭିଆଣ କାଳସ୍ରୋତ
ତୁମ ନିର୍ଣ୍ଣୟରେ ସିଏ କରାଳ ବା ଶାନ୍ତ
ପ୍ରକାଶିତ ହୁଏ ତୁମରି ଇଛାତ
ଏ ପୃଥିବୀ ଅରଣ୍ୟାନୀ ଶ୍ୟାମଳ ପର୍ବତ
ମରୁଭୂମି ମହୋଦଧି ସ୍ରୋତସ୍ୱିନି ଧାର
ସବୁକିଛି ପ୍ରକାଶ ତୁମର
ତୁମ ସୃଷ୍ଟି ମନୁପୁତ୍ର ଗତି ଓ ପ୍ରକୃତି
କରୁଅଛ ତୁମେ ନିୟନ୍ତିତ
କୁହ କଣ ସତ୍ୟ ମୋତେ ତେବେ
ତା ଭିତରେ ଭରିଥିବା ଜାନ୍ତବ ପ୍ରକୃତି
ହାତରେ କଙ୍କଣ ତାର କପଟିଆ ଛାତି
କ୍ରୁରତା ଓ ଦୁର୍ବାର ଲାଳସା
ଯୌବନରେ ମଦ ଆଉ ମଦାଳସା ଆଶା
କାହିଁକି ଏମିତି ଅଟେ ତୁମରି ସର୍ଜନା
ଏଥିପାଇଁ ଦାୟୀକିଏ ତୁମେକି ଜାଣେନା ?
ତୁମରି ପୂଜନ ପାଇଁ ତୋଳାହୁଏ ଚୈତ୍ୟ
କେତେ କେତେ ବୈଭବ ସ୍ଥାପତ୍ୟ
ମନ୍ଦିର ମସଜିଦ ଚର୍ଚ୍ଚ ଆଉ ଗୁରୁଦ୍ୱାର
ତା ଭିତରେ ବହୁରୂପୀ ଛବିତ ତୁମର
କିନ୍ତୁ ତାର ଦ୍ୱାରପାଳ ତାକୁ ଆବୋରନ୍ତି
ତୁମର ବିଭୁତି କହି ତେଜ ପ୍ରକାଶନ୍ତି
ମହନୀୟ ଆମ୍ଭା ପାଇଁ କୃଶଚିହ୍ନ
ଗିଲୋଟିନ ବିଷର ପିଆଲା ବାଣ୍ଟି
ଧର୍ମ ନାମେ ଅଧର୍ମ ରଚାନ୍ତି
କେତେକାଳ ଆଉ କୁହ ଏମିତି କଟିବ
ସମୟର ଅବର୍ତ୍ତକୁ କେବେ ସଜାଡ଼ିବ ?
ମଣିଷ ମନରେ ଥିବା ଅନ୍ଧକାର
ଜାନ୍ତବତାକ୍ରୋଧ ହିଂସାଅହମିକା ହୋଇ ଦୂର
କେବେ ପ୍ରକାଶିତ ହେବ ଆଲୋକର ?
ଏ ଧରାକୁ ମଧୁମୟ ମଧୁକ୍ଷାର କରି
ମହାନହୋଇବେ ମନୁପୁତ୍ରଗଣେ ଅମୃତର।

*ଅବସରପ୍ରାପ୍ତ ଅଧକ୍ଷ, ଧାମନଗର ମହାବିଦ୍ୟାଳୟ, ଭଦ୍ରକ*

# ନୂଆବରଷ ହସ ବରଷ

**ନଳିନୀ ଦାଶ**

ଥିରଥିରି ପାଦେ ନୂତନ ବରଷ
ହସ ଖୁସି ନେଇ ଆସିଛି
ଅନ୍ଧାର ହଟେଇ ବିଲ ବନ ଡେଇଁ
ନୂଆ ସକାଳଟା ହସୁଛି ।
ପୂରୁବ ଦିଗରେ ସୂରୁଜ ଉଇଁକି
ସୁନେଲି କିରଣ ବୁଣିଛି
ଗେଣ୍ଡୁ ମକଦଲ୍ଲୀ ସେବତୀ ରଙ୍ଗଣୀ
ଫୁଟି ମହମହ ବାସୁଛି ।
ଦୁଃଖ ଭରାସ୍ମୃତି ମନୁ ଲିଭିଯିବ
ସୁଖର ପସରା ଆଣିଛି
ନୂତନ ବାରତା କହିଲାଣି ଆସି
ସମାଜର ହିତେ ଆସିଛି ।
ଫୁଟିଲାଣି ବାଣ ବାଜିଲାଣି ବାଜା
ଗାଆଁଠୁ ସହର କମ୍ପୁଛି
ନୂଆ ବରଷରେ ସହରେ ବଜାରେ
ମେଳା ମହୋତ୍ସବ ହେଉଛି ।
ବଣ ଭୋଜି ପାଇଁ ଗାଆଁ ପିଲାଙ୍କର
ମେଳି ମାଳି ଆଜି ଲାଗିଛି
ପୁରୁଣା ବର୍ଷଟି ବିଦାୟ ନେଇଛି
ସବୁ ନୂଆ ନୂଆ ଲାଗୁଛି ।
ରାଗ ହିଂସା ଭାବ ମନରୁ ଦୂରେଇ
ନୂଆ ଆଶା ମନେ ଜାଗିଛି
ସ୍ନେହ ମମତାର ଉପହାର ଆଣି
ନୂତନ ଉତ୍ସାହ ଦେଉଛି ।
ନୂଆ ବରଷରେ କେତେ ଯେ ସପନ
ସବୁ ମନେ ଉଙ୍କି ମାରିଛି
ଭଲ କାମ କରି ରଖିଯିବା ଟେକ
ହୃଦେ ଆଶା ଫୁଲ ଫୁଟିଛି ।
ପିଠା ପଣା ଭୋଜି ଘରେ ଘରେ ହୁଏ
ସବୁ ଓଠେ ହସ ଫୁଟିଛି
ସୁଖ ଶାନ୍ତି ଦେଇ ନବାକୁ କୋଳେଇ
ନୂଆ ବରଷଟି ଆସିଛି ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*



# ଦୂର ଝରଣାର ଗୀତରେ ଗୀତରେ

**ହରିଶ୍ଚନ୍ଦ୍ର ବେହେରା**



ଦୂର ଝରଣାର ଗୀତରେ ଗୀତରେ ବଣ ରାଇଜର ମୁହଁଟି ସୁନ୍ଦର ଦିଶେ
ଆଦିମ ମଣିଷ ଅକପଟ ପ୍ରାଣେ ପଶେ ନାହିଁ କେବେ ଛଳ ଆଉ ଅବିଶ୍ୱାସ
ବଣୁଆ ଫୁଲର ଓଦା ମହକରେ ବଣ ପକ୍ଷୀଙ୍କର ମଧୁର କାକଳି ମିଶେ
ମୁକୁଳା ପବନେ ଖେଳେ ଫୁଲ ରେଣୁ ମହୁମାଛି ଗୀତ ଶୁଭୁଥାଏ ବାରମାସ ।

ସବୁଠି ତ ଯାଦୁ ମାଟିଠୁ ଆକାଶ ସବୁଠି ସୁନ୍ଦର ଗଛ ଲତା ସବୁଜିମା
ଆଡ଼ - ବଇଁଶୀର ମଧୁର ମୂର୍ଚ୍ଛନା ଶୁଭୁଥାଏ ନିତି ଜଳିଲେ ସଂଜ ବଇଠା
ଉପରେ ଧରମୁ ତଳେ ଧରୀତିନି ମଝିରେ ଦିଶାରୀ ବେଜୁଣୀର କାରନାମା
ଧାଙ୍ଗିଡୀ ବସାରୁ କେତେ ଛଟା ଚାଲେ ପୂନେଇ ଜହ୍ନରେ ଜହ୍ନିଫୁଲ ଠୋ'ଠା ।



ବନଫୁଲ ଗନ୍ଧେ ନିବିଡ଼ କାନନ ଗହଳ ଗହନ କେତେଯେ ଶୀତଳ ଛାୟା
ଏପଟେ ଅଳସୀ ସେପଟେ ମାଣ୍ଡିଆ ମଝିରେ ପଡିଛି ଘନ ବେଣା ପାଟ ହିଡ
କେଉଁ ମାୟାବିନୀ ଅଦୃଶ୍ୟରେ ଥାଇ ଲଗେଇ ଦିଏ ତା କାଉଁରୀ କୁହୁକ ମାୟା
ସବୁଠି ସରଳ ଅଖଳା ମଣିଷ ନ ଥାଏ କେଉଁଠି ପର ଆପଣାର ଛନ୍ଦକପଟ ବାଡ଼ ।

ବିନା ବିଚାରରେ ମେହନତି ଦୁଃଖୀ ମଣିଷର ଶ୍ରମ ଲୁଟିନିଏ ସାହୁକାର
କେଉଁ ଅସହଣୀ ଆଡୁଆଳେ ଥାଇ ଭାଗ୍ୟ ଉପରେ ଟାଣିଦିଏ କଳା ଗାର ।

*କଲ୍ୟାଣ ନଗର, ବାଲେଶ୍ୱର -୧*
*ମୋ- ୯୪୩୭୮୧୩୭୦୮*

# ଆସ ତୁମେ ନୂଆବର୍ଷ

**ବେଣୁଧର ସୂତାର**



ସୁନା ସୋରିଷର ହିରଣ୍ମୟ ଆଭା
ହିମ ଶିଶିରର ପଣତ ତଳେ
ଗେଣ୍ଡୁ ଗୋଲାପର
ନୈସର୍ଗିକ ଶୋଭା
ଭାବ ତନ୍ମୟର ମୂର୍ଚ୍ଛନା ତୋଳେ ॥
ସ୍ୱର୍ଣ୍ଣ ଘନକ୍ଷେତ ଗାଉଛି ସଙ୍ଗୀତ
କେଦାରେ ଖେଳଇ ଲହରିମାଳା
ପଉଷ ଖଳାର
ବୈଭବ ସମ୍ଭାରେ
ଏମାଟି ସାଜଇ ଐଶ୍ୱର୍ଯ୍ୟ ଶାଳା ॥
ରଜନୀଗନ୍ଧାର ସ୍ୱପ୍ନିଳ ସୁରଭି
କୁସୁମେ କୁସୁମେ ରଙ୍ଗ ବର୍ଣ୍ଣାଳୀ
ତୁମ ଆଗମନେ ଧରା ମଧୁମୟ
କଳକଣ୍ଠେ ଚାରୁ ମୂର୍ଚ୍ଛନା ତୋଳି ॥
ନୂଆବର୍ଷ ଭବ୍ୟ ଅଭିନନ୍ଦନିକା
ସ୍ୱାଗତିକା ଗାଏ ଜାଳି ଦୀପାଳି
ଚମ୍ପା ଚାମେଲିର
ନବ ଯୂଥୀକାରେ
ବସୁମତୀ ବାଢେ ଅର୍ଘ୍ୟ ଅଞ୍ଜଳି ॥
ଅଖଣ୍ଡ ଭାବର
ସମ୍ଭାବନା ନେଇ
ନୂଆବର୍ଷ ତୁମେ ଆସହେ ଆସ
ଅପୂର୍ବ ଆବେଗେ
ତୁମ ଆଗମନୀ
ଗାଇ ଉଠିଲାଣି ନିଖିଳ ବିଶ୍ୱ ॥
ସୁଖ ସୌଭାଗ୍ୟର ଅମିୟନିର୍ଝର
ମମତା ପୀୟୂଷ ଦିଅ ପରଶି
ଭାବ ବିଶ୍ୱାସର ଚମକ ତୃପ୍ତିରେ
ଅଖିଳ ପରାଣ ଉଠିବ ହସି ॥
ତୁଟିଯାଉ ବିଶ୍ୱ ଜନ ମାନସରୁ
ଆତଙ୍କବାଦର ମରଣ ଭୟ
ଅମାପପ୍ରେମର ସମ୍ଭାବନା ସୁରେ
ବିଶ୍ୱ ହେଉ ଚିର ସୁନ୍ଦର ମୟ ॥
ଆସଆସ ତୁମେ ନବୀନ ବରଷ
ଶାନ୍ତି ସଂପ୍ରୀତିର ବାରତା ନେଇ
ମାନବ ପ୍ରେମର
ମୈତ୍ରୀ ମାଳାରେ
ଅନ୍ତରଙ୍ଗତାର ସୁଧାଝରାଇ ॥

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

# ଶୀତ ମାଉସୀ

**କବିତା ମିଶ୍ର**

ଥରିଥରି ଶୀତ ମାଉସୀ ଆସଛି
ଥରେଇ ଦଉଛି ଧରା
ନୀଳ ଆକାଶରେ ଚନ୍ଦ୍ର ଲୁଚିଯାଏ
ହସୁଅଛି କୁଆଁତାରା ॥ (୧)

ସୁନେଲି କିରଣ ଭୂମିକୁ ଛୁଇଁଲା
କାକର ପଡୁଛି ଝରି
ବାଡି ବଗିଚାରେ ଫୁଲର ମହକ
ପ୍ରଜାପତି ବୁଲେ ଉଡି ॥ (୨)

ଗୀତ ବୋଲି ବୋଲି ଧୂନି ଜାଳୁଛନ୍ତି
ଖୁସି ହୋଇ ସାଙ୍ଗସାଥି
ଅଜା ନାତି ବସି ନିଆଁ ପୂଉଁଛନ୍ତି
ବଢ଼େ ଭାଇଚାରା ପ୍ରୀତି ॥ (୩)

ପୂଜା କାମ ସାରି ଚାହା କପ୍ ଧରି
ଅଜାଙ୍କୁ ଡାକୁଛି ଆଇ
ଶୀତ ସକାଳର ଅଦା ପଡିଥିବା
ନାଲି ଚାହା ଦିଅ ପିଇ ॥ (୪)

ସକାଳୁଆ ଖରା ଶରୀରକୁ ହିତ
ଭିଟାମିନ୍ ଥାଏ ବେଶୀ
ତଟକା ପରିବା ବାଡି ଶାଗ ଆଣି
ଖାଇବା ଆନନ୍ଦେ ବସି ॥ (୫)

ଚାଷୀଭାଇ ମନ ଛଟପଟ ହୁଏ
ଶୀତକୁ ନଥାଏ ଡର
ତରତର ହୋଇ ପାହାନ୍ତାରୁ ଉଠି
କ୍ଷେତରେ ହୁଏ ହାଜର ॥ (୬)

ବାର ମାସକରେ ଛଅ ଋତୁ ଆସେ
ହୋଇ କେତେ ଆଗଭର
ଆମ ସୁଖେ ଦୁଃଖେ ସାହା ଭରସା ସେ
ସବୁଥିରେ ଆପଣାର ॥ (୭)

*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ,*
*ସେକ୍ଟର - ୩ / ୫୫, ନୀଳାଦ୍ରିବିହାର, ଭୁବନେଶ୍ୱର-୨୧*
*ମୋ-୯୯୩୭୦୩୩୭୫୦*

# ଚାଲିଛି ଧାନକଟା

**ଦଶରଥ ମାଝୀ**

ସବୁଜ କ୍ଷେତେ
ଚାଲିଛି ଧାନକଟା
କୃଷକ ଭାଇ ଧାନ କାଟୁଛି
କଷ୍ଟ ହେଲେବି ଅଣ୍ଟା (୧)
ଗୋଟିଏ ହାତେ ଦାଆକୁ ଧରି
କାଟି ଦେଉଛି ଧାନ
ଧାନକୁ ଦେଖି ଶୀତ କାକରେ
ହସେ କୃଷକ ମନ (୨)
ବିଲ ଭିତରେ କାଦୁଅ ଲାଗି
ଭାସି ଯାଉଛି ଗୋଡ଼
କେତେ କଷ୍ଟରେ ଧାନ କାଟୁଛି
ହେଲେବି ବେଶୀ ଜାଡ (୩)
ବାହୁଙ୍ଗି ଧରି ଧାନକୁ ବୋହେ
ଖଳାରେ କରେ ଗଦା
ପରିଶ୍ରମର ଫଳ ପାଇକି
ଚାଷୀ ହସୁଛି ସଦା (୪)

*କୁରୁମାଟୁଆଁ,ଭବାନୀପାଟଣା,କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*



# ଏ ବରଷ

**ଡ.ଚନ୍ଦ୍ରକଳା ନାୟକ**



ତୁ କାହିଁ ବରଷରେ ଥରୁଟିଏ ଆସୁ
ମୋ ଗାଁ ନୂଆଁଣିଆ ମଥାନ ତଳୁ
ତୋ ଆପେକ୍ଷାରେ ଥାଏ
କେତେ ଭୋଜିଭାତ ଆଉ ନାଚର ଆସର
ମାତ୍ର କେଇ ମୁହୂର୍ତ୍ତ ଆଉ କ୍ଷଣଟିଏ ପାଇଁ ।
ସେଦିନ ରାତ୍ରି ଗଲେ ପାହି
ତୋ ମହକ ହଜିଯାଏ
କୃଷକର ଧାନକ୍ଷେତ ସୋରିଷ ବିଲରେ
ମୁଁ ଦେଖେ ମୋ ବାଲକୋନିର ଟେରିସରେ
ତୁ ବଗିଚାର ପ୍ରଜାପତି ପରି ଘୁରିବୁଲୁ
ନିଧାର୍ଯ୍ୟ ସମୟର କଷଟି ଭିତରେ ।
ମୋ ଝର୍କାର ଫାଙ୍କବାଟେ କିଏ ଉଙ୍କିମାରେ
ଜୀବନରେ ମାଦକତା ଭରି
ପୁଣି ବୃନ୍ତଚ୍ୟୁତ ହୁଏ
ମୋ ଗାଁ ପଦିଆଟା ବେସୁରା ରାଗ ବାଢେ
ତାଳଲୟ ଶିଖି ନଥିବା
କଳଙ୍କି ଲଗା ସେଫଟିପିନ ପରି ।
କଣ ହେବ କହିଲୁ ଏ ବରଷ
ଗାଁ ସାରା ସମସ୍ତେ ଚାତକ
ଏସନ ମେଘ ରାଣୀ ରାଗପେଡି ଖୋଲିବକି
ଛନ୍ଦହୀନ ନୃତ୍ୟ କରି
ବରଷକୁ ଦାନା ଯୋଗାଇବ
ତୁ କିନ୍ତୁ ତୋ ଚେନାଏ ହସ ଭିତରେ
ପୂର୍ବ ବରଷର ଲୁହକୁ ଘୋଡାଇ ଦେଉ ।
ଏ ବରଷ ଚାନ୍ଦିନୀ ପୁଣି ଜୀବନ ଦୌଡରେ
ଅନବରତ ପ୍ରସ୍ତୁତି ଜାରିରଖେ
ସ୍ୱପ୍ନ ସବୁକୁ ଚୁନାଫୁଲରେ ସଜାଡେ
ସହସ୍ର ଗୋଲାପ କଂଟାରେ ଗୁରୁଣ୍ଡି
ମନର ପଂକ୍ତି ଗୁଡାକୁ ଗୁଣୁଗୁଣୁ କରେ ।
ମୟୁର ଚନ୍ଦ୍ରିକା ବୋଲି ମିଠାକଥା କହୁଥିବା
ରାଜନେତା ଗୁଡା ଏସନ
ଖୁବ ଆସର ଜମାଇ ବସନ୍ତି
ବେଳେବେଳେ ଆଖି ତରାଟି ମିଟିମିଟି କରି
ଜନତାଙ୍କ ଭକୁଆପଣକୁ ନିରେଖି ମାପନ୍ତି
କଥା ଓ କାମରେ ପାର୍ଥକ୍ୟ ବି ଦର୍ଶାନ୍ତି
ଠିକ ସେହି ମାନଙ୍କ ପାଇଁ ତୁ
ଜହ୍ନରେ ସ୍ୱପ୍ନବୁଣୁ
ରାତ୍ରୀ ଉଜାଗର ରହି କାଳେ ଅଖଣ୍ଡ ଜାଳୁ ।
ଏ ସହରର ବିଫଳ ପ୍ରେମିକଗୁଡା
ନାଥର କେନ୍ଦେରା ଧ୍ୱନୀରେ
ରାଗିଣୀ ବାଢନ୍ତି
ଗାଁ ଠାରୁ ଖୁବ ଦୂର
କଳା ମିଟି ମିଟି ଅନ୍ଧାର ରାତିରେ
ନିଜ ଭିତରେ ନିଜକୁ ଅଚିହ୍ନା ମଣନ୍ତି ।
ହେଲେ ତୋର କଣ ବା ଯାଏ
ତୁ ତ ଆସୁ ସମୁଦ୍ର ପରି ଉତ୍ତାଳ ଢଙ୍ଗରେ
ବରଷକୁ ଥରେ ସିନା ଆସୁ
କିଛି ସମୟକୁ ଏକାକାର କରି
ବାନ୍ଧି ରଖିବାକୁ ସଙ୍କୁଚିତ ମନ
ମଣିଷର ବିବେକ ପଣିଆକୁ
ଠିକ ପୁରୁଣା ବରଷର କ୍ୟାଲେଣ୍ଡର ପରି ।
ଏଠି କିନ୍ତୁ ଜୀବନ ବରଷ ପରେ ବରଷେ
ସ୍ୱାର୍ଥରୁ ସ୍ୱାର୍ଥପର ହୁଏ
ପ୍ରତିବର୍ଷ ପରି ନିରଳସ ଓଠ ତଳେ
ସମ୍ପର୍କର ପରିଭାଷା ବଦଳେ
ବିକଶିତ ବର୍ଷଟା ସଟକଟ ରାସ୍ତା ଖୋଜେ
ଯେଉଁଠି ଆରମ୍ଭ ଓ ଶେଷ ହୁଏ
ସୀମିତ ସମ୍ପର୍କର ପରିଭାଷା ଭିତରେ ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର*
*ମୋ- ୯୪୩୭୯୫୭୬୧୭*

# ନୂଆ ବରଷଟା ଆସିଛି

**ସୁରମା ମିଶ୍ର**

ନୂଆ ବରଷଟା ଆସିଛି
ବିଗତ ବର୍ଷକୁ ଭୁଲାଇ ଦେଇ ସେ
ନୂଆ ଉତ୍ସାହ ଜଗାଇଛି ॥

ନୂତନ ସୁରୁଜ ଉଇଁଛି
ଚଉଦିଗେ ଆଜି ସୁନେଲି କିରଣ
ବିଛାଡ଼ି ପକାଇ ଦେଇଛି ॥

ସବୁଆଡେ ଭୋଜି ଭାତ
ସଭିଙ୍କ ମନରେ ଉତ୍ସାହ ଜାଗିଛି
କରୁଛନ୍ତି ନାଚଗୀତ ॥

ଶପଥ ଆମେରେ ନେବା
ପିତା ମାତା ଗୁରୁଜନ ମାନଙ୍କୁରେ
ଉଚିତ ସମ୍ମାନ ଦେବା ॥

ସାଙ୍ଗ ମାନେ ମିଳିମିଶି
ଚାରି ଆଡ଼େ ଗଛ ଲଗାଇ ଦେବାରେ
ଧରିତ୍ରୀ ମା ହେବ ଖୁସି ॥

ଭରପୁର ଅମ୍ଳଜାନ
ଦେବ ସେ ଆମକୁ ଯୋଗାଇ ଦେବରେ
କାଟିବା ସୁସ୍ଥ ଜୀବନ ॥

ସ୍ୱଚ୍ଛ ରଖି ପରିବେଶ
ସୁସ୍ଥ ସମାଜଟେ ଗଢ଼ିବା ଆମେରେ
ମାନି ବଡ଼ଙ୍କ ଆଦେଶ ॥

ଭୁଲିବାନି ଅସ୍ମିତାକୁ
ଭୁଲିବା ନାହିଁରେ ଆମ ସଂସ୍କୃତିକୁ
ମନେ ରଖିବା ତାହାକୁ ॥

ଅସହାୟଙ୍କୁ ସହାୟ
କରୁଥିବା ଆମେ ଜୀବ ଥିବା ଯାଏ
କାହାକୁ ନକରି ଭୟ ॥

ପ୍ରଭୁଙ୍କୁ କରିବା ଅଳି
ଭଲରେ କଟୁ ଏ ନୂଆ ବରଷଟା
ଆଶିଷ ଦେବେ ସେ ଢାଳି ॥

*ବିଏଲ୍-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଭୁତ କାହାଣୀ (୨)



**ପ୍ରଭାତ କୁମାର ଦାସ**

ଜେଜେ ଆରମ୍ଭରୁ ଖୁବ୍ ଆମିଷ ପ୍ରିୟ। ବିନା ଆଇଁଷରେ ତାଙ୍କର ଦିନଟିଏ ବି ଚଳେ ନାହିଁ। ଆଇଁଷ କହିଲେ କେବଳ ମାଛ। କୁକୁଡା କି ଅଣ୍ଡା ଘର ଭିତରକୁ ପଶୁ ନଥିଲା। ବାକି ରହିଲା ମାଂସ-ଠାକୁରାଣୀଙ୍କ ପାଖରେ ବୋଦା ବଳି ପଡିଲେ, ସେଇ ମାଂସ ପ୍ରସାଦ ଆକାରରେ ଖିଆ ଯାଉଥିଲା। ଛେଳି କଟା ହୋଇ, ମାଂସ ଆଣି ଘରେ ରାନ୍ଧିବା, ମୋ ପିଲାଦିନେ ମୁଁ କେବେ ଦେଖିନାହିଁ। ଗାଁ ଠାକୁରାଣୀଙ୍କ ପାଖରେ, ବର୍ଷରେ ଦୁଇ ତିନି ଥର ଆନୁଷ୍ଠାନିକ ବଳି ପଡେ, ସେହିଠାରେ ଜନ୍ତାଳ, ରୋଷେଇ ହୁଏ, ସମସ୍ତେ ସେଦିନ ମନ ପୁରେଇ ମାଂସ ଖାଆନ୍ତି।

ଜେଜେ ବି ମାଛ ଧରିବାରେ ଓସ୍ତାଦ ଥିଲେ। ପୋଖରୀରୁ, ବାରିପଟ ଗଡିଆରୁ, ନଈରୁ ନହେଲେ ବିଲରୁ, ସବୁଦିନ ସେ ମାଛ ଯୋଗାଡ କରି ଯେମିତି ହେଲେ ଆଣନ୍ତି। ତାଛଡା ସଞ୍ଜବେଳକୁ ଚନ୍ଦନପୁର ବଜାରକୁ ଯାଆନ୍ତି, ସେଠାରୁ ତେଲ, ଲୁଣ, ସଉଦା ପତ୍ର ଟିକିଏ ଆଣନ୍ତି। ପରିବାପତ୍ର ତ ଦରକାର ପଡେନି-ବାଡି ବଗିଚାରୁ ସବୁ ମିଳିଯାଏ। ଘରେ ହଳେ ଦୁହାଁଳୀ ଗାଈ ଥାଆନ୍ତି। ତଥାପି ବି ତାଙ୍କର ମାଛ ନହେଲେ ଚଳେନାହିଁ। ବଜାରରେ ସବୁବେଳେ ଭଲ ନଈ ମାଛ ଆସି ପହଞ୍ଚେ। ବଡ ବାଳିଆ, ଶେଉଳ କି କାତିମାଛ ହେଉ। ଭଲ ଯାଆଁଳ ଆଉ ଚୂନା ମାଛ ବି ମିଳନ୍ତି। ତାଛଡା ପୁରୀରୁ ଲୁଣି ମାଛ ଆସି ପହଞ୍ଚେ-ଦେଶି ଚିଙ୍ଗୁଡି। ତାସହିତ ଚାନ୍ଦି, କୋକଲି, ଚାଉଳି ଖଣ୍ଡାବାଲିଆ, ପଥରମୁଣ୍ଡି ଇତ୍ୟାଦି। ଜେଜେ ତାକୁ ଦେଖି ବି ଲୋଭ ସମ୍ଭାଳି ପାରନ୍ତିନାହିଁ। ଦି ଅଣାର ସେଥିରୁବି ବୁଜୁଳି ବାନ୍ଧନ୍ତି। ଦି ଘଡି ରାତିକୁ ଘରକୁ ଫେରନ୍ତି। କାନ୍ଧରେ ଯାଉଁଳି ବୁଜୁଳା ଝୁଲୁଥାଏ। ଆଗପଟେ ତେଲ, ଲୁଣ, ସଉଦା ପତ୍ର-ପଛପଟେ ମାଛ ବୁଜୁଳି। ହାତରେ ପାଞ୍ଚ ହାତିଆ ଠେଙ୍ଗାଟେ ଧରି ସେଇ ଅନ୍ଧାରୁଆ ଦିଘଡି ରାତିରେ ନଈବନ୍ଧରେ ଘରକୁ ଫେରନ୍ତି। ଆମ ଘର ଠାରୁ, ଚନ୍ଦନ ପୁର ବଜାର ଦିକୋଶ ବାଟ। ବାଟରେ ଦି ଚାରିଟା ଝଙ୍କାଳିଆ ବରଗଛ ପଡେ। ସେଥିରେ ଦିନସାରା ଶହ ଶହ ବାଦୁଡି ଓହଳି ଥାଆନ୍ତି। ବନ୍ଧ ଉପରେ ପାଚିଲା ବରଫଳ ଗଦାହୋଇ ପଡିଥାଏ। ଦି ଥାକରେ ଦିଟା ମଶାଣି ବି ପାର ହୁଅନ୍ତି। ଗୋଟିଏ ଆମ ଗାଁ ମଶାଣି, ଆଉ ଆରଟି କପାଠେଙ୍ଗ ପଣ୍ଡାସାହି ମଶାଣି। କେହିସାଙ୍ଗ ମିଳିଲେ ତ ଭଲ, ନହେଲେ ଏକା ଏକା ବଡବଡ ପାହୁଲ ପକାଇ, ଠେଙ୍ଗା ଠକଠକ କରି ଚାଲିଆସନ୍ତି। ବାଟରେ ତମକୁ ଡର ମାଡେନାହିଁ ବୋଲି ପଚାରିଲେ କହନ୍ତି, ମୋର ଏ ଠେଙ୍ଗାକୁ ଭୁତ, ଡାହାଣୀ, ଚିରୁଗୁଣୀ ସମସ୍ତଙ୍କ ଡର।

ଏମିତି ଦିନେ, ରାତି ଦି ଘଡି ସରିକି-ଜେଜେ, ଚନ୍ଦନପୁର ବଜାରରୁ, ଘରକୁ ଏକା ଫେରୁଥିଲେ। କିଟିକିଟି ମେଘ ଅନ୍ଧାର ରାତି, ଚିକ୍‌ଚିକ୍ ବିଜୁଳି ମାରୁଥାଏ। ନଈପଠା ପୋଲାଙ୍ଗ ତୋଟାରେ ଶହଶହ ଜୁଳୁଜୁଳୁଆ ପୋକ ଉଡୁଥାଆନ୍ତି। ତାଙ୍କରି ଆଲୁଅରେ ନଈବନ୍ଧ ଝାପ୍‌ସା ଦିଶୁଥାଏ। କୋଉ ଝଙ୍କା ଗଛରୁ କେତେବେଳେ ପେଚା ଘୁମୁରୁ ଥାଏ ତ, ଆଉ କେତେବେଳେ ଗଛରୁ ଫଡଫଡ ହୋଇ ରାତିଚର ଚଢ଼େଇଟି ଡେଣାଝାଡି ଦିଏ। ଜେଜେ ସେଇ ଅନ୍ଧାର ରାତିରେ ଏକା ଫେରୁଥାନ୍ତି। କାନ୍ଧରେ ସେମିତି ଜାଉଁଳି ବୁଜୁଳା-ପଛପଟେ ବଡ ବାଳିଆ ମାଛଟେ ବନ୍ଧାହୋଇଥାଏ, -ତା ଲାଞ୍ଜପଟଟା ଅଧେ ବାହାରକୁ ବାହାରି ପିଠିରେ ଘସିହଉ ଥାଏ। ସେଥିକୁ ତାଙ୍କର ନିଘା ନଥାଏ। ଏକ ଲୟରେ ସେ ଚାଲିଥାନ୍ତି। ବାଟରେ ପଣ୍ଡାସାହି ମଶାଣିରେ ଟିକିଏ ଆଗରୁ ମୁର୍ଦ୍ଦାରଟାଏ ପୋଡା ହୋଇଥାଏ -ତା ଜୁଇରେ ନିଆଁ ଦିକ୍‌ଦିକ୍ ହୋଇ ଜଳୁଥାଏ। ତାକୁ ପାର ହୋଇ, ଆଉ ଖଣ୍ଡେ ଦୂର ଆସିଛନ୍ତି -ଆଗରେ ସଜନୀ ଝଙ୍କା ବର ଗଛଟା। କେତେ ବର୍ଷ ତଳେ, ସେହି ବରଗଛରେ, ସଜନୀ ବୋଲି କୋଉ ଭୁଆସୁଣୀ ଦଉଡି ଦେଇ ମରିଥିଲା। ସେଇଦିନଠୁ ସେ ବରଗଛ ନାଁ ସଜନୀ ବରଗଛ-

ହଠାତ୍ ଜେଜେଙ୍କୁ କେମିତି ଦେଖାଗଲା- ସେଇ ବରଗଛ ମଝିଡାଳରେ- କିଏ ଗୋଟେ ଅଧଲଙ୍ଗୁଳୀ ମାଇପିଟେ-ବାଳମୁକୁଳା କରି- ଦି ଗୋଡ ଲମ୍ବେଇ ବସିଛି। ତା ଲଙ୍ଗଳା ଗୋଡ ଦିଟା ସିଧା ନଈବନ୍ଧକୁ ଓହଳିଛି। ଜେଜେ ସେତକ ଦେଖିଦେଲା ମାତ୍ରେ, ତାଙ୍କ କାନମୁଣ୍ଡା ଭାଁ ଭାଁ ହେଇଗଲା, ମୁଣ୍ଡ ଝାଇଁଝାଇଁ ହୋଇ, ଆଖିରୁ ଜୁଳୁଜୁଳୁ ପୋକ ବାହାରି ପଡିଲା। ପଛକୁ ହାତ ମାରି ଦେଖନ୍ତି, ଏଡେ ବଡ ମାଛଟା ଆଉ ଜାଉଁଳିରେ ନାହିଁ। ଆଖି ମକଚି ପଛ ପଟ ଅଣ୍ଡାଳିଲା ବେଳକୁ, ଦେଖିଲେ, ସେଇ ମାଇପିଟା, କଞ୍ଚା ମାଛଟାକୁ ଧରି ଗଛ ଉପରେ, କଟକଟ କରି ଚୋବଉଛି -କଣ୍ଟା ଗୁଡାକ ଥୁ ଥୁ କରି ତଳକୁ ପକାଉଛି-

ସେଇଠି ଜେଜେ, ଚେତା ହରେଇ ଚାରି କାତ ମେଲେଇ ତଳେ ପଡିଗଲେ। ଆଉ କିଛି ଜାଣନ୍ତି ନାହିଁ, ତାପରେ କଣ କେମିତି ହେଲା। ଚେତା ଫେରିଲା ବେଳକୁ, ସେ ହରିଆ ବାରିକ ଦୁଆରେ ଶୋଇଛନ୍ତି। ହରିଆ ତାଳପତ୍ର ପଂଖାରେ ତାଙ୍କୁ ବଞ୍ଚୁଛି। ତା ଝିଅ ତାଙ୍କ ମୁହଁକୁ ପାଣି ଛାଟୁଛି।

ଦି ଘଡି ପରେ ସେ ସାଷ୍ଟାଙ୍ଗ ହେଲେ। ତଥାପି ତାଙ୍କ ଦେହରୁ ଗମଗମ ଝାଳ ବୋହୁଥିଲା- ସେ ଠକଠକ ଥରୁଥିଲେ। ହରିଆ ଶଗଡ ଯୋଚି, ତାଙ୍କୁ ବସେଇ ଘରେ ଆଣି ଛାଡି ଦେଇଗଲା।

ଜେଜେ ଏ କାହାଣୀ ମୋତେ କହିଲା ବେଳେ-ଲାଗୁଥିଲା, ଯେମିତି ଗତକାଲି ରାତିରେ ଏ ଘଟଣାଟି ଘଟିଛି। ସେତେବେଳେ ବି ତାଙ୍କ ଦେହ ଶୀତେଇ ପଡୁଥିଲା। ମୁଁ ବି ପୁରା ଗପଟା ଶୁଣି ସାରିଲା ବେଳକୁ, ମୋ ଦେହ ସାରା ଝାଳରେ କଣ୍ଟିହୋଇ ସାରିଥିଲା।

*ମୋ- ୯୪୩୭୦୧୫୨୫୦*

# ଅଭିନନ୍ଦନ ତୁମକୁ

**ଅମିତ୍ କୁମାର ବେହେରା**

ହେ ମୋର ବନ୍ଧୁ ସଖା ଗୁରୁଜନ,
ହେ ମୋର ପରିବାର ଆତ୍ମୀୟସ୍ୱଜନ
ତୁମକୁ ଅଭିନନ୍ଦନ ଅଭିନନ୍ଦନ,
ଇଂରାଜୀ ନବ ବର୍ଷର ଶୁଭ ଅଭିନନ୍ଦନ॥

ଭଲରେ ରୁହ ସୁଖରେ ରୁହ,
ହସୁ ଥାଅ ସବୁ ଦିନ
ମହା ବହୁଙ୍କ ଆଶିଷେ,
ହଉ ସତ ତୁମ ସବୁ ସପନ ॥

ଭୁଲି ଯାଅ ଭୁଲି ଯାଅ ଅତୀତର
ସବୁ ମାନ ଅଭିମାନ
କିଏ ଜାଣେ କେତେବେଳେ,
ଚାଲିଯିବ ଏ ଅନିଶ୍ଚିତ ଜୀବନ॥

ଦୁଃଖୀ ରଙ୍କୀଙ୍କ ମୁହଁରେ ହସ ଟିକେ
ଦେବା ପାଇଁ କରୁଥାଅ ଚିନ୍ତନ
ସମସ୍ୟା ନିଜର କି ପରର ନକରି
ବିଚାର ଖୋଜ ତାର ସମାଧାନ ॥

ପ୍ରଭୁଙ୍କ ସେବାରେ, ପଭୁଙ୍କ ପ୍ରେମରେ
ହଜେଇ ଦିଅ ତନ-ମନ
ନିଶ୍ଚେ ହେବ ସରସ ସୁନ୍ଦର ହୋଇବ
ତୁମ ନିରସ ଜୀବନ ॥

*ଏନ୍‌ଆଇଟି, ରାଉରକେଲା*

# କବି ଫନୀ ମହାନ୍ତିଙ୍କ ସହ ଦେଖା

**ଅଖିଳ କୁମାର ମିଶ୍ର**

ଦରବାଜା ଖୋଲିଲା।

ଫନୀ ମହାନ୍ତି ଆସୁଥିଲେ।
ମୁରୁ ମୁରୁ ହସୁଥିଲେ।

ଯେମିତି ଏକ ହସୁଥିବା ଶୀତ ଆକାଶ
ଟିକେ ଥଣ୍ଡା ଓ ଟିକେ ଖରା ନେଇ ବିଛାଇ ଯାଇଥାଏ,
ନୀଳ ନୀଳ ଧରିତ୍ରୀ ଗୁମୁରା ସ୍ୱପ୍ନଙ୍କୁ କାଢିବାକୁ ଚେଷ୍ଟା କରୁଥାଏ।

ସେ କହୁଥିଲେ -



କବିର ଭାଗ୍ୟରେ, ପିଶାଚରେ ଭରା କେତେ କେତେ ମାର୍ଗ,
କୁଦିପଡେ ସମୟ ସାହସ ଓ ବୟସ ଉପରେ,
ନିଷ୍କର୍ଷ ମହତ୍ତ୍ୱାକାଂକ୍ଷା ଭାଂଗେ, ଧୁ ଧୁ ଜଳେ/ପ୍ରେମମୟୀ,
ଅସାମୟିକ ଅଂଧାର ଆକାଶ,
ପ୍ରିୟତମା ଯେତେ ତାର -
ଶ୍ୟାମା, ସୁତପା, ବିଶାଖା, କାନ୍ତା, ମନୋରମା ଓ
ଝଡ ପାହାଡର ଭାସମାନ ମୂର୍ତ୍ତି।

ବଂଧୁ ବୋଲି କୁଣ୍ଢାଇ,
ବୟସ୍କ କବିଟି କହେ,
ପ୍ରେମିକା ରହେ ଜମା ଏକ କିଲୋମିଟର ଦୂରରେ,
ହେଲେ ଲକ୍ଷ୍ୟ ଜୀବନର ଆଉ କେଉଁଠାରେ,
ସଂଭାଳୁଚି ଏବେ ନିଜକୁ ନମ୍ର କୋହରେ,
ସବୁଠୁ ଅଂଧାର ରାତି ଯାଇଚି ଓ
ଏକ ସ୍ମୃତିର ସକାଳ ଫେରୁଚି।

କବିର ଚମଡାରେ ଅନୁଭବର ଅଳଂକାର,
ସବୁଜ କ୍ଷତି ଧରି ଜୀବନରଂଗ ମାରେ।

ବେଶ୍ କିଛି ବେଳ ଗଳ୍ପ ପରେ,
ଫନୀ ମହାନ୍ତି ମେଲାଣି ନେଲେ,
ଏକ ମିଠା ଆଶୀର୍ବାଦ ଓ ଫଟୋଟିଏ ତୋଳି।

ପୁନଶ୍ଚ ଦେଖା ହବ, କହିଲେ,
ଓ ବେଶ୍ ପରିଚିତ ଠାଣିର ଝଲକରେ
ମନଖୋଲି ହସି ଦେଲେ।

*ଅତିରିକ୍ତ ମହାନିର୍ଦ୍ଦେଶକ, ପିଆଇବି, ଭୁବନେଶ୍ୱର*

## ବୈଭବ ସୂର୍ଯ୍ୟବଂଶୀଙ୍କୁ ମିଳିଲା ଅଧିନାୟକ ପଦ



**ନୂଆଦିଲ୍ଲୀ**

ନିଜର ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ବେଶ ଜଣାଶୁଣା ବୈଭବ ସୂର୍ଯ୍ୟବଂଶୀ ୨୦୨୬ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି । ୧୯ ବର୍ଷରୁ କମ୍ ବିଶ୍ୱକପ ୨୦୨୬ ମସିହାରେ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରସ୍ତୁତି ଚଳାଇଛି ଭାରତ । ବୈଭବଙ୍କ ବ୍ୟାଟିଂ ସାରା ବିଶ୍ୱ ଦେଖିଥିବାବେଳେ ତାଙ୍କ ପ୍ରଦର୍ଶନ କିଭଳି ରହିବ ତା'ଉପରେ ସମସ୍ତଙ୍କ ନଜର ରହିଛି । ତେବେ ବିଶ୍ୱକପ ପୂର୍ବରୁ ଭାରତ ତିନୋଟି ଏକଦିବସୀୟ ମ୍ୟାଚ୍ ଖେଳିବା ପାଇଁ ଯାହାର ଅଧିନାୟକ ପଦ ସମ୍ଭାଳିବେ ବୈଭବ ସୂର୍ଯ୍ୟବଂଶୀ । ଆହତ କାରଣରୁ ଆୟୁଷ ମାତ୍ରେ ଦଳରୁ ବାହାରେ ରହିଥିବାବେଳେ ତାଙ୍କୁ ଗୁରୁ ଦାୟିତ୍ୱ ମିଳିଛି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ଡେବ୍ୟୁ ସିରିଜ ଖେଳିବାକୁ ଯାଉଛନ୍ତି ସୂର୍ଯ୍ୟବଂଶୀ । ଆଫ୍ରିକା ମାଟିରେ ସେ ପ୍ରଥମ ଥର ଲାଗି ମ୍ୟାଚ ଖେଳିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଅଧିନାୟକ ଭାବେ ଦଳର ଭାର କିଭଳି ସମ୍ଭାଳୁଛନ୍ତି ତାହା ସବୁଠାରୁ ବଡ଼ ପ୍ରଶ୍ନ । ତେବେ ପୂର୍ବରୁ ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ନିଜର ଉଚ୍ଚକୋଟିର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି ବୈଭବ । ଏହାସହ ସେ ଆଇପିଏଲରେ ମଧ୍ୟ ଦମଦାର ପ୍ରଦର୍ଶନ କରିସାରିଛନ୍ତି । ବଡ଼ ବଡ଼ ଛକା ପାଇଁ ଜଣାଶୁଣା ଏହି ଉଦୀୟମାନ କ୍ରିକେଟରଙ୍କୁ ଅଧିନାୟକ ପଦ ସମ୍ଭାଳିବା ପାଇଁ ଦିଆଯାଇଥିବାବେଳେ ସେ ଏହାକୁ କିଭଳି ଭାବେ ସମ୍ଭାଳୁଛନ୍ତି ତାକୁ ନେଇ ଅନେକ ଚର୍ଚ୍ଚା ହେଉଥିବାବେଳେ ସେ ୧୯ ବର୍ଷରୁ କମ୍ ବିଶ୍ୱକପରେ ସର୍ବାଧିକ ସ୍କୋର କରିପାରନ୍ତି ବୋଲି କ୍ରିକେଟ ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## ୬ଟି ମ୍ୟାଚ୍ ଖେଳିବା ପାଇଁ ବାଂଲାଦେଶ ଯିବ ଟିମ୍ ଇଣ୍ଡିଆ !



**ନୂଆଦିଲ୍ଲୀ**

ଆଇପିଏଲରେ କେକେଆର ଦ୍ୱାରା ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁର ରହମାନଙ୍କୁ କିଣିବା ଏକ ବିବାଦୀୟ ପ୍ରସଙ୍ଗ ହୋଇପଡୁଥିବା ବେଳେ ଆଉ ଏକ ବଡ଼ ଖବର ହେଉଛି ଯେ ଭାରତୀୟ ଦଳ ମଧ୍ୟ ବାଂଲାଦେଶ ଗସ୍ତ କରିବ । ବାଂଲାଦେଶ କ୍ରିକେଟ୍ ବୋର୍ଡ ଜାନୁଆରୀ ୨ ତାରିଖରେ ଏହାର କ୍ରିକେଟ୍ ସୂଚୀ ଘୋଷଣା କରିଥିଲା, ଯାହା ଅନୁଯାୟୀ ଭାରତୀୟ ଦଳ ସେପ୍ଟେମ୍ବରରେ ବାଂଲାଦେଶ ଗସ୍ତ କରିବ । ଟିମ୍ ଇଣ୍ଡିଆ ବାଂଲାଦେଶ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଏବଂ ଟି୨୦ ସିରିଜ୍ ଖେଳିବ ।

ବାଂଲାଦେଶ କ୍ରିକେଟ୍ ବୋର୍ଡ ଘୋଷଣା କରିଛି ଯେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦିନିକିଆ ସିରିଜ୍ ସେପ୍ଟେମ୍ବର ୧, ୩ ଏବଂ ୬ ତାରିଖରେ ଅନୁଷ୍ଠିତ ହେବ । ସେହିପରି ଟି-୨୦ ମ୍ୟାଚ୍ ସେପ୍ଟେମ୍ବର ୯, ୧୨ ଏବଂ ୧୩ ତାରିଖରେ ଅନୁଷ୍ଠିତ ହେବ । ଗତ ବର୍ଷ ମଧ୍ୟରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ପରିସ୍ଥିତି ବହୁତ ଖରାପ ହୋଇଛି । ସୋସିଆଲ ମିଡିଆରେ ଅନେକ ରିପୋର୍ଟ ଆସିଛି, ଯାହା ପରିସ୍ଥିତିକୁ ଉଷ୍ମ କରିଛି । ଏହି ସମୟରେ ଏହି ସିରିଜ୍ ଘୋଷଣା ଆଉ ଏକ ବଡ଼ ବିବାଦ ସୃଷ୍ଟି କରିପାରେ ।

ଭାରତରେ ବାଂଲାଦେଶୀ ଖେଳାଳିମାନେ ବହୁ ବିରୋଧର ସମ୍ମୁଖୀନ ହେଉଛନ୍ତି । ଆଇପିଏଲ୍ ୨୦୨୬ ନିଲାମରେ, କୋଲକାତା ନାଇଟ୍ ରାଇଡର୍ସ ମୁସ୍ତାଫିଜୁର ରହମାନଙ୍କୁ ୯.୨ କୋଟି ଟଙ୍କାରେ କିଣିଥିଲା । ଆଇପିଏଲ ପାଇଁ ଅନ୍ୟ କୌଣସି ବାଂଲାଦେଶୀ କ୍ରିକେଟରଙ୍କୁ ଚୟନ କରାଯାଇ ନାହିଁ, କିନ୍ତୁ ମୁସ୍ତାଫିଜୁରଙ୍କୁ ଅଧିଗ୍ରହଣ କରିବା ପରଠାରୁ କେକେଆର ଯଥେଷ୍ଟ ବିରୋଧର ସମ୍ମୁଖୀନ ହୋଇଛି । ଅନେକ ରାଜନୈତିକ ବ୍ୟକ୍ତି ଶାହରୁଖ ଖାନଙ୍କ ବିରୁଦ୍ଧରେ ମନ୍ତବ୍ୟ ଦେଉଛନ୍ତି । ତଥାପି, ବିସିସିଆଇ ସ୍ପଷ୍ଟ କରିଛି ଯେ ବାଂଲାଦେଶୀ ଖେଳାଳିଙ୍କ ଉପରେ କୌଣସି ପ୍ରତିବନ୍ଧକ ଲଗାଯିବ ନାହିଁ ।

ଭାରତୀୟ ଦଳ ଶେଷ ଥର ପାଇଁ ୨୦୨୨-୨୩ରେ ବାଂଲାଦେଶ ଗସ୍ତ କରିଥିଲା, ଯେଉଁଠାରେ ଦଳ ଦିନିକିଆ ସିରିଜ ହାରିଥିଲା । ବାଂଲାଦେଶ ୨-୧ ରେ ସିରିଜ ଜିତିଥିଲା । ତଥାପି, ବାଂଲାଦେଶ ମାଟିରେ ଭାରତର ରେକର୍ଡ ଭଲ ରହିଛି । ଭାରତ ବାଂଲାଦେଶରେ ୨୫ଟି ମ୍ୟାଚରୁ ୧୮ଟି ଜିତିଛି, ୬ ଟି ହାରିଛି ଏବଂ ଗୋଟିଏ ମ୍ୟାଚ ଡ୍ର ରହିଛି ।

## ଗଞ୍ଜାମ ଜିଲ୍ଲାର ୪ ଜଣ ମହିଳା ବକ୍ସର, କୋଚ୍ ତଥା ରେଫରିଙ୍କ ନୋଏଡ଼ା ଯାତ୍ରା



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ଜାନୁଆରୀ ମାସ ୪ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖରେ ସମାପ୍ତ ହେବାକୁ ଥିବା ୯ମ ଏଲିଟ୍ ମହିଳା ଜାତୀୟ ଚାମ୍ପିଅନସିପ୍ ଭାଗ ନେବା ପାଇଁ ଗଞ୍ଜାମ ଜିଲ୍ଲାର ୪ ଜଣ ମହିଳା ବକ୍ସର, ୨ ଜଣ କୋଚ୍ ଓଡ଼ିଶା ବକ୍ସିଂ ଦଳରେ ସ୍ଥାନ ପାଇ ଉତ୍ତର ପ୍ରଦେଶ ରାଜ୍ୟର ନୋଏଡ଼ା ଅଭିମୁଖେ ଯାତ୍ରା କରଛନ୍ତି । ମହିଳା ବକ୍ସରମାନେ ହେଲେ ଇ. ରିତୁ ରାଓ, ମନସ୍ୱିନୀ ସାବତ, ସ୍ମୃତିଶା ପାଣିଗ୍ରାହୀ ଓ ଶ୍ୟାମା ମୁଖୀ ଏବଂ କୋଚ୍ ମ୍ୟାନେଜର ମାନେ ହେଲେ ରେଣୁ ମହାପାତ୍ର ଓ ବୁଲୁ ପାତ୍ର । ଏହି ଦଳ ସହ ଆନ୍ତର୍ଜାତୀୟ ବକ୍ସିଂ ରେଫରି ତଥା ସ୍ଥାନୀୟ ବକ୍ସିଂ କୋଚ୍ ଶିଶିର କୁମାର ପାଣିଗ୍ରାହୀ ମଧ୍ୟ ଯାତ୍ରା କରିଛନ୍ତି । ଏହି ପ୍ରତିଯୋଗିତା ବକ୍ସିଂ ଫେଡ଼େରେସନ ଅଫ ଇଣ୍ଡିଆ ଅନୁମତି କ୍ରମେ ଆନୁକୂଲ୍ୟରେ ଉତ୍ତର ପ୍ରଦେଶ ରାଜ୍ୟର ଗ୍ରେଟର ନୋଏଡ଼ା ସ୍ଥିତ ଗୌତମ ବୁଦ୍ଧ ୟୁନିଭର୍ସିଟି ଠାରେ ଅନୁଷ୍ଠିତ ହେବ ବୋଲି ଜିଡିଏର ବକ୍ସିଂ ସମ୍ପାଦକ ପ୍ରଭାକର ରାଓ ଓ ଜିଡିଏର ସମ୍ପାଦକ କାମେଶ୍ୱର ରାଓ ଜଣାଇଛନ୍ତି । ସମସ୍ତ ବକ୍ସର ବ୍ରହ୍ମପୁର ସହରର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ କରୁଛନ୍ତି । ଏହି ବକ୍ସରମାନଙ୍କୁ ବକ୍ସିଂ କୋଚ୍ ତଥା ରାଜ୍ୟ ରେଫରି ଶିବରାମ ପାତ୍ର, ଲଡୁ କିଶୋର ସାହୁ, ଅଶୋକ ସାହୁ, ବାବୁ ରାଓ, ଶରତ ମହାପାତ୍ର, ବସନ୍ତ ପାଣିଗ୍ରାହୀ, କାଳୁ ଚରଣ ପାଣିଗ୍ରାହୀ, କାଜଲ ସାହୁ, ସଞ୍ଜୀବ ସାହୁ, ସୀତା ଜେନା, ସୁମନ ଦାସ, ଅବିନାଶ ନାୟକ, ମୁନା ଗୌଡ଼, ବି.ଏସ୍. ସାମନ୍ତରାୟ, ସୀତାରାମ ବେବର୍ତ୍ତା, ପୂର୍ଣ୍ଣ ପାତ୍ର, ଉପେନ୍ଦ୍ର ପଟ୍ଟନାୟକ, ସୁରେନ୍ଦ୍ର ପଟ୍ଟନାୟକ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ସ୍ଥାନୀୟ ବକ୍ସର, ଜିଡିଏର ପ୍ରାୟ ମେମ୍ବର ଷ୍ଟାଡିୟମର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି ।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ୟୁନିକ୍ ଇଲେଭେନ ଭଦ୍ରକକୁ ହରାଇ ଇଷ୍ଟ କୋଷ୍ଟ ରେଲୱେ, ବିଶାଖାପାଟଣା ସେମିଫାଇନାଲରେ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍, ଯାଜପୁରର ମିଳିତ ଉଦ୍ୟମରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ଓ ୟୁନିକ୍ ଇଲେଭେନ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୨.୩ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସାଇ ରାହୁଲ ୪୫ ରନ୍ ସଂଗ୍ରହ କରିଥିଲା ବେଳେ କେ.ଏ.ଏସ. ପ୍ରସାଦ ୩୧ ରନ୍ ସଂଗ୍ରହ କରିଥିଲେ । ୟୁନିକ୍ ଇଲେଭେନ ଭଦ୍ରକର ବୋଲର ଅବଦୁଲ ଖାନ୍ ୪ ଓଭର ବୋଲିଂ କରି ୧୭ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ୟୁନିକ୍ ଇଲେଭେନ ଭଦ୍ରକ ୨୪ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୧୪ରନ୍ ସଂଗ୍ରହ କରି ଇଷ୍ଟ କୋଷ୍ଟ ରେଲୱେ, ବିଶାଖାପାଟଣା ଠାରୁ ପରାସ୍ତ ହୋଇଥିଲେ । ଦଳ ପକ୍ଷରୁ ସୌମ୍ୟ ବିଶ୍ୱାଳ ସର୍ବାଧିକ ୩୨ ରନ୍ ସଂଗ୍ରହ କରିଥିଲେ । ଇଷ୍ଟ କୋଷ୍ଟ ରେଲୱେ, ବିଶାଖାପାଟଣାର ବୋଲର କେ.ପି. ସାଇ ରାହୁଲ ୫ ଓଭର ବୋଲିଂ କରି ୨୦ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିୟାର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଶୁକ୍ରବାରର ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ୧୯ ରନ୍‌ରେ ବିଜୟ ହାସଲ କରିଥିଲେ । ଏହି ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ କେ.ପି. ସାଇ ରାହୁଲଙ୍କୁ ପୂର୍ବତନ କ୍ରିକେଟିୟର ତଥା ବୈଷ୍ଣବୀ ଟ୍ରାଭେଲ୍ସର ପ୍ରୋପାଇଟର ଶ୍ରୀଜୟ ମହାପାତ୍ର ପୁରସ୍କୃତ କରିଥିଲେ । ଏହି ମ୍ୟାଚ୍‌କୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଦିବାକର କର, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଭୂପତି ମିଶ୍ର, ସୁବାଶିଷ ରାଉତ ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍‌କୁ ପରିଚାଳନା କରିଥିଲେ । ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ରଞ୍ଜନ ମହାନ୍ତି, ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ପରିଚାଳନା କରିଥିଲେ ।

## ଟିମ୍ ଇଣ୍ଡିଆକୁ ମିଳିବ ନୂଆ କୋଚ : ଇଂଲଣ୍ଡର କିମ୍ବଦନ୍ତୀଙ୍କୁ ବଡ଼ ଦାୟିତ୍ୱ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଭାରତୀୟ ମହିଳା କ୍ରିକେଟ ଦଳ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛି । ଦଳ ଖୁବ୍‌ଶୀଘ୍ର ଜଣେ ନୂତନ ଶକ୍ତି ଏବଂ କଣ୍ଡିସନିଂ କୋଚ୍ ପାଇବ । ଏହି ପ୍ରଶିକ୍ଷକଙ୍କୁ ମହିଳା ପ୍ରିମିୟର ଲିଗ (ଡଚଖ ୨୦୨୬) ପରେ ନିଯୁକ୍ତ କରାଯିବ । ଏହି ଭୂମିକା ଜଣେ ଇଂରାଜୀ ଅଭିଜ୍ଞ ନେବେ । ଡବ୍ଲୁପିଏଲ ୨୦୨୬ ପରେ, ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ । ଏହି ଗସ୍ତ ଦଳକୁ ଏକ ନୂତନ ଶକ୍ତି ଏବଂ କଣ୍ଡିସନିଂ କୋଚ ନିଯୁକ୍ତ କରାଯିବ । ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଇଂଲଣ୍ଡର ନିକୋଲାସ ଲିଙ୍କୁ ଦଳର ନୂଆ ଶକ୍ତି ଏବଂ କଣ୍ଡିସନିଂ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି । ମହିଳା ପ୍ରିମିୟର ଲିଗ୍ ୨୦୨୬ ସମାପ୍ତ ହେବା ପରେ ସେ ଦଳରେ ଯୋଗଦେବେ । ଏହି ବର୍ଷ ଡବ୍ଲୁପିଏଲ ଜାନୁଆରୀ ୯ରୁ ଆରମ୍ଭ ହୋଇ ଫେବୃଆରୀ ୫ ପର୍ଯ୍ୟନ୍ତ ଚାଲିବ । ତୁରନ୍ତ ପରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିବ । ଏଠାରେ ଫେବୃଆରୀ ୧୫ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ବିଭିନ୍ନ ଫର୍ମାଟରେ ସିରିଜ ଖେଳାଯିବ । ଘରୋଇ ସ୍ତରରେ, ଲି ମାର୍ଚ୍ଚ ୨୦୧୨ରୁ ସେପ୍ଟେମ୍ବର ୨୦୧୬ ପର୍ଯ୍ୟନ୍ତ ସସେକ୍ସ କାଉଣ୍ଟି କ୍ରିକେଟ କ୍ଲବରେ ମୁଖ୍ୟ କୋଚ୍ ଭାବରେ କାର୍ଯ୍ୟ କରିଥିଲେ ଏବଂ ଏହା ପୂର୍ବରୁ ଜାନୁଆରୀ ୨୦୧୦ ରୁ ମାର୍ଚ୍ଚ ୨୦୧୨ ପର୍ଯ୍ୟନ୍ତ ସହାୟକ କୋଚ ଭାବରେ କାର୍ଯ୍ୟ କରିଥିଲେ । ଭାରତୀୟ ମହିଳା ଦଳ ପାଇଁ ଲିଙ୍କ ନିଯୁକ୍ତି ଗୁରୁତ୍ୱପୂର୍ଣ୍ଣ, କାରଣ ଅଷ୍ଟ୍ରେଲିଆ ଗସ୍ତ ଚ୍ୟାଲେଞ୍ଜିଂ ହେବ । ତାଙ୍କ ବିଶେଷଜ୍ଞତା ଦଳର ଫିଟନେସ ଏବଂ ପ୍ରଦର୍ଶନରେ ନୂତନ ଶକ୍ତି ଆଣିବ ବୋଲି ଆଶା କରାଯାଉଛି ।

## ନୂଆ ଜର୍ସି ଲଞ୍ଚ କଲା ମୁମ୍ବାଇ ଇଣ୍ଡିଆନ୍ସ

**ମୁମ୍ବାଇ**



ମୁମ୍ବାଇ ଇଣ୍ଡିଆନ୍ସ ମହିଳା ପ୍ରିମିୟର ଲିଗ୍-୨୦୨୬ ପାଇଁ ସେମାନଙ୍କର ନୂତନ ଜର୍ସି ଉନ୍ମୋଚନ କରିଛି । ଦଳଟି ସେମାନଙ୍କର ଅଫିସିଆଲ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛି, ଯେଉଁଥିରେ ନୂତନ କିଟ୍ ପିନ୍ଧିଥିବା ଖେଳାଳିମାନଙ୍କୁ ପ୍ରଦର୍ଶନ କରାଯାଇଛି । ଲିଗର ଚତୁର୍ଥ ସଂସ୍କରଣ ଫେବୃଆରୀ ୯ରେ ଆରମ୍ଭ ହେବାକୁ ଯାଉଛି, ଏବଂ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ମୁମ୍ବାଇ ଇଣ୍ଡିଆନ୍ସ ମହିଳା ପ୍ରିମିୟର ଲିଗ୍ ଇତିହାସରେ ସବୁଠାରୁ ସଫଳ ଦଳ । ଉଦ୍‌ଘାଟନୀ ସଂସ୍କରଣର ଚାମ୍ପିଅନ ଏମଆଇ, ଗତ ସିଜନରେ ମଧ୍ୟ ଟାଇଟଲ ଜିତିଥିଲା । ହରମନପ୍ରୀତ କୌର ଏବଂ ତାଙ୍କ ଦଳ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା । ଆଗାମୀ ସିଜନ ପାଇଁ, ମୁମ୍ବାଇ ନିଲାମରେ ୧୧ ଜଣ ଖେଳାଳିଙ୍କୁ ଅଧିଗ୍ରହଣ କରିଥିଲା, ଯେଉଁଥିରେ ଆମେଲିଆ କୌର ସବୁଠାରୁ ମହଙ୍ଗା ହୋଇଥିଲେ ।

ହରମନପ୍ରୀତ କୌରଙ୍କ ସହିତ, ମୁମ୍ବାଇ ଇଣ୍ଡିଆନ୍ସ ଆଗାମୀ ସିଜନ ପାଇଁ ପାଞ୍ଚ ଜଣ ଖେଳାଳିଙ୍କୁ ବଜାୟ ରଖିଛି । ତଥାପି, ସର୍ବାଧିକ ମୂଲ୍ୟ ଅଧିନାୟକ ନୁହନ୍ତି, ବରଂ ନାଟାଲି ସ୍କିଭର । ହରମନପ୍ରୀତଙ୍କ ମୂଲ୍ୟ ୨.୫୦କୋଟି । ନାଟାଲି ସ୍କିଭରଙ୍କ ମୂଲ୍ୟ ୩.୫୦ କୋଟି (୩.୫୦ କୋଟି), ଯାହା ତାଙ୍କୁ ଦଳର ସବୁଠାରୁ ମହଙ୍ଗା ଖେଳାଳି କରିଥାଏ । ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ, ମୁମ୍ବାଇ ଇଣ୍ଡିଆନ୍ସ ୨୦୨୩ ମସିହାରେ ପ୍ରଥମ ସଂସ୍କରଣରେ ଟାଇଟଲ ଜିତିଥିଲା । ଦଳ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା । ତଥାପି, ଦ୍ୱିତୀୟ ସଂସ୍କରଣ (୨୦୨୪)ରେ, ଏଲିମିନେଟରରେ ହାରିବା ପରେ ମୁମ୍ବାଇ ବାଦ ପଡ଼ିଥିଲା । ଦ୍ୱିତୀୟ ସଂସ୍କରଣରେ ଆରସିବି ଟାଇଟଲ ଜିତିଥିଲା, ଯେତେବେଳେ ଦିଲ୍ଲୀ ସେହି ସଂସ୍କରଣରେ ମଧ୍ୟ ରନର୍ସଅପ ହୋଇଥିଲା । ଗତ ସିଜନରେ (୨୦୨୫) ମୁମ୍ବାଇ ଦିଲ୍ଲୀକୁ ପରାସ୍ତ କରି ସେମାନଙ୍କର ଦ୍ୱିତୀୟ ଡବ୍ଲୁପିଏଲ ଟାଇଟଲ ଜିତିଥିଲା । ମହିଳା ପ୍ରିମିୟର ଲିଗ ୨୦୨୬ର ପ୍ରଥମ ମ୍ୟାଚ ଜାନୁଆରୀ ୯ ତାରିଖରେ ଡିୱାଇ ପାଟିଲ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯିବ । ଫେବୃଆରୀ ୨ ତାରିଖ ଦିନ ଭଦୋଦରା ଠାରେ ଫାଇନାଲ ଅନୁଷ୍ଠିତ ହେବ ।

ନାଟ ସ୍କିଭର-ବ୍ରଣ୍ଟ, ଆମେଲିଆ କୌର, ହରମାନପ୍ରୀତ କୌର, ହେଲି ମାଥ୍ୟୁସ, ଅମାନଜୋଟ କୌର, ସାଜିଭାନ ସାଜନା, ଶବ୍ନିମ ଇସମାଇଲ, ଗୁନାଲାନ କାମାଲିନି, ସାଇକା ଇଶାକ, ନିକୋଲା କେରି, ତ୍ରିବେଣୀ ଭାସିଷ୍ଟା, ସଂସ୍କୃତ ଗୁପ୍ତା, କ୍ରାନ୍ତି ରେଡିଡି, ମିଲି ଇଲିଙ୍ଗୱର୍ଥ, ମିଲି ।

## ବାରିପଦାର ପଞ୍ଚଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ୨୫-୨୬ରେ ଯୋଗ ଦେଲେ ଦୂତୀ ଚାନ୍ଦ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ଓଡ଼ିଶାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ପ୍ରିନ୍ସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ପ୍ରିନ୍ସ ପବ୍ଲିକ ସ୍କୁଲ ବାରିପଦାର ପଞ୍ଚଦଶ ବାର୍ଷିକ କ୍ରୀଡ଼ା ଏବଂ ଉତ୍ସବ ୨୦୨୫-୨୬, ସ୍ଥାନୀୟ ରାମନଗର ସ୍ଥିତ ପ୍ରିନ୍ସ କ୍ୟାମ୍ପସ, ବାରିପଦାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ପାଳିତ ହୋଇଯାଇଛି । ପ୍ରିନ୍ସ ଶିକ୍ଷା ସମୂହର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ଅନୁଧ୍ୟାନରେ ଏହି କାର୍ଯ୍ୟକ୍ରମ ସଫଳ ଭାବରେ ସଂଯୋଜିତ ହୋଇଥିଲା ।

ଏହି ଅବସରରେ ଭାରତ ତଥା ରାଜ୍ୟର କ୍ରୀଡ଼ା ଗୌରବ, ତଥା ଆନ୍ତର୍ଜାତୀୟ ଧାବିକା ସୁଶ୍ରୀ ଦୂତୀ ଚାନ୍ଦ୍ ବାର୍ଷିକ କ୍ରୀଡ଼ାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଶାର ଶିକ୍ଷା ବିକାଶ ମାନଚିତ୍ରରେ ନିମନ୍ତେ ପ୍ରିନ୍ସ ଶିକ୍ଷା ସମୂହର ଯୋଗଦାନକୁ ପ୍ରଶଂସା କରିଥିଲେ ତଥା ପାଠପଢ଼ା ସହିତ କ୍ରୀଡ଼ା, କଳା ଏବଂ ନିଜସ୍ୱ ପ୍ରତିଭାର ସୁବିନିଯୋଗ ନିଜ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ । ବାର୍ଷିକ ଉତ୍ସବର ମୁଖ୍ୟ ଅତିଥି ଭାବରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡକ୍ଟର ପ୍ରମୋଦ କୁମାର୍ ଶତପଥୀ, ଯୋଗଦେଇ ରାଜ୍ୟସ୍ତରରେ ପ୍ରିନ୍ସ ଛାତ୍ରଛାତ୍ରୀମାନଙ୍କ ସଫଳତାକୁ ଅନେକ ପ୍ରଶଂସା କରିବା ସହିତ ନିଜର ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ ଅନେକ ନୀତିଶିକ୍ଷା ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ପରିଷଦର ଉପସଚିବ ରାଜେଶ୍ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ସମୟର ସଦୁପଯୋଗ କରିବା ସହିତ କଲେଜର ନିୟମ ଶୃଙ୍ଖଳା ମାନି ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ ।

ସେହିପରି ପ୍ରିନ୍ସ ପବ୍ଲିକ ସ୍କୁଲର ବାର୍ଷିକ ଦିବସରେ ଭାରପ୍ରାପ୍ତ ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମହୋଦୟ ଛାତ୍ରଛାତ୍ରୀମାନଙ୍କୁ ନିଜର ସର୍ବାଙ୍ଗୀନ ବିକାଶନିମିତ୍ତ କାର୍ଯ୍ୟ କରିବାକୁ ଉଦ୍‌ବୋଧନ ଦେଇଥିଲେ ।

ଅତିଥିବୃନ୍ଦ ଯୁକ୍ତ ଦୁଇ କଳା ଏବଂ ବିଜ୍ଞାନ ତଥା ନିଟ୍, ଜେଇଇ ପରି ସର୍ବଭାରତୀୟ ପରୀକ୍ଷାରେ ପ୍ରିନ୍ସ କଲେଜ୍‌ର କ୍ରମାଗତ ସଫଳତା ଏବଂ ଛାତ୍ରଛାତ୍ରୀ ମାନଙ୍କର ଅଧ୍ୟବସାୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ପ୍ରିନ୍ସ ଏକ ଜାତୀୟ ଅନୁଷ୍ଠାନରେ ପରିଣତ ହେବ ବୋଲି ବିଶ୍ୱାସ ପ୍ରକଟ କରିଥିଲେ । ପ୍ରିନ୍ସ ଗ୍ରୁପ୍‌ର ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ, ପ୍ରିନ୍ସ କଲେଜ୍ ଅଧ୍ୟକ୍ଷା ଏମନ୍ ନାଜ୍, ପ୍ରିନ୍ସ ପବ୍ଲିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ଥୟାଲ୍ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେବା ସହିତ କାର୍ଯ୍ୟକ୍ରମ ସଞ୍ଚାଳନରେ ମାର୍ଗଦର୍ଶନ କରିଥିଲେ ।

ଏହି ଅବସରରେ ପ୍ରିନ୍ସ ଶିକ୍ଷା ସମୂହ ତରଫରୁ ନିଟ୍‌ରେ ସଫଳ ହୋଇଥିବା, ଇଣ୍ଟିଗ୍ରଟେଡ ବିଏଡ୍ ରେ ସର୍ବଭାରତୀୟ । ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତଥା କାଉନସିଲ୍ +୨ ବିଜ୍ଞାନ ୨୦୨୫ ପରୀକ୍ଷାରେ ୯୫ ପ୍ରତିଶତ ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠପାଅଞ୍ଚରେ ସ୍ଥାନ ଅଧିକାର କରିଥିବା ପ୍ରିନ୍ସ ଛାତ୍ରଛାତ୍ରୀମାନଙ୍କୁ ପ୍ରିନ୍ସ ଛାତ୍ର ଗୌରବ ସମ୍ମାନ ୨୦୨୫ ଏବଂ ଦଶହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏହି ଅବସରରେ କଲେଜ୍ ତରଫରୁ ଅତିଥିବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପ୍ରିନ୍ସ କଲେଜ୍‌ର ଚଳିତବର୍ଷର ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷାନୁଷ୍ଠାନରେ ଆୟୋଜିତ ବାର୍ଷିକ କ୍ରୀଡ଼ା ଏବଂ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ସ୍କୁଲ ଏବଂ କଲେଜ୍ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା ।

ବରିଷ୍ଠ ଅଧ୍ୟାପକ ପରମେଶ୍ୱର ଦେ ବାର୍ଷିକ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ସଞ୍ଚାଳନ ଦାୟିତ୍ୱ ନେଇଥିଲି । ପ୍ରିନ୍ସ କର୍ମକର୍ତ୍ତା ଦିଲ୍ଲୀପ କୁମାର ମହାନ୍ତି, ସୁରଜିତ ଦାସ, ମୃତ୍ୟୁଞ୍ଜୟ ଦାସ, ଦିନେଶ ବେହେରା, ଲକ୍ଷେହୀରା ସେଠୀ, ପ୍ରଶାନ୍ତ ଦତ୍ତ, ଉର୍ମିଳା ବେହେରା, ରେଣୁବାଳା ବେହେରା ପ୍ରମୁଖ ଏହି ତିନି ଦିନିଆ ପ୍ରିନ୍ସ କ୍ରୀଡ଼ା କୁମ୍ଭ ତଥା ବାର୍ଷିକ ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ । ଏଥି ଉପରାନ୍ତେ ପ୍ରିନ୍ସ କଲେଜ ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଆହୁରି ବର୍ଣ୍ଣାଢ଼୍ୟ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଉଚ୍ଚକୋଟୀର ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ ଦ୍ୱାରା ଅଭିଭାବକ ଏବଂ ଅତିଥି ମାନଙ୍କର ଖୁବ୍ ମନୋରଞ୍ଜନ ହୋଇଥିଲା ।

ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ପ୍ରିନ୍ସ ଅଧ୍ୟାପକ ଏବଂ ଅଧ୍ୟାପିକା ମଣ୍ଡଳୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଏଥି ସହିତ ଏହି କାର୍ଯ୍ୟକ୍ରମରେ ପ୍ରିନ୍ସ କଲେଜ୍, ବାରିପଦା ଏବଂ ବାଲେଶ୍ୱରର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମକର୍ତ୍ତାଗଣ ଯୋଗ ଦେଇ କାର୍ଯ୍ୟକ୍ରମ ସଫଳ ହେବାରେ ପ୍ରମୁଖ ଯୋଗଦାନ କରିଥିଲେ ।

## ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ଆଫଗାନିସ୍ତାନ ଟିମ୍ ଘୋଷଣା

**ନୂଆଦିଲ୍ଲୀ**

ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି । ରସିଦ ଖାନ୍ ଅଧିନାୟକ ଓ ଇବ୍ରାହିମ ଜାଡ୍ରାନ ଉପ ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଗୁଲବଦ୍ଦିନ ନାଇବ ଓ ନବୀନ ଉଲ ହକ୍ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଫଗାନିସ୍ତାନ ଗ୍ରୁପ୍-ଡି'ରେ କାନାଡ଼ା, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୟୁଏଇ ଦଳ ସ୍ଥାନ ପାଇଛି । ଦଳ ଆଗାମୀ ଫେବୃୟାରୀ ୮ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିବ ।

ଦଳ : ରସିଦ ଖାନ (ଅଧିନାୟକ), ଇବ୍ରାହିମ ଜାଡ୍ରାନ (ଉପ ଅଧିନାୟକ), ରହମନୁଲ୍ଲା ଗୁରବାଜ, ମହମ୍ମଦ ଆଇଜାକ, ସେଦିକୁଲ୍ଲା ଅଟଳ, ଡାରୱିସ ରସୁଲି, ସାହିଦୁଲ୍ଲା କମଲ, ଅଜମତୁଲ୍ଲା ଓମାରଜାଇ, ଗୁଲବଦ୍ଦିନ ନାଇବ, ମହମ୍ମଦ ନବି, ନୂର ଅହମ୍ମଦ, ମୁଜିବ ଉର ରେହମାନ, ନବୀନ ଉଲ ହକ୍, ଫଜଲ ହକ୍ ଫାରୁକି, ଅବଦୁଲ୍ଲା ଅହମ୍ମଦଜାଇ ।

## ୭୮ତମ ଧନୁଯାତ୍ରା ମହୋତ୍ସବ : ଜିଲ୍ଲା ସ୍ତରୀୟ କୁଇଜ୍ ପ୍ରତିଯୋଗିତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

୭୮ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ଗୁରୁବାର ଦିନ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା – ୨୦୨୬ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଲେଙ୍ଗୁ ଷ୍ଟାଡିୟମଠାରେ ମହତାବ ଶିଶୁ ସାହିତ୍ୟ ସଂସଦ ଓ କଳାମାଣିକ ଚିଲଡ୍ରେନସ୍ ମାଗାଜିନ ପକ୍ଷରୁ ଆୟୋଜିତ ଏହି କୁଇଜ୍ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ ଓ କଲେଜର ୫୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ସ୍କୁଲ ଓ କଲେଜ ଦୁଇଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ବରଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଧନୁଯାତ୍ରା ପ୍ରଚାର ଓ ପ୍ରସାର କମିଟିର ଆବାହକ ପ୍ରହ୍ଲାଦ ଖୋସଲା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବରିଷ୍ଠ ଓ କନିଷ୍ଠ ଦୁଇଟି ବିଭାଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କ ସହ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ମୋଟ ୧୦ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ହୋଇଥିଲେ । ଏହି ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସଭାପତି ମନୋରଞ୍ଜନ ମେହେର, ଆବାହକ ରାଜେନ୍ଦ୍ର ଚୌଧୁରୀ, ଉପଦେଷ୍ଟା ପ୍ରିତମ ସିଂ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଥିଲେ ରବି ନାରାୟଣ ସାହୁ ।

## ଅସହାୟଙ୍କୁ ସାହାଯ୍ୟ କଲେ ଅହମଦିଆ ମୁସଲିମ ମହିଳା ସଂଗଠନ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା-ନୟାଗଡ଼ ରୋଡ୍ ଡି.ଇ.ଟି ଟ୍ରେନିଙ୍ଗ ସ୍କୁଲ ସ୍ଥିତ ଖୋର୍ଦ୍ଧା ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଇଲାଃ ପକ୍ଷରୁ ଘଟକିଆ, ଖଣ୍ଡଗିରି ସ୍ଥିତ ଜୀବନ ମିଶନ ଆଶ୍ରା ଆଶ୍ରମରେ ୨୫୦ରୁ ଊର୍ଦ୍ଧ୍ୱ ଅସହାୟଙ୍କୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ଚୁଡ଼ା, ଚିନି, ବିସ୍କୁଟ, ମିକଚର, କେକ୍ ଓ ପାଉରୁଟି ବଣ୍ଟନ କରାଯାଇଛି । ଏହା ସହିତ ଆଦର୍ଶ-ବାଦୀ ନୂଆ ବର୍ଷ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅହମଦୀୟାମ ମୁସଲିମ ମହିଳା ସଂଗଠନ ଲଜନା ଇମାଇଲ୍ଲାଃର ସଭାନେତ୍ରୀ ସୟଦା ଜେବୁନ୍ ନିସା ପୌରୋହିତ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାନବିକତା ହିଁ ପରମ ଧର୍ମ । ମାନବସେବା ହିଁ ମାଧବସେବା । ବସୁଧୈବ କୁଟୁମ୍ବକମ । ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ ଭଳି ମହାନ ଏକତା ଓ ଶାନ୍ତିପ୍ରଦାୟକ ବିଷୟବସ୍ତୁ ଉପରେ ଚର୍ଚ୍ଚା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ସଭା ନେତ୍ରୀଙ୍କ ସହ ସୟଦା କମରୁନ ନିସା, ରୌନକ ଆରା ଏବଂ ତସଲିମା ନାସରିନ ସହଯୋଗ କରିଥିଲେ ।

## ଖଣ୍ଡଗିରି ମହାସମର ପାଇଁ ସଜବାଜ : ମକର ପରେ ବନ୍ଧା ହେବ ପେଣ୍ଡାଲ୍, ମଞ୍ଚ ଦୁଲୁକାଇବେ ୧୨ ଦଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ପ୍ରସିଦ୍ଧ ଖଣ୍ଡଗିରି ମେଳା ଆସୁଛି । ମାଘ ସପ୍ତମୀରୁ ଆରମ୍ଭ ହେବ ମାଘମେଳା । ଏଥିସହ ଆରମ୍ଭ ହୋଇଯିବ ଖଣ୍ଡଗିରି ଯାତ୍ରା ମହସମର । ଯାତ୍ରା ପାଇଁ ଏବେ ଚାଲିଛି କମିଟି ମଧ୍ୟରେ କସରତ । କିଏ କେଉଁ ପାର୍ଟି ଆଣିବେ ତାହା ବି ଚୂଡ଼ାନ୍ତ ପର୍ଯ୍ୟାୟରେ । ପ୍ରାରମ୍ଭରେ ଯାତ୍ରା ପେଣ୍ଡାଲ ସଂଖ୍ୟା ବଢ଼ିବ ବୋଲି କୁହାଯାଉଥିବା ବେଳେ ପେଣ୍ଡାଲ ସଂଖ୍ୟା ସେହି ୬ରେ ସୀମିତ ରହିବ ବୋଲି ଜଣାପଡ଼ିଛି । ଏହା ଏକପ୍ରକାର ନିଶ୍ଚିତ ହୋଇଛି ।

ଚଳିତ ଖଣ୍ଡଗିରି ଯାତ୍ରା ମହାସମରରେ ଭାଗ୍ୟ ପରୀକ୍ଷା କରିବେ ମୋଟ ୧୨ଟି ଅପେରା ପାର୍ଟି । ସେଥିମଧ୍ୟରେ ଅଶୋକ ସମ୍ରାଟ, ତୁଳସୀ ଗଣନାଟ୍ୟ, କୋଣାର୍କ ଗଣନାଟ୍ୟ, ଅପେରା ସୂର୍ଯ୍ୟମନ୍ଦିର, ଯାତ୍ରା ରାଣୀ ସିଂହବାହିନୀ, ଶିବାନୀ ଗଣନାଟ୍ୟ, ଅପେରା ସ୍ୱର୍ଣ୍ଣ ମହଲ, ରଙ୍ଗମହଲ, ନାଟ୍ୟମଣ୍ଡପ, ରାଜଦରବାର, ବିଶ୍ୱଦରବାର ଓ ନୂଆକରି ଗଢ଼ାଯାଇଥିବା ଶ୍ରୀମନ୍ଦିର ଭଳି ଆଗଧାଡ଼ିର ପାର୍ଟି ରହିଛନ୍ତି । ତେବେ ଆଇଗିଣିଆ ହରେକୃଷ୍ଣ ମହତାବ ପେଣ୍ଡାଲରେ ଅଶୋକ ସମ୍ରାଟ ଓ ତୁଳସୀ ଗଣନାଟ୍ୟ ଦର୍ଶକଙ୍କ ମନୋରଞ୍ଜନ କରିବେ । ଘାଟିକିଆ ସନାତନ ସେବା ସଦନ ମଞ୍ଚରେ କୋଣାର୍କ ଓ ଅପେରା ସୂର୍ଯ୍ୟମନ୍ଦିର, ଜାଗମରା ଇନ୍ଦିରା ସାଂସ୍କୃତିକ ମଞ୍ଚରେ ସିଂହବାହିନୀ ଓ ଶିବାନୀ, ଜାଗମରା ମା' ମଙ୍ଗଳା ସାଂସ୍କୃତିକ ଯୁବ ପରିଷଦ ମଞ୍ଚରେ ସ୍ୱର୍ଣ୍ଣମହଲ ଓ ରଙ୍ଗମହଲ, ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ବିଶ୍ୱଦରବାର ଓ ଶ୍ରୀମନ୍ଦିର ଏବଂ ବରମୁଣ୍ଡା ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ମଞ୍ଚରେ ନାଟ୍ୟମଣ୍ଡପ ଓ ରାଜଦରବାର ପାର୍ଟି ଯାତ୍ରା ପରିବେଷଣ କରିବେ । ସବୁ ଯାତ୍ରା ପାର୍ଟି ପର୍ଯ୍ୟାୟକ୍ରମେ ଯାତ୍ରା ପରିବେଷଣ କରିବେ ବୋଲି ବିଭିନ୍ନ କମିଟି ପକ୍ଷରୁ ସୂଚନା ମିଳିଛି । ଆସନ୍ତା ମକର ସଂକ୍ରାନ୍ତି ପରେ ପରେ ମଞ୍ଚ ବନ୍ଧା ଆରମ୍ଭ ହୋଇଯାଇଥିବ ବୋଲି ଜଣାପଡ଼ିଛି ।

ଅପରପକ୍ଷେ, ଦୀର୍ଘଦିନର ବିରତ ପରେ ଯାତ୍ରାମଞ୍ଚକୁ ପାଦ ରଖିଥିବା ଯୁବ ଅଭିନେତା ପୀୟୁଷ ତ୍ରିପାଠୀଙ୍କୁ ଏଥରକ ସିଂହବାହିନୀ ପାର୍ଟିରେ ଦେଖିବାକୁ ମିଳିବ । ଶ୍ରୀମନ୍ଦିରରେ ଅଭିନେତା କାହ୍ନା ସ୍ୱାଇଁ, ଶିବାନୀରେ ବରିଷ୍ଠ ଅଭିନେତା ଗୌର ଦାସ ଓ ତୁଳସୀରେ ଯୁବ ଖଳନାୟକ ସାଇଙ୍କୁ ଦେଖିବେ ଯାତ୍ରାପ୍ରେମୀ । ନୂଆ ବହି, ନୂଆ କଳାକାରଙ୍କୁ ନେଇ ଏଥରକ ଯାତ୍ରା ମଞ୍ଚ ବେଶ୍ ରଙ୍ଗୀନ ହେବାକୁ ଯାଉଛି । ଏଥରକ ତୁଳସୀ, ସିଂହବାହିନୀ, ରଙ୍ଗମହଲ, ଶ୍ରୀମନ୍ଦିର ଦର୍ଶକଙ୍କ ପସନ୍ଦ ତାଲିକାରେ ଅଛନ୍ତି । ଆଇଗିଣିଆ ହରେକୃଷ୍ଣ ମହତାବ ପେଣ୍ଡାଲର ସଭାପତି କୃଷ୍ଣଚନ୍ଦ୍ର ଜେନା କହିଛନ୍ତି, ଏଥରକ ଖଣ୍ଡଗିରିରେ ଦମ୍‌ଦାର ଯାତ୍ରା ପରିବେଷଣ ହେବ । ତୁଳସୀର ବହି 'ଏଇ ବୋଧେ ଶେଷ ଦେଖା' ଚର୍ଚ୍ଚାରେ ରହିଛି । ତେଣୁ ଦର୍ଶକମାନେ କଳାକାରଙ୍କୁ କେମିତି ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଛି ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୩ ଜାନୁଆରୀ ୨୦୨୬ ଶନିବାର





# ହେରୋଇନ୍ ଜବତ : ନିଶାବେପାରୀ ଗିରଫ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ବଜାର ଠାରେ ଚଢଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୧୯ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ରାଇବରେଇ ଗ୍ରାମର ସୋମନାଥ ସାହୁ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଥାନାର ଉପନିରିକ୍ଷକ ଭାଗ୍ୟଲକ୍ଷ୍ମୀ ଦଳାଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ସିଙ୍ଗିପୁର ବଜାରରେ ମାଡ଼ିବସିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଇବରେଇ ଗ୍ରାମର ସ୍ୱର୍ଗତ ଅକ୍ଷୟ ନାୟକଙ୍କ ପୁତ୍ର



ସୋମନାଥ ନାୟକ(୨୬)। ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧,୯୦,୦୦୦ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ୍ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇଛନ୍ତି। ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉ କୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ଏହି ବ୍ୟବସାୟ ସହିତ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି। ଅବକାରୀ ବିଭାଗକୁ ଅଭିଯୁକ୍ତ ମାନଙ୍କର ଲୋକେସନ ଏବଂ କଲ ଟ୍ରାକିଙ୍ଗର ସୁବିଧା ପ୍ରଦାନ କରଗଲେ ଅବକାରୀ ବିଭାଗ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଉଛି।

# ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ନଅ ମାସରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପଣ୍ୟ ପରିବହନରେ ରେକର୍ଡ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତିନି ତ୍ରୈମାସିକରେ ପଣ୍ୟ ପରିବହନ ଏବଂ ଟ୍ରାଫିକ୍ ପରିଚାଳନାରେ ଉଲ୍ଲେଖନୀୟ ପ୍ରଦର୍ଶନ ରେକର୍ଡ କରିଛି ଯାହା ନିରନ୍ତର ଅଭିବୃଦ୍ଧି, ଅଧିକ ୱାଗନ୍ ବ୍ୟବହାର ଏବଂ ବର୍ଦ୍ଧିତ କାର୍ଯ୍ୟକ୍ଷମତାକୁ ପ୍ରତିଫଳିତ କରୁଅଛି। ୨୦୨୫ ଏପ୍ରିଲରୁ ଡିସେମ୍ବର ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୩୦.୩୬ ନିୟୁତ ଟନ୍ ପଣ୍ୟ ପରିବହନ କରିଛି ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧୧୯.୫୬ ନିୟୁତ ଟନ୍ ପଣ୍ୟ ପରିବହନ ତୁଳନାରେ ୯% ବୃଦ୍ଧି କରି ଗତ ବର୍ଷ ତୁଳନାରେ ୧୦.୮୦ ନିୟୁତ ଟନ୍ ଅଧିକ ପଣ୍ୟ ବୋଝେଇ କରିପାରିଛି। ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ସମୁଦାୟ ୨୦୯.୯୭ ନିୟୁତ ଟନ୍ ପଣ୍ୟ ପରିବହନ କରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନ ୧୮୮.୬୪ ନିୟୁତ ଟନ୍ ତୁଳନାରେ ୧୧.୩% ପ୍ରଭାବଶାଳୀ ଅଭିବୃଦ୍ଧି ହାସଲ କରିଛି ଯାହା ଅତିରିକ୍ତ ୨୧.୩୩ ନିୟୁତ ଟନ୍ ଅଧିକ ବୋଝେଇ ହାସଲ କରିଛି।

କେବଳ ଡିସେମ୍ବର ୨୦୨୫ ରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୫.୨୩ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲା ଯାହା ଡିସେମ୍ବର



୨୦୨୪ ର ପଣ୍ୟ ପରିବହନ ୧୪.୭୩ ନିୟୁତ ଟନ୍ ବୋଝେଇ ତୁଳନାରେ ୩% ବୃଦ୍ଧି ପାଇଛି। ସେହିପରି, କେବଳ ଡିସେମ୍ବର ମାସରେ ପୂର୍ବତଟ ରେଳପଥ ପୂର୍ବ ଆର୍ଥିକ ବର୍ଷ ପଣ୍ୟ ବୋଝେଇ ୨୩.୨୭ ନିୟୁତ ଟନ୍ ତୁଳନାରେ ୨୫.୨୫ ନିୟୁତ ଟନ୍ ପଣ୍ୟ ପରିବହନ କରି ୯% ଅଭିବୃଦ୍ଧି ଆଣିପାରିଛି। ଏପ୍ରିଲରୁ ଡିସେମ୍ବର ୨୦୨୫ ସମୟ ମଧ୍ୟରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପ୍ରତିଦିନ ହାରାହାରି ୭୦୬୮ ୱାଗନ୍ ବ୍ୟବହାର କରିଥିଲା ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୬୫୯୬ ୱାଗନ୍ ବ୍ୟବହାର ଠାରୁ ୭% ଅଧିକ ଅଟେ। ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ପ୍ରତିଦିନ ହାରାହାରି ୧୧,୩୮୯ ୱାଗନ୍ ବ୍ୟବହାର କରିଥିଲା ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୧୦୪୧୫ ୱାଗନ୍ ବ୍ୟବହାର ଠାରୁ ୯% ଅଭିବୃଦ୍ଧି କରିପାରିଛି।

କେବଳ ଡିସେମ୍ବର ୨୦୨୫ ରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପ୍ରତିଦିନ ହାରାହାରି ୭,୩୩୧ ୱାଗନ୍ ବ୍ୟବହାର ହାସଲ କରି ଡିସେମ୍ବର ୨୦୨୪ ରେ ହାରାହାରି ଦୈନିକ ୭,୦୮୮ ୱାଗନ୍ ବ୍ୟବହାର ତୁଳନାରେ ୩% ବୃଦ୍ଧି ଆଣିପାରିଛି। ଏହି ମାସରେ ପୂର୍ବତଟ ରେଳପଥ ଦୈନିକ ହାରାହାରି ୧୨,୧୧୨ ୱାଗନ୍ ବ୍ୟବହାର କରି ଗତ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୱାଗନ୍ ବ୍ୟବହାର ୧୧୨୫୦ ତୁଳନାରେ ୮% ଅଭିବୃଦ୍ଧି ପଞ୍ଜିକରଣ କରିଅଛି। ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ବିଭିନ୍ନ ସାମଗ୍ରୀରେ ଯଥେଷ୍ଟ ପଣ୍ୟ ପରିବହନ ରେକର୍ଡ କରିଅଛି ଯାହା ମୁଖ୍ୟତଃ ଶିଳ୍ପ ଏବଂ ଅତ୍ୟାବଶ୍ୟକୀୟ ଯୋଗାଣକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଲ୍ଲେଖ କରିଅଛି। ପଣ୍ୟ ବୋଝେଇରେ ୧୧୭.୮୩ ନିୟୁତ ଟନ୍ କୋଇଲା, ଷ୍ଟିଲ୍ ପ୍ଲାଣ୍ଟ ପାଇଁ ୭.୮୯ ନିୟୁତ ଟନ୍ କଞ୍ଚାମାଲ, ୧୯.୭୬ ନିୟୁତ ଟନ୍ ଲୁହା ଏବଂ ଇସ୍ପାତ, ୨୭.୫୧ ନିୟୁତ ଟନ୍ ଲୁହା ପଥର, ୦.୭୫ ନିୟୁତ ଟନ୍ ସିମେଣ୍ଟ, ୨.୪୩ ନିୟୁତ ଟନ୍ ଖାଦ୍ୟଶସ୍ୟ, ୭.୨୨ ନିୟୁତ ଟନ୍ ସାର, ୨.୪୩ ନିୟୁତ ଟନ୍ ଖଣିଜ ତୈଳ ଏବଂ ୪.୦୩ ନିୟୁତ ଟନ୍ କଣ୍ଟେନରରେ ପରିବହନ ହେଉଥିବା ସାମଗ୍ରୀ ଅନ୍ତର୍ଭୁକ୍ତ ଅଟେ। ଏହା ବ୍ୟତୀତ, ୨୦.୧୩ ନିୟୁତ ଟନ୍ ଅନ୍ୟାନ୍ୟ ସାମଗ୍ରୀ ବୋଝେଇ କରାଯାଇଥିଲା ଯେଉଁଥିରେ ଇସ୍ପାତ କାରଖାନା ପାଇଁ କଞ୍ଚାମାଲ, ଆଲୁମିନା, ବକ୍ସାଇଟ୍, କଷ୍ଟିକ୍ ସୋଡା, ଜିପସମ୍, କ୍ୱାର୍ଟଜାଇଟ୍, ଫ୍ଲାଏ ଆସ୍, ମାଙ୍ଗାନିଜ୍ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ ଯାହା ଶିଳ୍ପ ଅଭିବୃଦ୍ଧି ଏବଂ ଜାତୀୟ ଲଜିଷ୍ଟିକ୍ସରେ ପୂର୍ବତଟ ରେଳପଥର ଦୃଢ଼ ଅବଦାନକୁ ରେଖାଙ୍କିତ କରୁଅଛି। ପଣ୍ୟ ପରିବହନ, ୱାଗନ୍ ବ୍ୟବହାର ଏବଂ ରୋଜଗାରରେ ସ୍ଥିର ଅଭିବୃଦ୍ଧି ପଣ୍ୟ ପରିବହନ କାର୍ଯ୍ୟକୁ ବୃଦ୍ଧି କରିବା, ବନ୍ଦର-ରେଳ ସଂଯୋଗକୁ ସୁଦୃଢ଼ କରିବା ଏବଂ ଦେଶର ଲଜିଷ୍ଟିକ୍ସ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଆସୁଅଛି।

# ସେନା ଶିବିରରେ ଭୟଙ୍କର ଅଗ୍ନିକାଣ୍ଡ

**ନୂଆଦିଲ୍ଲୀ**

ଉତ୍ତରାଖଣ୍ଡର ଜୋଶୀମଠରେ ଏକ ସେନା ଶିବିର ଭିତରେ ଥିବା ଏକ ଦୋକାନରେ ହଠାତ୍ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ସମ୍ପୂର୍ଣ୍ଣ ଦୋକାନଟି ଜଳିଯାଇଥିଲା। ସେନା କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ପ୍ରୟାସ କରୁଛନ୍ତି। ଶିବିରର ଷ୍ଟୋରେଜ୍ ଅଞ୍ଚଳରେ ଅପରାହ୍ନ ପ୍ରାୟ ୨ଟା ସମୟରେ ନିଆଁ ଲାଗିଥିଲା। ସ୍ପାର୍କିଂ ଯୋଗୁଁ ନିଆଁ ଲାଗିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣା ପଡିଛି। ଅଗ୍ନିକାଣ୍ଡ ପରେ ନିଆଁ ଦ୍ରୁତ ଗତିରେ ବ୍ୟାପିଥିଲା। ସେଠାରେ ଗଚ୍ଛିତ ସାମଗ୍ରୀ, ଉପକରଣ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜଳି ଯାଇଥିଲା। ତୁରନ୍ତ ସେନା ଅଧିକାରୀ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ପ୍ରତିକୂଳ ଭୂମି ଯୋଗୁଁ ସହାୟତା ପହଞ୍ଚିବାରେ ବିଳମ୍ବ ହୋଇଥିଲା। ସେନା କର୍ମଚାରୀମାନେ ନିଜେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରୁଛନ୍ତି। ପାଣି ଟ୍ୟାଙ୍କର ଏବଂ ମାନୁଆଲ୍ ଉପକରଣ ସମେତ ଶିବିରରେ ଥିବା କିଛି ଉପକରଣ ବ୍ୟବାହାର କରି ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, "ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନଥିବା ସୂଚନା ରହିଛି। ଅଗ୍ନିକାଣ୍ଡର ତୀବ୍ରତା ଯୋଗୁଁ ପରିସ୍ଥିତି ସଙ୍କଟାପର୍ଣ୍ଣ ରହିଛି। ଘଟଣାସ୍ଥଳରୁ ମିଳିଥିବା ଦୃଶ୍ୟଗୁଡ଼ିକ ଦର୍ଶାଉଛି ଯେ ସୈନିକମାନେ ନିଆଁକୁ ନିୟନ୍ତ୍ରଣ କରିବା ଜାରି ରଖିଥିବା ବେଳେ ଉକ୍ତ ସ୍ଥାନରୁ ଘନ ଧୂଆଁ ବାହାରୁଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦୮ ମାମଲାରେ...

ରାଜ୍ୟ ଭିଜିଲାନ୍ସ ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ। ୨୦୨୫ ବର୍ଷରେ ସମୁଦାୟ ୪୮୭ଟି ସ୍ଥାନରେ ଭିଜିଲାନ୍ସ ଚଢଉ କରି ଆୟବହିର୍ଭୁତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସରକାରୀ କର୍ମଚାରୀଙ୍କର ୧୧୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟଗୁଡିକୁ ବନ୍ଦ କରିଦିଆଯାଇଛି। ୧୫୩ଟି ବିଲ୍ଡିଂ, ୧୮.୩ କିଲୋଗ୍ରାମର ସୁନା, ୪୧୭ଟି ପ୍ଲଟ, ୧୨ଟି ଫାର୍ମ ହାଉସ ଜବତ କରାଯାଇଛି। ଏଥିସହିତ ୩୬.୬୯ କୋଟି ଟଙ୍କା ଜମାରାଶି ଏବଂ ୮.୮ କୋଟି ଗଚ୍ଛିତ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଓଡିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତି ମୁକ୍ତ କରିବା ପାଇଁ ସମୟ ଆସିଯାଇଛି ଏବଂ ଏକ ଏପରି ଉଦାହରଣ ସୃଷ୍ଟି କରିବା ଯାହାଫଳରେ ସରକାରୀ କର୍ମଚାରୀ ମାନେ ଦୁର୍ନୀତିର ରାସ୍ତାରୁ ନିବୃତ୍ତ ରହିବେ। ଭିଜିଲାନ୍ସ ବିଭାଗ ତାର ଅଭିଯାନ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଭିଜିଲାନ୍ସ ବିଭାଗର ବିଭିନ୍ନ ଆବଶ୍ୟକତା ଯେପରି ଦକ୍ଷତା ବୃଦ୍ଧି, ନିଯୁକ୍ତି ଏବଂ ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ବିଷୟରେ ତର୍ଜମା କରାଯାଇ ଖୁବ୍ ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠ୍ୱା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନ୍ସ ଅସୀତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆତଙ୍କବାଦରୁ ...

ଅନୁସରଣ କରାଯାଇପାରିବ। "ବସୁଧୈବ କୁଟୁମ୍ବକମ୍" ଅର୍ଥ ହେଉଛି ଭାରତ କେବେବି ବିଶ୍ୱକୁ ଶତ୍ରୁ କିମ୍ବା ବିପଦ ଭାବରେ ଦେଖିନାହିଁ। ଭାରତର ବୈଦେଶିକ ନୀତି ଦର୍ଶନ ସୀମିତ ସମ୍ବଳ ସତ୍ତ୍ୱେ ସର୍ବାଧିକ ପ୍ରଭାବ କିପରି ପ୍ରୟୋଗ କରାଯାଇପାରିବ ତାହା ଉପରେ ଧ୍ୟାନ ଦିଏ। ଭାରତୀୟ କୂଟନୀତି ଏହାର ଶକ୍ତି, ପ୍ରତିଯୋଗିତାମୂଳକତା ଏବଂ ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକୁ ଉପଯୋଗ କରି ସମାଧାନ ଖୋଜେ।

## ୪ଲକ୍ଷ ଅନୁକମ୍ପା...

ଆଡୁ ଆସୁଥିବା ବୋଲେରୋ ଧକ୍କାରେ ଜଣେ ନିଷ୍ପାପ ଶିଶୁଙ୍କ ଦେହାନ୍ତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାର ଲୋକେ ଓ ସ୍ଥାନୀୟ ଲୋକମାନେ ରାସ୍ତାରୋକ କରିବା ସହ ମେଡିକାଲରେ ଅବ୍ୟବସ୍ଥା ଓ ବଡଦାଣ୍ଡରେ ଟ୍ରାଫିକ ସମସ୍ୟା ନେଇ ପ୍ରଶାସନକୁ ଦାୟୀ କରିଛନ୍ତି।

## ଶ୍ରୀମନ୍ଦିର ଧାଡ଼ି ...

ନାଇଜେରିଆ, ଇଥିଓପିଆ, ଭିଏତନାମ, ଆୟାରଲ୍ୟାଣ୍ଡ, ଦୁବାଇ, ଅଷ୍ଟ୍ରେଲିଆ, ୟୁନାଇଟେଡ୍ ଏମିରେଟ୍ସ, ନାସଭିଲେ, ମିଆଁମାର ଆଦି ବିଭିନ୍ନ ଦେଶରୁ ଆଧ୍ୟାତ୍ମିକ ଜିଜ୍ଞାସୁଙ୍କ ସମେତ ସାଧୁସନ୍ଥ ଓ ଭକ୍ତମାନେ ଯୋଗଦେଇଛନ୍ତି।

## ଦେଓରଞ୍ଜନ କୁମାର...

ଦେଓରଞ୍ଜନ କୁମାର ସିଂହଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ଯୋଜନା ଓ ସଂଯୋଜନ ବିଭାଗ ସହ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ସମ୍ଭାଳିବେ। ଶ୍ରୀ ସିଂହ ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଅନୁରୂପ ଭାବେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଶୁକ୍ରବାର ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବଭଳି ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇପିକଲର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ।

## ଆତ୍ମନିର୍ଭର ଭାରତ ...

କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେ କହିଥିଲେ ବରପୁତ୍ର ମାନଙ୍କୁ ସମ୍ମାନ ଦେବା ହେଉଛି ଆମର ନୈତିକ ଦାୟିତ୍ୱ। ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ପ୍ରେରଣାରେ ଆମ ସରକାର ରାଜ୍ୟର ବରପୁତ୍ର ଓ ମହାମନିଷୀଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ପ୍ରଥମ ଦିନରୁ ଉଦ୍ୟମରତ। ବରପୁତ୍ର ଓ ମହାମନିଷୀଙ୍କ ଗ୍ରାମକୁ ଯାଇ ତାଙ୍କର ଜୟନ୍ତୀ ଓ ପୁଣ୍ୟତିଥି ଦିବସ ସେଠାରେ ପାଳନ କରାଯାଉଛି। ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ରାଜ୍ୟର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ତଥା ଜରୁରୀକାଳୀନ ପରିସ୍ଥିତିରେ ଲଢେଇ କରିଥିବା ସଂଗ୍ରାମୀ ମାନଙ୍କୁ ଯଥୋଚିତ ସମ୍ମାନ ଦେଉଛନ୍ତି। ବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପେନସନ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କା କରାଯାଇଛି। ସେମାନଙ୍କ ଅନ୍ତେ ତାଙ୍କ ପତ୍ନୀ ଓ ଅବିବାହିତ ଝିଅ ମଧ୍ୟ ଏହି ସୁବିଧା ପାଇବେ। ସେହିପରି ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ମାସିକ ପେନସନକୁ ୯ ହଜାର ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। କେନ୍ଦ୍ର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ପ୍ରତୀକ ଭତ୍ତା ଭାବେ ମାସିକ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏଥିସହିତ ଜରୁରୀ କାଳୀନ ପରିସ୍ଥିତି ସମୟରେ ମିଶା ଆଇନ୍‌ରେ ଗିରଫ ହୋଇଥିବା ୧୫୨ ଜଣ ଲୋକତନ୍ତ୍ର ସେନାନୀଙ୍କ ପାଇଁ ମଧ୍ୟ ମାସିକ ୨୦ ହଜାର ଟଙ୍କାର ପେନସନ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅଧିକ ଲୋକତନ୍ତ୍ର ସେନାନୀଙ୍କୁ ପେନସନ ଦିଆଯିବ ବୋଲି ସେ କହିଥିଲେ। ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟଦ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଥିଲେ ଆଜି ସ୍ୱାଧୀନତା ଆନ୍ଦୋଳନର ଆବଶ୍ୟକତା ନାହିଁ। କିନ୍ତୁ ଏବେ ଆଉ ଏକ ସଂଗ୍ରାମର ଆବଶ୍ୟକତା ରହିଛି। ତାହା ହେଉଛି ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସଂଗ୍ରାମ। ଏଥିରେ ସମସ୍ତେ ସାମିଲ ହେବା ପାଇଁ ସେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଓଡିଶାରେ ଯଦି ଡକ୍ଟର ମହତାବ ଜନ୍ମ ନେଇନଥାନ୍ତେ ତେବେ ଓଡିଶା ପ୍ରଦେଶର ଆମେ ଯେଉଁ ମାନଚିତ୍ର ପାଇଛୁ, ତାହା ଦେଖିବାକୁ ମିଳିନଥାନ୍ତା। ଓଡିଶାରେ ଭିତ୍ତିଭୂମି, ଶିଳ୍ପ, କୃଷି, ଜଳସେଚନ ଆଦି ପ୍ରତ୍ୟେକ କ୍ଷେତ୍ରର ବିକାଶର ମୂଳଦୁଆ ସ୍ଥାପନ କରିଥିଲେ ଡକ୍ଟର ମହତାବ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଏ ମାଟିରେ ଶହ ଶହ ସ୍ୱାଧୀନତା ସଂଗ୍ରାମୀ ଦେଶ ମାତୃକାର ସ୍ୱାଧୀନତା ପାଇଁ ଲୁହ ଓ ଲହୁ ଢାଳି ଆମକୁ ମୁକ୍ତିର ସ୍ୱାଦ ଚଖାଇଛନ୍ତି। ସେମାନଙ୍କ ଅନନ୍ୟ ଦେଶଭକ୍ତି ଓ ଉତ୍ସର୍ଗୀକୃତ ଅବଦାନ ଆଗରେ କୌଣସି ଶକ୍ତି ସମତୁଲ ହେବ ନାହିଁ ବୋଲି ସେ କହିଥିଲେ। କଟକ ସାଂସଦ ତଥା ସ୍ୱାଧୀନତା ସଂଗ୍ରାମୀ ସଦନ ଟ୍ରଷ୍ଟର ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ ତାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ, ପୂର୍ବରୁ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ଦିବସ ନାମିତ ହୋଇନଥିଲା। ୧୯୮୭ ମସିହାରୁ ଏହି ଦିବସଟିକୁ ସ୍ୱାଧୀନତା ସଂଗ୍ରାମୀ ଦିବସ ଭାବେ ପାଳନ କରିବା ପାଇଁ ସ୍ଥିର କରାଯାଇଛି। ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ପିଢି ପରେ ପିଢିଙ୍କ ମଧ୍ୟରେ ଆମ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ନୀତି ଆଦର୍ଶ ଓ ତ୍ୟାଗକୁ ଉଜ୍ଜୀବିତ କରି ରଖି ସେମାନଙ୍କ ମଧ୍ୟରେ ଦେଶ ପ୍ରେମକୁ ଜାଗ୍ରତ କରିବା। ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ, ଓଡିଶାକୁ ଭାରତ ବର୍ଷର ପ୍ରଥମ ରାଜ୍ୟ ଭାବେ ପରିଣତ କରିବାକୁ ଯେଉଁ କେତେଜଣ କାମ କରୁଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ଡକ୍ଟର ମହତାବ। ନୂଆ ଓଡିଶା ଗଠନର ସ୍ୱପ୍ନ ସେ କେବଳ ନିଜେ ଦେଖୁନଥିଲେ, ଓଡିଶାର ଯୁବ ବର୍ଗଙ୍କୁ ମଧ୍ୟ ପ୍ରେରଣା ଦେଉଥିଲେ। ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ଯୁଗ ଯେତେ ପରିବର୍ତ୍ତନ ହେଲେ ମଧ୍ୟ ଆମେ ଆମ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ କେବେ ଭୁଲିବା ଉଚିତ୍ ନୁହେଁ। ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ପ୍ରମୁଖ ଡକ୍ଟର ମହତାବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବର ସଭାପତି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଡକ୍ଟର ମହତାବଙ୍କ ସ୍ମୃତି ସମ୍ବଳିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବୁଲିଦେଖିଥିଲେ।

## ବୈଧ ପ୍ରଦୂଷଣ ନିୟନ୍ତ୍ରଣ...

ବାଧ୍ୟତାମୂଳକ ହେବ। ଅନ୍ୟ କେହି ଷ୍ଟିକର୍ ଆଣିବାକୁ ଗଲେ ମାଲିକଙ୍କ ଅଥରାଇଜ୍ ଲେଟର୍ ଦେଖାଇବେ।

## ଆହୁରି ୪ ...

୩ଟି ମୂଲ୍ୟବାନ ଜୀବନ ଚାଲିଯାଇଛି। ରାସ୍ତାଘାଟ ନଦୀ ସମୁଦ୍ର ସବୁଠି କୁହୁଡ଼ି ଆଉ କୁହୁଡ଼ି। ୧୦ ମିଟର ବାଟରୁ ଜଣକୁ ଅନ୍ୟ ଜଣେ ଚିହ୍ନିବା କଷ୍ଟ ହୋଇ ପଡ଼ିଛି। ଦିନରେ ଗାଡ଼ିରେ ଲାଇଟ୍ ଲଗାଇ ଯାତାୟାତ କରୁଛନ୍ତି ଲୋକେ। ଯାତାୟାତ ସହ ଚାଷ କାର୍ଯ୍ୟ ବି ପ୍ରଭାବିତ ହେଉଛି। ସକାଳୁ ବିଲକୁ ଧାନ କାଟିବାକୁ ଚାଷୀ ଆସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀ ଅସ୍ତରଙ୍ଗ ଏମିତି ଘନ କୁହୁଡ଼ିର ଧଳା ଚାଦରରେ ଆଚ୍ଛାଦିତ ହୋଇ ରହିଛି। ଚଳିତ ସପ୍ତାହରେ କୁହୁଡ଼ି ପାଇଁ ଜନଜୀବନ ପ୍ରଭାବିତ ହୋଇଛି। ଯାହା ଜନଜୀବନକୁ ଅସ୍ତବ୍ୟସ୍ତ କରିବା ସହ ଅକାରଣରେ ଜୀବନ ନେଉଛି। ତେଣୁ ସକାଳୁ ଘରୁ ବାହାରିବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ୍।

## ଆଜି ଆକାଶରେ...

ଦେଖାହେଉଥିବା ଚନ୍ଦ୍ରଠାରୁ ଏହା ୩୦ ପ୍ରତିଶତ ଅଧିକ ଉଜ୍ଜ୍ୱଳ ଦେଖାଯିବ। ତେବେ ଏହାପରେ ଦ୍ୱିତୀୟ ଥର ପାଇଁ ସୁପରମୁନ୍ ନଭେମ୍ବର ୨୪ ତାରିଖରେ ଦେଖିବାକୁ ମିଳିବ। ଖାଲି ସେତିକି ନୁହେଁ, ଚଳିତ ବର୍ଷର ଶେଷ ସୁପରମୁନ୍ ଡିସେମ୍ବର ୨୩ ତାରିଖରେ ଦେଖିବାକୁ ମିଳିବ।

# ପୂର୍ବତଟ ରେଳପଥ ଜାନୁଆରୀ ପହିଲାରୁ ଲାଗୁ କଲା ନୂଆ ସମୟ ସାରଣୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନୂଆବର୍ଷରେ ବଦଳିଲା ଟ୍ରେନ୍‌ର ସମୟ ସାରଣୀ। ୨୦୨୬ ଜାନୁଆରୀ ୧ରୁ ନୂତନ ସମୟ ସାରଣୀ ଜାରି କରିଛି ପୂର୍ବତଟ ରେଳପଥ। ସଂଶୋଧିତ ସମୟସାରଣୀରେ ନୂତନ ଟ୍ରେନ ପ୍ରଚଳନ, ବିଦ୍ୟମାନ ସେବାର ସମ୍ପ୍ରସାରଣ, ଟ୍ରେନ ଚଳାଚଳର ଫ୍ରିକ୍ୱେନ୍ସି ବୃଦ୍ଧି, ଅତିରିକ୍ତ ଷ୍ଟପେଜ୍, ଟ୍ରେନର ଗତି ବୃଦ୍ଧି ଏବଂ କାର୍ଯ୍ୟକ୍ଷମତା ଏବଂ ଯାତ୍ରୀ ସୁବିଧାକୁ ଉନ୍ନତ କରିବା ପାଇଁ ସମୟସାରଣୀର ପରିବର୍ତ୍ତନ ସମେତ ଅନେକ ଯାତ୍ରୀ ଅନୁକୂଳ ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଛି।

ନୂତନ ସମୟସାରଣୀ ପରବର୍ତ୍ତୀ ସମୟସାରଣୀ ପ୍ରକାଶନ ପର୍ଯ୍ୟନ୍ତ ବୈଧ ରହିବ। ନୂତନ ସମୟସାରଣୀର ପ୍ରମୁଖ ମୁଖ୍ୟାଂଶଗୁଡ଼ିକ ନିମ୍ନରେ ବିସ୍ତୃତ ଭାବରେ ଦିଆଯାଇଛି। ନୂତନ ଟ୍ରେନର ଚଳାଚଳ (୦୬ ଗୋଟି ଟ୍ରେନ୍ / ୦୩ ଯୋଡ଼ା)। ୧୯୦୨୧ / ୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା (ସାପ୍ତାହିକ)। ୧୮୩୧୧ / ୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର (ସାପ୍ତାହିକ)। ୧୮୩୧୩ / ୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂଆ -ବୌଦ୍ଧ (ସାପ୍ତାହିକ)। ଟ୍ରେନ ସେବାର ସମ୍ପ୍ରସାରଣ (୧୪ ଟ୍ରେନ୍ / ୦୭ ଯୋଡ଼ା)। ୧୨୮୭୧ / ୧୨୮୭୨ ହାଓଡ଼ା-ଟିଟଲାଗଡ଼-ହାଓଡ଼ା ଏକ୍ସପ୍ରେସ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ, ଏହା ଖୁବ୍ ଶୀଘ୍ର ସୂଚିତ କରାଯିବ। ୫୮୩୦୫ / ୫୮୩୦୬ / ୫୮୩୦୭/ ୫୮୩୦୮ ବଲାଙ୍ଗିର-ସୋନପୁର-ବଲାଙ୍ଗିର ଯାତ୍ରୀ ସେବା ପୁରାଣକଟାକ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ୧୨୮୯୩/୧୨୮୯୪ ଭୁବନେଶ୍ୱର - ସୋନପୁର-ଭୁବନେଶ୍ୱର ସେବା ପୁରାଣକଟକ ପର୍ଯ୍ୟନ୍ତ ସମ୍ପ୍ରସାରିତ। ୨୨୮୧୯/୨୨୮୨୦ ବିଶାଖାପାଟନମ୍-ଭୁବନେଶ୍ୱର-ବିଶାଖାପାଟନମ୍ ଭୁବନେଶ୍ୱର ନୂଆ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ -ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂଆ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ୧୧୦୧୯/ ୧୨୦୨୦ ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ୍-ଭୁବନେଶ୍ୱର- ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ୍ କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ନୂଆ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି।

ଟ୍ରେନ ଚଳାଚଳରେ ବୃଦ୍ଧି : ୧୯୦୨୧/ ୧୯୦୨ ଉଧନା - ବ୍ରହ୍ମପୁର-ଉଧନା ଅମୃତ ଭାରତ



ଏକ୍ସପ୍ରେସ ସାପ୍ତାହିକରୁ ବୃଦ୍ଧି କରାଯାଇ ସପ୍ତାହକୁ ତିନି ଦିନ କରାଯାଇଛି।

ଟ୍ରେନ ଚଳାଚଳ ଦିନରେ ପରିବର୍ତ୍ତନ : ୨୦୭୦୭/ ୨୦୭୦୮ ସିକନ୍ଦରାବାଦ – ବିଶାଖାପାଟନମ୍ – ସିକନ୍ଦରାବାଦ ବନ୍ଦେ ଭାରତ ବର୍ତ୍ତମାନ ସୋମବାର ବ୍ୟତୀତ ସମସ୍ତ ସପ୍ତାହ ଦିବସରେ ଚଳାଚଳ କରିବ। ୨୦୮୩୫ / ୨୦୮୩୬ ରାଉରକେଲା – ପୁରୀ-ରାଉରକେଲା ବନ୍ଦେ ଭାରତ ମଙ୍ଗଳବାର ବ୍ୟତୀତ ସମସ୍ତ ସପ୍ତାହ ଦିବସରେ ଚଳାଚଳ କରିବ।

ଟ୍ରେନଗୁଡ଼ିକର ନମ୍ବରରେ ପରିବର୍ତ୍ତନ / ପରିବର୍ତ୍ତିତ ନମ୍ବର ଯାହାକି ଜାନୁଆରୀ ପହିଲାରୁ ଲାଗୁ ହେବ। ୧୨୮୯୨ ୧୮୪୦୨ ପୁରୀ – ଭଗତ କୀ କୋଠି। ୧୨୮୯୧ ୧୮୪୦୧ ଭଗତ କୀ କୋଠି – ପୁରୀ।

ଟ୍ରେନଗୁଡ଼ିକର ଗତିରେ ବୃଦ୍ଧି (ପ୍ରମୁଖ ଟ୍ରେନ ଗୁଡିକ) : ନିମ୍ନଲିଖିତ ଟ୍ରେନଗୁଡ଼ିକର ଗତିରେ ବୃଦ୍ଧି କରାଯାଇଛି ଏବଂ ଟ୍ରେନ ଆରମ୍ଭ ସ୍ଥଳରୁ ଶେଷ ପର୍ଯ୍ୟନ୍ତ ଚାଲିବା ସମୟ ହ୍ରାସ କରାଯାଇଛି, ୧୨୮୦୫ ବିଶାଖାପାଟନମ୍ – ଲିଙ୍ଗମପାଲି। ୧୨୮୦୬ ଲିଙ୍ଗମ୍ପଲ୍ଲୀ – ବିଶାଖାପାଟନମ୍। ୨୦୮୦୪ଗାନ୍ଧୀଦମ୍ – ବିଶାଖାପାଟନମ୍। ୧୮୪୫୧ ହାଟିଆ – ପୁରୀ (ତାପସ୍ୱିନି ଏକ୍ସପ୍ରେସ) ୧୮୫୨୯ ଦୁର୍ଗ – ବିଶାଖାପାଟନମ୍। ୫୮୩୦୩ ସମ୍ବଲପୁର – ଜୁନଗର ରୋଡ୍। ୧୨୮୧୯ ଭୁବନେଶ୍ୱର – ଆନନ୍ଦ ବିହାର। ୬୮୪୧୩ ତାଳଚର୍ ରୋଡ୍ – ପୁରୀ। ୧୨୮୪୬ ଏସଏମଭିଟି ବେଙ୍ଗାଲୁରୁ – ଭୁବନେଶ୍ୱର। ୧୮୫୭୩ ବିଶାଖାପାଟନମ୍ – ଭାଗବତ କି କୋଥୀ।

ନିମ୍ନଲିଖିତ ଟ୍ରେନ ଗୁଡିକର ରେକ୍ ଏଲଏଚବି କୋଚ୍‌ରେ ରୂପାନ୍ତରିତ କରାଯାଇଛି। ୧୨୮୯୨/ ୧୨୮୯୧ ପୁରୀ – ଭାଗବତ କି କୋଥୀ – ପୁରୀ। ୨୦୮୩୭/୨୦୮୩୮ ଭୁବନେଶ୍ୱର – ଜୁନାଗର ରୋଡ୍ – ଭୁବନେଶ୍ୱର।

ଅତିରିକ୍ତ ଷ୍ଟପେଜଗୁଡିକର ବ୍ୟବସ୍ଥା- ଲୋଇସିଂହା, ନରଲା ରୋଡ୍, ବୋଲଗଡ଼ ଟାଉନ ପିଏଚ୍, ସାନପଦର ପିଏଚ୍, ତରବୋଇ ପିଏଚ୍, ସାକ୍ଷିଗୋପାଳ, ନରା ମାର୍ଥାପୁର, ମଞ୍ଚେଶ୍ୱର, ଭୁଷଣ୍ଡପୁର, ବୋଇଣ୍ଡା, ଥେରୁବାଲି, ଆମ୍ଭୋଦଲା, ଦେଓଗାଓଁ ରୋଡ୍, ତାଳଚେର ରୋଡ୍ ଏବଂ ନିର୍ଗୁଣ୍ଡି ସମେତ ବିଭିନ୍ନ ଷ୍ଟେସନରେ ମୋଟ ୫୬ଟି ଟ୍ରେନକୁ ନୂତନ ଷ୍ଟପେଜ୍ ପ୍ରଦାନ କରାଯାଇଛି।

ଏହାଦ୍ୱାର ଉପକୃତ ହୋଇଥିବା ପ୍ରମୁଖ ଟ୍ରେନ୍‌ଗୁଡିକ ମଧ୍ୟରେ ଟ୍ରେନ୍ ନମ୍ବର ୧୮୦୦୫/୧୮୦୦୬, ୧୮୪୨୩/୧୮୪୨୪, ୬୮୪୨୯–୬୮୪୩୦, ୧୨୮୯୫/୧୨୮୯୬, ୧୫୬୩୯/୧୫୬୪୦, ୧୮୪୪୯/୧୮୪୫୦, ୨୦୮୦୭/୨୦୮୦୮, ୧୨୮୩୭/୧୨୮୩୮ ରହିଛି।

ଟ୍ରେନ ଚଳାଚଳ ସମୟର ସଂଶୋଧନ : ଟ୍ରେନ ନମ୍ବର ୫୮୩୦୩, ୧୮୪୨୨, ୧୮୩୦୨, ୧୮୩୦୪, ୧୮୫୧୬, ୧୮୫୧୭, ୨୨୮୦୯, ୨୨୮୫୩, ୨୨୮୭୩, ୧୮୦୦୫, ୧୮୪୪୭ ଏବଂ ୧୨୮୦୫ ସମେତ ୨୫ଟି ଟ୍ରେନର ସମୟରେ ସଂଶୋଧନ କରାଯାଇଛି।

ଗୁରୁତ୍ୱପୂର୍ଣ୍ଣ ମନୋନୀତ ଷ୍ଟେସନଗୁଡ଼ିକରେ ୧୦ଟି ଟ୍ରେନ ଯଥା ୧୨୧୪୫, ୧୮୪୫୧, ୧୨୮୭୯, ୨୨୮୬୫, ୧୩୩୫୧, ୨୦୮୦୭, ୧୮୦୦୫, ୧୮୫୨୯, ୨୦୮୬୨, ୧୮୪୨୨ ର ସମୟ ସଂଶୋଧନ କରାଯାଇଛି। ପୂର୍ବତଟ ରେଳପଥ ଏହାର ଏହାର ପରିସୀମା ମଧ୍ୟରେ ସମୟାନୁବର୍ତ୍ତିତା, ଯାତ୍ରୀ ଆରାମ ଏବଂ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ପ୍ରତିବଦ୍ଧ। ଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ଯୋଜନା କରିବା ପୂର୍ବରୁ ସରକାରୀ ରେଳବାଇ ତଦନ୍ତ ପ୍ରଣାଳୀ ମାଧ୍ୟମରେ ଅପଡେଟ୍ ହୋଇଥିବା ଟ୍ରେନ୍ ସମୟସୂଚୀ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

# ବେଆଇନ୍ ବାଲି ଉତ୍ତୋଳନ ବେଳେ ଚଢ଼ଉ : ୮ ଏକ୍ସାବେଟର ମେସିନ ଜବତ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅଧୀନସ୍ଥ ମହମ୍ମଦନଗର ପାଟଣା ପଞ୍ଚାୟତ ଚାଳନ୍ତି ଗାଁସ୍ଥିତ ସୁବର୍ଣ୍ଣରେଖା ନଦୀଗର୍ଭରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି ପ୍ରଶାସନ। ଚାଳନ୍ତି ଗାଁ ନିକଟରେ ପରିବେଶକୁ ବିପଦରେ ପକାଇ ନିୟମିତ ବାଲି ଉତ୍ତୋଳନ ହେଉଥିବା ଖବର ପାଇ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଅପରାହ୍ନରେ ଜଳେଶ୍ୱର ତହସିଲଦାରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ୮ଟି ଏକ୍ସାବେଟରକୁ ପ୍ରଶାସନ ଜବତ କରିଛି। ସେଥିରୁ ୬ଟି ଜଳେଶ୍ୱର ଡପିଂୟାର୍ଡକୁ ଆଣି ରଖାଯାଇଛି। ବାକି ଦୁଇଟିକୁ ପୁଲିସ ଜଗି ରହିଛି ବୋଲି ଦେଖିବାକୁ ମିଳିଛି। ଏହି ଚଢ଼ଉରେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ତହସିଲ ରେଭିନ୍ୟୁ ସୁପରଭାଇଜର ଶରତ କୁମାର ବେହେରା, ଗୋପାଳ ମାଝୀ, ଆରଆଇ ସରୋଜ ଭଞ୍ଜ,ରଞ୍ଜନ କୁମାର ପାଣି, ଜଗନ୍ନାଥ ପାତ୍ର, ନିଶିକାନ୍ତ ସିଂ. ଦେବାଞ୍ଜନ ମହାନ୍ତି, ଶାନ୍ତନୁ କୁମାର ପାଢ଼ୀ, ରାଧାକାନ୍ତ ଦେ, ବିମଳ ସୋରେନ୍, ଜଳେଶ୍ୱର ଥାନା ସବ ଇନସପେକ୍ଟର ଚିରଞ୍ଜୀବ ରାଉତ, ଏଏସ୍‌ଆଇ ସୃଷ୍ଟିଧର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଏସଏସ ବ୍ରଦର୍ସ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ : ସାଇଲୋ ଚାମ୍ପିଅନ

**ଜଗତସିଂହପୁର,ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଦାଇଁଲୋ ପଞ୍ଚାୟତ ଦାମୋଦର ପାଟଣା ଖେଳ ପଡ଼ିଆରେ ଏସଏସ ବ୍ରଦର୍ସ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ସାଇଲୋ ବିବିସିଟି ଓ ତୁଳଙ୍ଗ ଜୟ ହନୁମାନ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇଲୋ କ୍ରିକେଟ ଟିମ୍ ଟସ୍ ଜିତି ୧୫ ଓଭରରେ ୬ ଉଇକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ ଜୟ ହନୁମାନ କ୍ରିକେଟ ଟିମ୍ ୧୫ ଓଭର ଖେଳି ୯ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ସାଇଲୋ ବିବିସିଟି ୬୪ ରନରେ ଚାମ୍ପିଅନ ହୋଇଥିଲା। ସୋମ୍ୟ ରଞ୍ଜନ ମଲ୍ଲିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଦିବ୍ୟ ସ୍ମୃତି ସ୍ୱାଇଁ ମ୍ୟାନ ଅଫ ଦି ସିରିଜ



ବିବେଚିତ ହୋଇଥିଲେ। ଆଶିଷ ସେଠି ବେଷ୍ଟ ବୋଲର ଓ ଅଶୋକ ଖୁଣ୍ଟିଆ ବେଷ୍ଟ କିପର ବିବେଚିତ ହୋଇଥିଲେ। ଆମ୍ପାୟାର ଭାବେ ପ୍ରଶାନ୍ତ ମହାପାତ୍ର, ଦୀପ୍ତି ପ୍ରସାଦ ମହାପାତ୍ର, ପ୍ରଶାନ୍ତ ଜେନା ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ପ୍ରୀତି ରଞ୍ଜନ ଦଳାଇ ଖେଳର ବିବରଣୀ ପ୍ରଦାନ କରିଥିଲେ। ଦୀପକ ମହାପାତ୍ର, ଆଶୁତୋଷ ଦାସ, ପରମିତ ସୁନ୍ଦର ଦାସ, ବବୁଲ ମହାପାତ୍ର, ସୁଧୀର ମଲ୍ଲିକ, ବିକାଶ ମଲ୍ଲିକ, ମାନସ ମଲ୍ଲିକ, ଜିତେନ୍ଦ୍ର ବାରିକଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ଉଦ୍‌ଘାଟନ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଦାଇଁଲୋ ସରପଞ୍ଚ ଅନିତା ବାରିକ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡ. ରମାକାନ୍ତ ଭୋଇ, ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସିଂହ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ କ୍ଷୀରୋଦ ବାରିକ, ନିହାର ରଞ୍ଜନ ସାହୁ, ପ୍ରଭାତ କୁମାର ମହାପାତ୍ର, ବିଜିନ ଦାସ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଦଳକୁ ଟ୍ରଫି, ୧୦ ହଜାର ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ୯ ହଜାର ଅର୍ଥ ରାଶି ପ୍ରଦାନ କରିଥିଲେ।

**Government of Odisha "e" Tender Notice**
**Bid Identification No. 20 RWS&S/KJR 2025-26**
**No. 3420 Dt.30.12.2025**
GOVT. OF ODISHA
O-1924
e-mail : eerwss22keonjhar@gmail.com

| | | |
|---|---|---|
| 1 | No. of the work :- | 01 Nos. of Pipe Line Work. |
| 2 | Estimated cost :- | Rs. 15.28 Lakh |
| 3 | Period of completion :- | 03 (Three) Calendar Months |
| 4 | Date and Time of availability of Bid document in the portal:- | From 10.00 Hr 06.01.2026 to 17.00 HR of 15.01.2026 |
| 5 | Last date / Time for receipt of bids in the portal :- | 17.00 Hr of 15.01.2026. |
| 6 | Date of opening of Bid from Portal :- | 10.30 Hr of 16.01.2026. |
| 7 | Name and address of the officer inviting Bid :- | Executive Engineer RWS&S Division, Keonjhar |

Further details can be seen from the e-procurement portal "http://tendersodisha.gov.in"

Sd/- Executive Engineer
OIPR-25023/11/0003/2526 RWS&S Division, Keonjhar

ଭୁବନେଶ୍ୱର
୦୩ ଜାନୁଆରୀ,
ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ବରଗଡ଼ ଧନୁଯାତ୍ରା ମହୋତ୍ସବ : ଆଜି କଂସ ବଧ

**ବରଗଡ଼, ୨୧ୀ**
**ନ୍ୟୁଜ୍‌ବ୍ୟୁରୋ**



ଶେଷ ପର୍ଯ୍ୟାୟରେ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ। ମାମୁଙ୍କ ନିମନ୍ତ୍ରଣ ପାଇ ମଥୁରାରେ ପହଞ୍ଚିଲେ ଶ୍ରୀକୃଷ୍ଣ ଓ ବଳରାମ। ବେନି ଭାଇଙ୍କୁ ବିଦାୟ ବେଳେ ଗୋପପୁର ପାଲଟିଥିଲା ସ୍ତବ୍ଧ। ବେନି ଭାଇଙ୍କୁ ବିଦାୟ ଦେବାବେଳେ ଦୁଃଖରେ ଭାଙ୍ଗିପଡ଼ିଥିଲା ଗୋପପୁର। କୃଷ୍ଣଙ୍କୁ ହତ୍ୟା ପାଇଁ ରାଜ ଦରବାରରେ କଂସ ମହାରାଜା ଷଡ଼ଯନ୍ତ୍ର କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ବରଗଡ଼ ଧନୁଯାତ୍ରା ମହୋତ୍ସବର ଦଶମ ରଜନୀରେ ମଥୁରାରେ ପରିଭ୍ରମଣ କରିଥିଲେ ଶ୍ରୀକୃଷ୍ଣ ଓ ବଳରାମ। ଏହି ସମୟରେ କୁବ୍‌ଜାଙ୍କୁ ଉଦ୍ଧାର କରିଛନ୍ତି ଶ୍ରୀକୃଷ୍ଣ। ଶନିବାର କଂସବଧ ଅନୁଷ୍ଠିତ ହେବ। ଗତ ମାସ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ର ଧନୁଯାତ୍ରା ମହୋତ୍ସବରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଡିସେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହୋଇଥିଲା। ଦୀର୍ଘ ୧୧ଦିନ ବ୍ୟାପୀ ଚାଲିଥିବା ଏହି ମହୋତ୍ସବ ଶନିବାର ଉଦ୍‌ଯାପିତ ହେବ।

## ବର୍ଷକରେ କଟାଗଲା ୩୦୦ କୋଟିରୁ ଅଧିକ ଫାଇନ

**ନୂଆଦିଲ୍ଲୀ, ୨୧ୀ**

ବର୍ଷକ ମଧ୍ୟରେ କଟାଗଲା ୩୦୦ କୋଟିରୁ ଅଧିକ ଟଙ୍କାର ଫାଇନ। ଉତ୍ତରପ୍ରଦେଶର ଗାଜିଆବାଦରେ, ଟ୍ରାଫିକ୍ ପୋଲିସ ୨୦୨୫ ମସିହାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜାନୁଆରୀରୁ ଡିସେମ୍ବର ୨୦୨୫ ମଧ୍ୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନର ପରିସଂଖ୍ୟାନ କେବଳ ଆଶ୍ଚର୍ଯ୍ୟଜନକ ନୁହେଁ ବରଂ ଏହା ମଧ୍ୟ ଦର୍ଶାଉଛି ଯେ ନିୟମ ଅବମାନନା ସାଧାରଣ ଲୋକଙ୍କ ଉପରେ କିପରି କ୍ଷତି ପହଞ୍ଚାଉଛି। ୨୦୨୫ ମସିହାରେ, ଗାଜିଆବାଦ ଟ୍ରାଫିକ୍ ପୋଲିସ ଉଲ୍ଲଂଘନ ପାଇଁ ପ୍ରାୟ ୩୦୦ କୋଟି ଟଙ୍କାର ଜରିମାନା ଆଦାୟ କରିଥିଲା।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଜଣାଉଛନ୍ତି। ପାଖରେ ଅଛନ୍ତି ବିଧାୟକ ବାବୁ ସିଂ ଓ ଅନ୍ୟମାନେ (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଡକ୍ଟର ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଗଣ। (ଫଟୋ : ସମ୍ବାଦ କଳିକା)

## ବ୍ରହ୍ମପୁରରେ ଅଗ୍ନିକାଣ୍ଡ ଜଳିଗଲା ବହୁ ଦୋକାନ

**ବ୍ରହ୍ମପୁର, ୨୧ୀ**
**ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ସହରରେ ଭୟାବହ ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡରେ ଜଳିଗଲା ଏକାଧିକ ଦୋକାନ। ଅଗ୍ନିକାଣ୍ଡ ଯୋଗୁଁ ସହରରେ ଚକ ଅଖ ଜାମ୍। ବ୍ରହ୍ମପୁର ସହର ଫାଷ୍ଟଗେଟ ସ୍ଥିତ ଧୋବାବନ୍ଧ ଭେଣ୍ଡିଂଜୋନରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଫଳରେ ୫ରୁ ଅଧିକ ଦୋକାନ ଜଳି ଯାଇଛି। ବ୍ରହ୍ମପୁର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଭେଣ୍ଡିଂଜୋନରେ ଥିବା ପରିବା ଦୋକାନ, ଡ୍ରେସ ଦୋକାନ, ଓଲ୍ଡ଼ି ଦୋକାନରେ ନିଆଁ ଲାଗିଥିବା ପ୍ରାଥମିକ ଭାବେ ଜଣା ପଡ଼ିଛି। ଅଗ୍ନିକାଣ୍ଡ ଯୋଗୁ ବ୍ରହ୍ମପୁର ପ୍ରବେଶ ପଥରେ ଥିବା ଫାଷ୍ଟଗେଟ ଏବଂ ହରିଡ଼ାଖଣ୍ଡି ଛକରେ ଟ୍ରାଫିକ ଜାମ ହୋଇଥିଲା। ବ୍ରହ୍ମପୁର-ଆସିକା ୫୯ନଂ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଦିଗପହଣ୍ଡି – ବ୍ରହ୍ମପୁର ରାସ୍ତାରେ ମଧ୍ୟ ଯାତାୟାତରେ ବାଧା ଉପୁଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ହୁ ଇଜ୍ ହୁ' ପୁସ୍ତକ ଲୋକାର୍ପିତ

## ଡାଏରୀ ଓ କ୍ୟାଲେଣ୍ଡରକୁ ଲୋକାର୍ପଣ କଲେ ବାଚସ୍ପତି

**ଭୁବନେଶ୍ୱର, ୨୧ୀ**
**ନ୍ୟୁଜ୍‌ବ୍ୟୁରୋ**



ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ଓ ଅବଦାନ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତାଙ୍କର ବଳିଷ୍ଠ ନେତୃତ୍ୱ ଓ ତ୍ୟାଗପୂତ ଜୀବନ ଓଡ଼ିଶାକୁ ବ୍ରିଟିଶ ଶାସନରୁ ମୁକ୍ତ କରି ଜନମାନସରେ ଏକ ନୂତନ କ୍ରାନ୍ତି ଆଣି ଦେଇଥିଲା। ଓଡ଼ିଶାର ମାଟି, ପାଣି, ପବନ ସହ ଓତଃପ୍ରୋତଃ ଭାବେ ଜଡ଼ିତ ଡ. ମହତାବ ସାରା ରାଜ୍ୟରେ ଏକ ସଚେତନ ବାତାବରଣ ସୃଷ୍ଟି କରିଥିଲେ। ମହାତ୍ମା ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଓଡ଼ିଶା ଓ ଭାରତବର୍ଷର ରାଜନୀତିକୁ ସେ ଆଚ୍ଛନ୍ନ କରି ରଖିଥିଲେ। ସ୍ୱାଧୀନତା ସଂଗ୍ରାମ ବ୍ୟତୀତ ସାହିତ୍ୟ ଓ ସଂସ୍କୃତିର ଅଗ୍ରଗତି ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସେ ସୁପ୍ତ ଓଡ଼ିଆ ଜାତିର ପ୍ରାଣରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲେ।

ଶୁକ୍ରବାର ଡ. ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧଦିବସ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସାଂସଦ ଭର୍ତ୍ତୃହରି ମହତାବ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍, ବିଧାୟକ ଅମରେନ୍ଦ୍ର ଦାସ, ବାବୁ ସିଂ, ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ଓମ୍‌ପ୍ରକାଶ ମିଶ୍ର, ରଘୁନାଥ ଜଗଦଲା ଓ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟିକା ସୀମାରାଣୀ ନାୟକ, ଉତ୍କଳ ସମ୍ମିଳନୀର ବରିଷ୍ଠ କର୍ମକର୍ତ୍ତା, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ବିଧାନସଭା ପରିସରରେ ଥିବା ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସପ୍ତଦଶ ଓଡ଼ିଶା ବିଧାନସଭାର 'ଓଡ଼ିଶା ବିଧାନସଭା ସଦସ୍ୟ ପରିଚୟ ଗ୍ରନ୍ଥ 'ହୁ ଇଜ୍ ହୁ'କୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ପ୍ରତି ସାଧାରଣ ନିର୍ବାଚନ ପରେ ବିଧାନସଭାରେ ଏହି ପୁସ୍ତକ ପ୍ରକାଶିତ ହେବାର ପରମ୍ପରା ରହିଛି। ସାଧାରଣତଃ ଏହି ପୁସ୍ତକ ନିର୍ବାଚନରେ ନିର୍ବାଚିତ ହୋଇଥିବା ସଦସ୍ୟଙ୍କ ଜୀବନୀ ଓ ତଥ୍ୟ ଉପରେ ଆଧାରିତ। ଏଥିରେ ସଦସ୍ୟମାନଙ୍କର ଜନ୍ମସ୍ଥାନ, ଜନ୍ମ ତାରିଖ, ନିର୍ବାଚନ ମଣ୍ଡଳୀ, ଜିଲ୍ଲା ଓ ଶିକ୍ଷାଗତ ଯୋଗ୍ୟତା ସହିତ ନିଜର କୃତିତ୍ୱପୂର୍ଣ୍ଣ କାର୍ଯ୍ୟସବୁ ବିଶଦ ଭାବେ ଉଲ୍ଲେଖ ରହିଛି। ଏହା ସହିତ ନିର୍ବାଚନରେ ହୋଇଥିବା ଦଳୀୟ ସ୍ଥିତି, ମହିଳାଙ୍କ ପ୍ରତିନିଧିତ୍ୱ ସଂଖ୍ୟା, କ୍ରମାନ୍ୱୟ ଭାବେ ବୟସର ଅନୁପାତ, ଶିକ୍ଷାଗତ ଯୋଗ୍ୟତା ସହିତ ବିଧାନସଭା ଓ ବିଧାୟକଙ୍କ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏହି ପୁସ୍ତକରେ ସ୍ଥାନିତ ହୋଇଛି। ଏହି ପୁସ୍ତକ ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଗବେଷକ, ବୁଦ୍ଧିଜୀବୀ, ବିଦ୍ୟାର୍ଥୀ ତଥା ଜନସାଧାରଣଙ୍କ ପାଇଁ ନିଶ୍ଚିତ ଭାବେ ଉପାଦେୟ ହୋଇପାରିବା ସହ ଜନସାଧାରଣମାନେ ତାଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କ ବିଷୟରେ ବିଭିନ୍ନ ତଥ୍ୟ ପାଇପାରିବେ।

କାର୍ଯ୍ୟକ୍ରମରେ ବିଧାନସଭା ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ପ୍ରକାଶିତ ଡାଏରୀ ଓ କ୍ୟାଲେଣ୍ଡରକୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଲୋକାର୍ପିତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀମାନେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ। ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ : ଦିନ ୧୧ଟା ଯାଏ ଚିଲିକାରେ ଚାଲିବନି ଡଙ୍ଗା

**ପୁରୀ, ୨୧ୀ**
**ନ୍ୟୁଜ୍‌ବ୍ୟୁରୋ**

ଚିଲିକା ପର୍ଯ୍ୟଟକଙ୍କ ପାଇଁ ସତର୍କ ସୂଚନା। କୁହୁଡ଼ି ପାଇଁ ଚିଲିକାରେ ଡଙ୍ଗା ଚଳାଚଳକୁ ନେଇ ଲାଗିଲା କଟକଣା। ଗୁରୁବାରର ଅଘଟଣ ପରେ ପୁରୀ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଦିନ ୧୧ଟା ପର୍ଯ୍ୟନ୍ତ ଚିଲିକାରେ କୌଣସି ପ୍ରକାର ଡଙ୍ଗା ଚାଲିବନି। ପର୍ଯ୍ୟଟକଙ୍କ ବୋଟ୍, ଛୋଟ ମଟର, ମାଲ୍‌ବାହୀ ଡଙ୍ଗା ଓ ଭସାପୋଲ ସବୁକିଛିରେ କଟକଣା ଲଗାଇଛନ୍ତି ପୁରୀ ଜିଲ୍ଲାପାଳ। ପ୍ରବଳ କୁହୁଡ଼ିରେ ଚିଲିକା ଅଞ୍ଚଳରେ ଦୃଶ୍ୟମାନତା କମୁଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି କଡ଼ା ପଦକ୍ଷେପ ନିଆଯାଇଛି।

କୁହୁଡ଼ି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ପୁରୀ ଜିଲ୍ଲାପାଳ। ଘନ କୁହୁଡ଼ି ସମୟରେ କୌଣସି ବି ପରିବହନ ଯେପରି ନ ହୁଏ ତାକୁ ନଜର ରଖିବେ ପୁଲିସ ଓ ସ୍ଥାନୀୟ ପ୍ରଶାସନ। ଏନେଇ ସ୍ଥାନୀୟ ଲୋକଙ୍କୁ ଡାକ ବାଜି ଯନ୍ତ୍ର ଦ୍ୱାରା ସଚେତନ କରାଇଛନ୍ତି ସ୍ଥାନୀୟ ବିଡିଓ। ଗୁରୁବାର କୁହୁଡ଼ି ଯୋଗୁଁ ଏକ ଭସାପୋଲ ଚିଲିକା ମଝିରେ ଫସିଥିଲା। ସେଥିରୁ ଖସିପଡ଼ି ଜଣେ ବ୍ୟକ୍ତିଙ୍କ ଜୀବନ ମଧ୍ୟ ଚାଲି ଯାଇଥିଲା। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ଏ କଡ଼ା ନିଷ୍ପତ୍ତିକୁ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

ଏ ନେଇ ପୁରୀ ଏସପି, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଓ କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀଙ୍କୁ ଚିଠି ହୋଇଛି।

ଅପରପକ୍ଷେ ଘନ କୁହୁଡ଼ି ଯୋଗୁଁ ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ନୟାଗଡ଼, ଅନୁଗୁଳ, ସମ୍ବଲପୁର, ତାଳଚେର, ଢେଙ୍କାନାଳ ଓ ବୌଦ୍ଧରେ ଘନକୁହୁଡ଼ି ଯୋଗୁଁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖରା ଦୃଶ୍ୟମାନ ହୋଇ ନଥିଲା। ଏସବୁ ଅଞ୍ଚଳରେ ଦୃଶ୍ୟମାନ ଦୂରତା ୫୦ ମିଟରରୁ ବି କମ୍ ରହିଥିଲା। ଏଥିସହ ଭୁବନେଶ୍ୱର, ପାରାଦୀପ, ଖୋର୍ଦ୍ଧା, କେନ୍ଦୁଝର, ହୀରାକୁଦ, ପାରଳାଖେମୁଣ୍ଡି, ସୋନପୁର ଓ ଫୁଲବାଣୀରେ ଘନ କୁହୁଡ଼ି ଦେଖାଯାଇଥିଲା।

## ଘନ କୁହୁଡ଼ି ଯୋଗୁ ଭୁବନେଶ୍ୱର ଏୟାରପୋର୍ଟରେ ବିମାନ ଉଡ଼ାଣ ବାତିଲ

**ଭୁବନେଶ୍ୱର, ୨୧ୀ:ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ବିମାନ ବନ୍ଦର ପରିସରରେ ଘନ କୁହୁଡ଼ି କାରଣରୁ ସକାଳ ସମୟରେ ରନ୍‌ୱେ ଦୃଶ୍ୟମାନ କମ୍ ଥିଲା। ଗୁରୁବାର ଭଳି ଶୁକ୍ରବାର ମଧ୍ୟ କିଛି ବିମାନ ଚଳାଚଳ ବାତିଲ କରାଯାଇଛି ଏବଂ କିଛି ବିମାନର ଉଡ଼ାଣ ବିଳମ୍ବ ହୋଇଛି। ଅତି କମ୍‌ରେ ଦୃଶ୍ୟମାନ ୫୫୦ ମିଟର ରହିଲେ ବିମାନ ଉଡାଣ ଓ ଅବତରଣ ହୋଇଥାଏ। ଗୁରୁବାରର ଘନ କୁହୁଡି ପାଇଁ ଶୁକ୍ରବାର ସକାଳେ ଥିବା ବିମାନକୁ ଏୟାର ଲାଇନ୍ସ ରିସିଡ୍ୟୁଲ କରିଥିଲେ। କିଛି ବିମାନ ଉଡାଣ ସମୟ ପରିବର୍ତ୍ତନ କରାଯାଇଛି। ଏୟାର ଇଣ୍ଡିଆ ସକାଳ ଦିଲ୍ଲୀ ବିମାନ ବାତିଲ କରାଯାଇଛି। ସକାଳ ୮ ପର୍ଯ୍ୟନ୍ତ କୁହୁଡ଼ି ହୋଇଥିବାରୁ ରିସିଡ୍ୟୁଲ କରାଯାଇଛି। ଭୁବନେଶ୍ୱରରେ କେବଳ ନୁହେଁ ଉତ୍ତର ଭାରତରେ ମଧ୍ୟ କୁହୁଡ଼ିର ପ୍ରଭାବରେ ବିମାନ ଚଳାଚଳରେ ବିଳମ୍ବ ହୋଇଛି। ଘରୁ ବାହାରିବା ଆଗରୁ ବିମାନ ସମୟ କେତେବେଳେ ବିମାନ ଅଛି , ସମୟ କେତେବେଳେ ପରିବର୍ତ୍ତନ ହେଇଛି ସବୁ ଯାଞ୍ଚ କରି ଆସିବା ପାଇଁ କହିଛନ୍ତି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ।

## ଖଣ୍ଡଗିରି ମାଘ ମେଳା ଯାତ୍ରାରେ ହେବନି ଅଶ୍ଳୀଳ ନୃତ୍ୟ ପରିବେଷଣ

**ଭୁବନେଶ୍ୱର, ୨୧ୀ:ନ୍ୟୁଜ୍‌ବ୍ୟୁରୋ**

ମାଘ ମେଳା ପାଖେଇ ଆସୁଥିବା ବେଳେ ଅଶ୍ଳୀଳ ନୃତ୍ୟକୁ ନେଇ ବଡ଼ ଘୋଷଣା କରିଛନ୍ତି ମେୟର ସୁଲୋଚନା ଦାସ। ଖଣ୍ଡଗିରି ମାଘ ମେଳାରେ ହେବନି ଅଶ୍ଳୀଳ ନୃତ୍ୟ। ମୋଟ ସାତୋଟି ପେଣ୍ଡାଲରେ ଯାତ୍ରା ପରିବେଷଣ ହେବ। ତେବେ ଯାତ୍ରା ସମୟରେ କୌଣସି ଅଶ୍ଳୀଳ ନୃତ୍ୟ କରିପାରିବେ ନାହିଁ। ମେଳାରେ ଲାଗିବ ୧୦୦ଟି ସିସିଟିଭି। ବିଏମସିର ପ୍ରସ୍ତୁତି ବୈଠକ ପରେ ମେୟର ସୁଲୋଚନା ଦାସ ଏହି ସୂଚନା ଦେଇଛନ୍ତି। ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଥିବା ବେଳେ ଚୋରି ରୋକିବା ପାଇଁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ।

# ପେଟାନାଳର ଉନ୍ନତିକରଣ ନିମନ୍ତେ ୨୯ କୋଟି ଟଙ୍କା ମଞ୍ଜୁର

**କଟକ, ୨୧ୀ**
**ନ୍ୟୁଜ୍‌ବ୍ୟୁରୋ**

କଟକ ସହରର ସର୍ବପୁରାତନ ନାଳ ମଧ୍ୟରୁ ପରିଚିତ ପେଟାନାଳର ଉନ୍ନତିକରଣ ନିମନ୍ତେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ୨୯ କୋଟି ୩୬ ଲକ୍ଷ ୨୩ ହଜାର ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି। ଏଥି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୮ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀ ଅଭିନାଶ ରାଉଳ ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହି ପରିମାଣର ଅର୍ଥ ମିଳିଥିବାରୁ ଫେଜ-୧ର ବଳକା କାର୍ଯ୍ୟ କରାଯିବ। କୃଷକ ବଜାର ପୋଲ ଠାରୁ ୨.୭ କି.ମି. ନାଳ ବିଡାନାସୀ ପୋଲ ପର୍ଯ୍ୟନ୍ତ ସମ୍ପର୍ଣ କରାଯିବ। ସୂଚନାଯୋଗ୍ୟ ଯେ, ସହରର ଉନ୍ନତିକରଣ ନିମନ୍ତେ ବିଧାୟିକା ଶୋଫିଆ ଫିର୍ଦୋଷ ବିଧାନସଭାରେ ତଥ୍ୟ ଉପସ୍ଥାପନା କରିଥିବା ବେଳେ କେବଳ ପେଟାନାଳକୁ ଗୁରୁତ୍ୱ ଦେଇଥିଲେ। ବାରମ୍ବାର ଦାବି ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ଫ୍ଲଡ୍ କଣ୍ଟ୍ରୋଲ ବୋର୍ଡକୁ ତଦାରଖ କରିବା ସହ ତଦନ୍ତ ରିପୋର୍ଟ ମାଗିବା ପରେ ରାଜ୍ୟ ଫ୍ଲଡ୍ କଣ୍ଟ୍ରୋଲ ବୋର୍ଡ ଫେଜ୍ ଏକର ବକେୟା କାର୍ଯ୍ୟ ପାଇଁ ରିପୋର୍ଟ ପ୍ରଦାନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁପାରିସ କ୍ରମେ ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଥିଲା। ଏହି ଅର୍ଥ ବିନିଯୋଗ କ୍ରମେ ଆସନ୍ତା ୨୦୨୭ ଜୁନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌରଭ ସାହୁ କହିଛନ୍ତି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଚାଲିଗଲା ୩ ଜଣଙ୍କ ଜୀବନ

**ବାରିପଦା/ରାଇରଙ୍ଗପୁର, ୨୧ୀ**
**ନ୍ୟୁଜ୍‌ବ୍ୟୁରୋ**



ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଚାଲିଯାଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁବସା ନିକଟସ୍ଥ ରାଣୀବନ୍ଧ ସମ୍ମୁଖ ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଦ୍ରୁତଗାମୀ ବସ୍ ଧକ୍କା ଦେବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନଙ୍କ ମଧ୍ୟରୁ ଜଣେ ତିରିଂ ଥାନା ଅନ୍ତର୍ଗତ ବଡ଼ଡ଼ାଲିମା ଅଞ୍ଚଳର ରତନସାହି ଗ୍ରାମର ରତିକାନ୍ତ ବେହେରାଙ୍କ ପୁଅ ବିକାଶ ବେହେରା (୨୬), ଝାଡ଼ଖଣ୍ଡ ରାଜ୍ୟର ସରେଇକଳା ଥାନା ଅନ୍ତର୍ଗତ ଆଦିତ୍ୟପୁର ଅଞ୍ଚଳର ରତିରମଣ ଦେବବର୍ମାଙ୍କ ପୁଅ ପ୍ରବୀର ଦେବବର୍ମା (୨୬) ଓ ତ୍ରିପୁରା ରାଜ୍ୟର ସିପାହିଜୋଲା ଜିଲ୍ଲାର ବିଶାଳଗଡ଼ ଥାନା ଅନ୍ତର୍ଗତ ସୁଦୀପ ଦେବବର୍ମାଙ୍କ ପୁଅ ବିକାଶ ଦେବବର୍ମା (୨୮) ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ବିକାଶ ତାଙ୍କ ଦୁଇ ଜଣ ବନ୍ଧୁଙ୍କୁ ବାଇକ୍ ଯୋଗେ ରାଇରଙ୍ଗପୁର ପଟକୁ ଯାଉଥିଲେ। ଦିନ ପ୍ରାୟ ୧.୩୦ ସମୟରେ ରାଣିବନ୍ଧ ନିକଟରେ ଏକ ଯାତ୍ରୀବାହୀ ବସ୍ ରାଇରଙ୍ଗପୁରରୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ହଠାତ ଦ୍ରୁତଗାମୀ ବସ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକମାନେ ପୋଲିସ ଓ ଆମ୍ବୁଲାନ୍ସଙ୍କୁ ଖବର ଦେଇଥିଲେ। ସମସ୍ତ ୩ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଯାଇଥିଲା। ହସ୍ପିଟାଲରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଥାନା ଅଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ସରକାରୀ ନିୟମ ଅନୁଯାୟୀ ଘଟଣାର ତଦନ୍ତ କରି କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ହେବା ସହ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ମୃତକଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

## ଭିଜିଲାନ୍ସ ଜାଲରେ ମହାବିଦ୍ୟାଳୟର ପୂର୍ବତନ ପ୍ରିନ୍ସିପାଲ ଓ ଅଧକ୍ଷ

**ଭୁବନେଶ୍ୱର, ୨୧ୀ**
**ନ୍ୟୁଜ୍‌ବ୍ୟୁରୋ**

ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟ, ଯାଜପୁରର ପୂର୍ବତନ ପ୍ରିନ୍ସିପାଲ ଓ ଓଡ଼ିଆ ବିଭାଗର ଅଧ୍ୟାପକ ଅଦ୍ୱୈତ ପ୍ରସାଦ ମଲ୍ଲିକ ଏବଂ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ବଦ୍ରୀ ନାରାୟଣ ରାୟଙ୍କୁ ୩୨,୦୭,୬୨୦ ସରକାରୀ ଧନ ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଉକ୍ତ ଧନରାଶି ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଚାଲୁଥିବା ସ୍ୱୟଂ-ସୁରକ୍ଷା କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ମଞ୍ଜୁରୀ ପାଇଥିଲା, ଯାହାକୁ ଦୁଇ ଅଭିଯୁକ୍ତ ଦୁରୁପଯୋଗ କରି ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ଅଦ୍ୱୈତ ପ୍ରସାଦ ମଲ୍ଲିକ ଏବଂ ବଦ୍ରୀ ନାରାୟଣ ରାୟଙ୍କୁ ଶୁକ୍ରବାର ଅଦାଲତରେ ହାଜର କରାଯାଇଥିଲା। ମାମଲାର ଅଧିକ ତଦନ୍ତ ଭିଜିଲାନ୍ସ ପକ୍ଷରୁ ଜାରି ରହିଛି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com



## ବଜାରରେ ଉପଲବ୍ଧ...

### "କଥାକଳିକା"
### ନୂଆବର୍ଷ–୨୦୨୬ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** କମଳା ଶତପଥୀ
**ସମକାଳର କଥା :** ଶଶି ଭୂଷଣ ମହାନ୍ତି, ରୁମ୍‌ଝୁମ୍ ନାୟକ, ସୁଷମା ପରିଜା, ପ୍ରଭାତ ସିହ୍ନା, ଅରୁଣ କୁମାର ପଟ୍ଟନାୟକ, ଜାକିର ଖାନ୍, ଅନୁସୂୟା ପଣ୍ଡା, ବିଜୟ କୁମାର ସାହୁ, ଅଜୟ ପ୍ରଧାନ।
**ଅନ୍ୟ ଭାଷାର କଥା :** ଛବିରାଣୀ ପତି
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟ ଦର୍ଶନୀ ଦାସ, ସ୍ରୋତସ୍ୱିନୀ ପରିଡା, ସୁନନ୍ଦା ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା–୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)